# ଧରିତ୍ରୀ DHARITRI

୪୭

ଢେଙ୍କାନାଳ, ସୋମବାର, ନଭେମ୍ବର ୩୦/୨୦୨୦ (୧୬ ପୃଷ୍ଠା) | Dhenkanal, Monday, November 30/2020 | ★★★★★

୧୬ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମୌରିସିଓଙ୍କ ଡବଲ ଗୋଲ

ଡିଏଗୋ ମୌରିସିଓଙ୍କ ଡବଲ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଇଣ୍ଡିଆନ ସୁପରଲିଗର ଜାମସେଦପୁର ଏଫ୍‌ସି ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି।

୧୩

୧୪

## ରଶ୍ମିଙ୍କ ବିକିନି ଫଟୋ ଭାଇରାଲ

ଟେଲି ଅଭିନେତ୍ରୀ ରଶ୍ମି ପିଙ୍କ୍ କଲର୍ ଏକ ବିକ୍‌ନୀ ପିନ୍ଧିଥିବା ନଜର୍ ଆସିଛନ୍ତି। ଫଟୋଟି ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି।



# ମାସେ ପୂର୍ବରୁ ସରିଲା



**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନ ନିର୍ଦ୍ଧାରିତ କାର୍ଯ୍ୟସୂଚୀର ୩୦ଦିନ ପୂର୍ବରୁ ଶେଷ ହୋଇଛି। କୋଭିଡ୍ କଟକଣା ଭିତରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ମାତ୍ର ୧୦ ଦିନରେ ଶେଷ ହୋଇଛି। ୨୦୨୦-୨୧ ବର୍ଷ ପାଇଁ ୧୧,୭୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ସହ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ବ୍ୟୟମଞ୍ଜୁରୀ ବିଲ୍ ପାରିତ ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଅନାବଶ୍ୟକ ଉତ୍କଣ୍ଠା

# ଆରମ୍ଭରୁ ହାତ ଟେକିଲେଣି

**ଯୋଡ଼ା,୨୯।୧୧(ଡି.ଏନ୍.ଏ.)**

ଚଳିତବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ରାଜ୍ୟର ବିଭିନ୍ନ ଖଣିମଣ୍ଡଳର ୧୭ଟି ଲୁହାପଥର ଖଣି ପାଇଁ ୨୦୧୯ ଶେଷ ଭାଗରେ ନିଲାମ ଡକାଯାଇଥିଲା। ସେଥିମଧ୍ୟରୁ ଯୋଡ଼ା ଖଣିମଣ୍ଡଳରେ ୯ଟି ଖଣି ରହିଥିଲା। ନିଲାମ ପ୍ରକ୍ରିୟାରେ ବହୁ କମ୍ପାନୀ ପ୍ରତିଦ୍ୱନ୍ଦ୍ୱିତା କରି ଖଣି ହାତେଇ ଥିଲେ। ଏପରି କି କିଛି କମ୍ପାନୀ ଖଣିଜ ବିକ୍ରି ମୂଲ୍ୟର ଯଥେଷ୍ଟ ଅଧିକ ଅର୍ଥାତ୍ ୧୫୪%ରେ ମଧ୍ୟ ଖଣି ନିଲାମ ନେଇଛନ୍ତି। ଏହି ନିଲାମ ପରେ ସର୍ବାଧିକ ରାଜସ୍ୱ ଆଦାୟ ହେବ ବୋଲି ସରକାରଙ୍କ ପକ୍ଷରୁ ଆକଳନ କରାଯାଇଥିଲା। ଖଣି ହାତେଇଥିବା କମ୍ପାନୀଗୁଡ଼ିକ ୨୦୨୦-୨୧ ଆର୍ଥିକ ବର୍ଷରେ ୬୫ରୁ ୭୦ ମିଲିୟନ୍ ଟନ୍ ଲୁହାପଥର ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ଏହି ଲକ୍ଷ୍ୟ ପୂରଣ ହେବା ଆଶା ସମ୍ଭବପର ନୁହେଁ। ଖଣିଜ ଉତ୍ତୋଳନ ପାଇଁ ସମସ୍ତ ଖର୍ଚ୍ଚର ଆକଳନ ପରେ ନିଲାମ ଡାକିଥିବା ଅର୍ଥ ସରକାରଙ୍କୁ ପଇଠ କରିବା ଅସମ୍ଭବ ବୋଲି ଜାଣି ଯୋଡ଼ା ଓ କୋଇଡ଼ା ଖଣି ମଣ୍ଡଳର କିଛି ଖଣି କମ୍ପାନୀ ହାତ ଟେକି ଦେଲେଣି। ଏନେଇ ଚଳିତ ମାସରେ ଉକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାରଙ୍କୁ ଅବଗତ କରାଇ ନିଜକୁ ଏଥିରୁ ଓହରାଇ ନେବାକୁ ଆବେଦନ କରିଥିବା ଖଣି ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରେ କୋଇଡ଼ା ଖଣି ମଣ୍ଡଳର ନଦୀଡିହି ଲୁହାପଥର ଖଣି(ଡି ଫୋମେଣ୍ଟୋ ଇଣ୍ଡଷ୍ଟ୍ରିଆଲ ପ୍ରାଇଭେଟ ଲିମିଟେଡ୍), ନଦୀଡିହି ଲୁହା ପଥର ଓ ମାଙ୍ଗାନିଜ୍ ଖଣି(ବିଶାଲ ଏଲ୍‌ପିଜି ଫୁଏଲ୍‌ସ ପ୍ରାଇଭେଟ ଲିମିଟେଡ୍) ଏବଂ ତେହେରାଇ ଲୁହାପଥର ଏବଂ ମାଙ୍ଗାନିଜ ଖଣି(ତମରା ଆପାର୍ଟମେଣ୍ଟ ପ୍ରାଇଭେଟ ଲିମିଟେଡ୍) ରହିଛି। ଏହି ଖଣିଗୁଡ଼ିକରେ ପ୍ରାୟ ୬ହଜାର ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ତେବେ ଖଣିଜ ଉତ୍ତୋଳନରେ ବିଳମ୍ବ ହେଉଥିବା କାରଣରୁ ଲୋକମାନେ ନିଜର ଭବିଷ୍ୟତ ରୋଜଗାରକୁ ନେଇ ସନ୍ଦିହାନରେ ଅଛନ୍ତି।



ନିଲାମ ନେଇ ଖଣିଜ ଉତ୍ତୋଳନ ପାଇଁ ଅସମର୍ଥ ଥିବା ଦର୍ଶାଇବା ପରେ ସରକାର ଉକ୍ତ ଖଣିଗୁଡ଼ିକର ପୁନଃ ନିଲାମ ପ୍ରକ୍ରିୟା କରିବେ କି ଅନ୍ୟ ଉପାୟ ଅବଲମ୍ବନ କରି ଖଣି ଚଳାଇବେ, ତାହା ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ। ନିୟମ ଅନୁସାରେ ଯେଉଁ ଖଣି କମ୍ପାନୀ ନିଲାମରୁ ଓହରି ଯିବାକୁ ଚାହୁଁଛନ୍ତି ସେମାନେ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ କୌଣସି ଖଣି ନିଲାମରେ ଭାଗ ନେଇପାରିବେ ନାହିଁ। ତେଣୁ ଉକ୍ତ ଖଣି ଗୁଡ଼ିକରେ କାର୍ଯ୍ୟ କରୁଥିବା ଲୋକେ ଏବେ ଆଶଙ୍କାରେ ରହିଛନ୍ତି। ଏପରି କି ଚଳିତ ବର୍ଷ ଶତାଧିକ ଶ୍ରମିକ କାର୍ଯ୍ୟହରା ହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଗଲେଣି ବୋଲି ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି। ଅନ୍ୟପକ୍ଷେ କାଁ ଭାଁ ଚାଲୁଥିବା କିଛି ହାତଗଣତି ଖଣିରେ ଶ୍ରମିକ ନିଯୁକ୍ତିକୁ ନେଇ ଆନ୍ଦୋଳନ, ଧର୍ମଘଟ, ଧାରଣା ବୃଦ୍ଧି ପାଇବାରେ ଲାଗିଛି। ପରିବହନ କ୍ଷେତ୍ରରେ ମଧ୍ୟ ଟ୍ରକ ମାଲିକଙ୍କ ସହିତ ନିର୍ଦ୍ଧାରିତ ମୂଲ୍ୟକୁ ନେଇ ନୂତନ ଖଣି ନିଲାମଧାରୀମାନଙ୍କ ବିବାଦ ଘନେଇବାରେ ଲାଗିଛି। ଶତପ୍ରତିଶତରୁ ଅଧିକ ପ୍ରିମିୟମ ଦେଇ କେତେକ ସଂସ୍ଥା ଖଣି ଲିଜ୍ ନେଇଥିବାରୁ କ୍ଷତିଭରଣା ପାଇଁ ଚଞ୍ଚକତା କରି ଖଣିଜ ପଦାର୍ଥର ମାନରେ ହେର୍‌ଫେର୍ ଆରମ୍ଭ କଲେଣି। ନିକଟ ଅତୀତରେ ଏହାର ଉଦାହରଣ ଦେଖିବାକୁ ମିଳିଥିଲା। କେତେକ ଖଣି ସଂସ୍ଥା କ୍ଷତି ଭରଣା କରିବା ସହିତ ଲାଭ ଉଠାଇବା ପାଇଁ ସରକାରଙ୍କ ନିର୍ଦ୍ଧାରିତ ନୀତି ପାଳନ କରୁ ନ ☞ପୃଷ୍ଠା-୪

# ବିଜେଡିରୁ ପ୍ରଦୀପ ବହିଷ୍କୃତ



ପ୍ରଦୀପ ପାଣିଗ୍ରାହୀ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀଙ୍କୁ ରବିବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଜନବିରୋଧୀ କାର୍ଯ୍ୟ ଅଭିଯୋଗ ଅଣାଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦଳ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ନିକଟରେ ଆଇଏଫ୍‌ଏସ୍ ଅଧିକାରୀ ତଥା ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଛନ୍ତି। ଏହାସହ ତାଙ୍କ ପୁଅ ଆକାଶ ପାଠକଙ୍କୁ ମଧ୍ୟ ଗିରଫ କରାଯାଇଛି। ଟାଟା ମୋଟର୍ସ ନାଁରେ ଆକାଶ ନିଯୁକ୍ତି ଦେବେ ବୋଲି କହି ଠକେଇ କରୁଥିବା ☞ପୃଷ୍ଠା-୪

## ଚିଠି କାଳ ହେଲା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିର ବହିଷ୍କାର କାର୍ଯ୍ୟାନୁଷ୍ଠାନକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦଳ ତରଫରୁ ତାଙ୍କ ଜନବିରୋଧୀ କାର୍ଯ୍ୟର ପ୍ରମାଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପରିବାର ସପକ୍ଷରେ ମଧ୍ୟ ସେ ମତ ରଖିଛନ୍ତି। ସେହିପରି ପ୍ରଦୀପଙ୍କ ସ୍ତ୍ରୀ ସୁଜାତା ପାଣିଗ୍ରାହୀ ଦଳର କାର୍ଯ୍ୟାନୁଷ୍ଠାନ ବିରୋଧରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଦୀପ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କେଉଁ ପ୍ରକାର ଜନବିରୋଧୀ କାର୍ଯ୍ୟ ତାଙ୍କ ଦ୍ୱାରା ହୋଇଛି ଦଳ ସେନେଇ ସ୍ପଷ୍ଟୀକରଣ ଦେଉ। ୧୫ଟି ବିଧାନସଭା ଆସନ ଦାୟିତ୍ୱରେ ରହିଥିଲେ, ସେଥିରୁ ୧୨ଟି ଜିତାଇଥିଲେ। ଦଳୀୟ ପ୍ରାର୍ଥୀଙ୍କୁ ତାଙ୍କ ଜରିଆରେ ପାଣ୍ଠି ପ୍ରଦାନ କରାଯାଇଥିଲା। ଯଦି ସେଥିରେ କିଛି ତ୍ରୁଟି ଅଛି, ତା'ର ପ୍ରମାଣ ଦିଆଯାଉ। ଜିଲାରୁ ବାଲି, ମୋରମ ଚାଲାଣ ପ୍ରସଙ୍ଗ ଉଠାଇଥିଲେ। କୌଣସି ବାଲି ମାଫିଆଙ୍କଠାରୁ ଟଙ୍କା ନେଇନାହାନ୍ତି। ଜିଲାରେ ୮୦ ମଦ ଦୋକାନ ଥିଲେ ମଧ୍ୟ ☞ପୃଷ୍ଠା-୪


#TogetherToWin

HCG PANDA CANCER HOSPITAL

adding life to years

1ST IT'S TRUE. NOBODY KNOWS CANCER LIKE WE DO.

LEADER IN ONCOLOGY* - All India Critical Care Hospital Ranking Survey 2020

A decade of adding life to years. Making Odisha proud.

HCG Panda Cancer Hospital has been recognized as the best for its quality cancer care in the state of Odisha by The Times Health - All India Critical Care Ranking Survey 2020 and as also, one of the best in India.

- The first and the most powerful cancer treating platform in Odisha – TrueBEAM®
- Precise Diagnosis complemented with cutting edge cancer treating technologies for best outcomes
- State-of-the-art Pathology integrated with Genomics for accurate results
- The best and the largest multi-disciplinary team of specialist oncologists in Odisha.
- A network of 24 cancer centres across India
- The expertise of over 400 specialist oncologists practicing value-based medicine
- Complemented with support system to ensure quality of life post treatment
- Patient outcomes comparable to the best cancer centers in the world**

MEDICAL ONCOLOGY | SURGICAL ONCOLOGY | RADIATION ONCOLOGY | PET-CT

DAYCARE WITH CHEMOTHERAPY | HAEMATO ONCOLOGY | MULTI-DISCIPLINARY APPROACH

HCG Panda Cancer Hospital, NH- 16, Telengapentha, Cuttack, Odisha

HCG Daycare Centre, Jayadev Vihar, Bhubaneswar, Odisha

For virtual consultation, visit hcgoncology.com. For appointments, call 06717116999 | 7406499999

*The only cancer hospital listed from Odisha in the survey. **Source:Harvard Business Review Study - 2013

**କେନ୍ଦ୍ରୀୟ ଏସିଆରୁ ୫୦ ବୈଜ୍ଞାନିକଙ୍କୁ ଫେରାଇ ଆଣିଲା ବାୟୁସେନା**

ବାୟୁସେନା ଏକ ସ୍ୱତନ୍ତ୍ର ରେସ୍କ୍ୟୁ ମିଶନ୍‌ରେ କେନ୍ଦ୍ରୀୟ ଏସିଆରେ ଥିବା ୫୦ ଜଣ ଭାରତୀୟ ବୈଜ୍ଞାନିକଙ୍କୁ ଫେରାଇ ଆଣିଛି। ସେମାନଙ୍କ ମଧ୍ୟରେ କେତେଜଣ କରୋନା ଆକ୍ରାନ୍ତ ଥିଲେ। କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରରୁ ସି-୧୭ ଗ୍ଲୋବ୍‌ମାଷ୍ଟର ପରିବହନ ବିମାନରେ ବୈଜ୍ଞାନିକମାନଙ୍କୁ ଅଣାଯାଇଛି।



## ସଂକ୍ଷେପରେ

### କୃଷକ ଆନ୍ଦୋଳନ ସ୍ଥଳରେ ସ୍ୱେଚ୍ଛାସେବୀ ଜଳିଗଲେ

**ନୂଆଦିଲ୍ଲୀ, ୨୯।୧୧:** ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକଙ୍କୁ ସ୍ୱେଚ୍ଛାକୃତ ଭାବେ ସହାୟତା କରୁଥିବା ପଞ୍ଜାବର ଜଣେ ୫୫ ବର୍ଷୀୟ ବ୍ୟକ୍ତି ଶନିବାର ରାତିରେ କାର୍‌ରେ ଶୋଇଥିବାବେଳେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଜନକ ରାଜ ନାମକ ଏହି ବ୍ୟକ୍ତି ଜଣେ ଟ୍ରାକ୍ଟର ମେକାନିକ୍। ଆନ୍ଦୋଳନରେ ଯୋଗଦେବା ପାଇଁ କୃଷକମାନେ ଟ୍ରାକ୍ଟରରେ ଆସିଥିବାରୁ ସେ ସ୍ୱେଚ୍ଛାକୃତ ଭାବେ ସେଗୁଡ଼ିକର ମରାମତି କରୁଥିଲେ। କାମ ସାରିବା ପରେ ସେ ବିଳମ୍ବିତ ରାତିରେ ଦିଲ୍ଲୀ-ହରିୟାଣା ସୀମାର ବାହାଦୁରଗଡ଼ ନିକଟରେ କାର୍‌ରେ ଶୋଇଥିଲେ। କୌଣସି କାରଣରୁ କାର୍‌ରେ ନିଆଁ ଲାଗି ସେ ଜଳିଯାଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷା ଦେବ ଆଣ୍ଟିଡ୍ରୋନ୍ ସିଷ୍ଟମ୍

**ନୂଆଦିଲ୍ଲୀ, ୨୯।୧୧(ପି.ଟି.):** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଶତ୍ରୁପକ୍ଷର ଡ୍ରୋନ୍‌କୁ ଧ୍ୱଂସ କରିବା ପାଇଁ ଏକ ଆଣ୍ଟିଡ୍ରୋନ୍ ପ୍ରଯୁକ୍ତିର ବିକାଶ କରିଛି। ସଶସ୍ତ୍ର ବାହିନୀ ପାଇଁ ଏହି ଆଣ୍ଟିଡ୍ରୋନ୍ ସିଷ୍ଟମ ଭାରତ ଇଲେକ୍ଟ୍ରୋନିକ୍ସ ନିର୍ମାଣ କରିବ। ୨୦୨୦ ବର୍ଷ ଆରମ୍ଭରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଡ୍ରୋନ୍ ଆକ୍ରମଣ ଭୟ ଥିବାରୁ ତାଙ୍କ ସୁରକ୍ଷାରେ ମଧ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ନିୟୋଜିତ ହେବ। ପାକିସ୍ତାନୀ ଆତଙ୍କବାଦୀମାନେ ଚାଇନା ନିର୍ମିତ ବ୍ୟବସାୟିକ ଡ୍ରୋନ୍ ସହାୟତାରେ ନିୟନ୍ତ୍ରଣ ରେଖା ସେପଟୁ ଜମ୍ମୁ-କଶ୍ମୀରକୁ ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ ପଠାଉଛନ୍ତି।

### ଲଭ୍ ଜିହାଦ ନିରୋଧୀ ଆଇନରେ ପ୍ରଥମ ମାମଲା

**ଲକ୍ଷ୍ନୌ, ୨୯।୧୧:** ଉତ୍ତରପ୍ରଦେଶର ନୂଆ ଧର୍ମାନ୍ତରୀକରଣ ନିରାକରଣ ଆଇନ (ଲଭ୍ ଜିହାଦ ନିରୋଧୀ ଆଇନ)ରେ ରାଜ୍ୟ ପୋଲିସ ଶନିବାର ପ୍ରଥମ ମାମଲା ରୁଜୁ କରିଛି। ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଉତ୍ତରପ୍ରଦେଶ ବେଆଇନ ଧର୍ମାନ୍ତରୀକରଣ ନିଷିଦ୍ଧ ଅଧାଦେଶ, ୨୦୨୦କୁ ମଞ୍ଜୁରୀ ଦେବା ପରେ ଶନିବାରଠାରୁ ତାହା କାର୍ଯ୍ୟକାରୀ ହୋଇଛି। ଜଣେ ହିନ୍ଦୁ ଯୁବତୀଙ୍କୁ ବଳପୂର୍ବକ ଇସ୍‌ଲାମ ଧର୍ମକୁ ପରିବର୍ତ୍ତନ କରାଯାଇଥିବା ତାଙ୍କ ବାପା ଅଭିଯୋଗ ଆଣିଥିଲେ। ଯୁବତୀଙ୍କୁ ଅପହରଣ କରିନେଇଥିବାରୁ ସମ୍ପୃକ୍ତ ଯୁବକଙ୍କ ନାଁରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି।

### ଲିଫ୍ଟରେ ଚାପିହୋଇ ଶିଶୁର ମୃତ୍ୟୁ

**ମୁମ୍ବାଇ, ୨୯।୧୧:** ମୁମ୍ବାଇର ଧରାବିରେ ଏକ ଲିଫ୍ଟରେ ଚାପିହୋଇ ୫ ବର୍ଷର ଶିଶୁପୁତ୍ର ପ୍ରାଣ ହରାଇଛି। ବିଲ୍ଡିଂର ଚତୁର୍ଥ ମହଲାରେ ଶିଶୁଟି ଲିଫ୍ଟ ବାହାରକୁ ପାଦ ପକାଉଥିବାବେଳେ ତାହା ଉପରକୁ ଉଠିଯାଇଥିଲା। ଫଳରେ ଶିଶୁଟି ଲିଫ୍ଟର ସାଫ୍ଟରେ ଖସିପଡ଼ିଥିଲା। ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ଉକ୍ତ ମହଲାରେ ଲିଫ୍ଟର ଦ୍ୱାର ହୁଜାଇଫା ସର୍‌ଫରାଜ ଶେଖ୍ ନାମକ ଉକ୍ତ ଶିଶୁ ଉପରେ ବନ୍ଦ ହୋଇଯିବାରୁ ସେ ଠେଲିହୋଇ ସାଫ୍ଟରେ ଖସିପଡ଼ିଥିଲା। ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ହୁଜାଇଫାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

## ଜିଏଚ୍‌ଏମ୍‌ସି ନିର୍ବାଚନ

# ଧ୍ରୁବୀକରଣର ପ୍ରୟୋଗଶାଳା

**ହାଇଦ୍ରାବାଦ/ନୂଆଦିଲ୍ଲୀ,୨୯।୧୧**

ଡିସେମ୍ବର ୧ରେ ହେବାକୁ ଥିବା ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ (ଜିଏଚ୍‌ଏମ୍‌ସି) ନିର୍ବାଚନ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ହୋଇଛି। ହାଇଦ୍ରାବାଦ ତେଲଙ୍ଗାନାର ରାଜଧାନୀ ଓ ଅର୍ଥନୈତିକ ଇଞ୍ଜିନ ହୋଇଥିବାରୁ ନିର୍ବାଚନ ଜିତିବା ପାଇଁ ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍), କଂଗ୍ରେସ, ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇ-ଇତ୍ତେହାଦୁଲ-ମୁସଲମିନ (ଏଆଇଏମ୍‌ଆଇଏମ୍) ପ୍ରାଣପଣେ ଉଦ୍ୟମ କରୁଛନ୍ତି। ବିଶେଷକରି ଭାଜପା ଏବଂ ଏଆଇଏମ୍‌ଆଇଏମ୍ ମଧ୍ୟରେ ବାକ୍‌ଯୁଦ୍ଧ ଲଢ଼େଇକୁ ରୋଚକ କରିଛି। ଉଭୟ ପକ୍ଷ ପରସ୍ପରକୁ ଟାର୍ଗେଟ କରି ମତଦାତାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ଗୋଟି ଚଳାଉଛନ୍ତି। ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓୱାଇସି ଓ ତାଙ୍କ ଭାଇ ଆକବରୁଦ୍ଦିନ ଓୱାଇସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଗୈରିକ ଦଳର ନେତାଙ୍କୁ ଯେଉଁ ଭାଷାରେ ସମାଲୋଚନା କରୁଛନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ସବୁଠୁ ବେଶି ଆଶ୍ଚର୍ଯ୍ୟ କରିଛି ଏହି ନିର୍ବାଚନ ପାଇଁ ହାଇଦ୍ରାବାଦରେ ଭାଜପାର କେନ୍ଦ୍ରୀୟ ନେତାମାନଙ୍କ ଗହଳି। ୨୦୨୩ରେ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଭାଜପା ଏହାକୁ ଏକ ଜାତୀୟ ନିର୍ବାଚନ ଭାବେ ଲଢୁଛି।



ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓୱାଇସି ଜିଏଚ୍‌ଏମ୍‌ସି ନିର୍ବାଚନ ପାଇଁ ନାମ୍‌ପଲ୍ଲୀରେ ଘର ଘର ଯାଇ ପ୍ରଚାର କରୁଛନ୍ତି।

କର୍ଣାଟକ ପରେ ତେଲଙ୍ଗାନା ଦେଇ ଦକ୍ଷିଣ ଭାରତରେ ବଳ ବୃଦ୍ଧି କରିବାକୁ ଚାହୁଁଥିବା ଏହି ଦଳର ରଣନୀତି ଓ ନିକଟରେ ବିହାର ସୀମାଞ୍ଚଳରେ ୫ ଆସନ ହାତେଇଥିବା ଓୱାଇସିଙ୍କ ପାର୍ଟି ହିନ୍ଦୁ-ମୁସ୍‌ଲିମ ରାଜନୀତି ଜରିଆରେ ଜିଏଚ୍‌ଏମ୍‌ସି ନିର୍ବାଚନକୁ ଧର୍ମୀୟ ଧ୍ରୁବୀକରଣର ପ୍ରୟୋଗଶାଳାରେ ପରିଣତ କରିଛି।

ଯାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା, ଏବେ ତାହା ଦେଖିବାକୁ ମିଳୁଛି। ବୃହତ୍ ହାଇଦ୍ରାବାଦ ମହାନଗର ନିଗମ ନିର୍ବାଚନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ, ଭାଜପା ମୁଖ୍ୟ, ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ପ୍ରଚାର କରୁଛନ୍ତି। ପୂର୍ବରୁ ଦେଶର କୌଣସି ସ୍ଥାନୀୟ ନିର୍ବାଚନରେ ଏଭଳି ହାଇପ୍ରୋଫାଇଲ୍ ନେତାଙ୍କ ଏତେ ହାଇଭୋଲ୍ଟେଜ୍ ପ୍ରଚାର ଦେଖିବାକୁ ମିଳି ନ ଥିଲା। ଶନିବାର ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ଓ ଦଳର ହିନ୍ଦୁତ୍ୱ ଚେହେରା ଯୋଗୀ ଆଦିତ୍ୟନାଥ ହାଇଦ୍ରାବାଦରେ ରୋଡ୍ ଶୋ' କରିଥିବାବେଳେ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରଚାର କରିଛନ୍ତି। ଏତେ ସଂଖ୍ୟକ ଭାଜପା ନେତାଙ୍କ ଉପସ୍ଥିତି ଯୋଗୁ ବିଶ୍ୱାସ କରିବା ମୁସ୍କିଲ ହୋଇଯାଇଛି ଯେ, ଏହା କେବଳ ଏକ ମହାନଗର ନିଗମ ନିର୍ବାଚନ।

> ଯଦି ଫୈଜାବାଦ ଓ ଆଲ୍ଲାହାବାଦ ଯଥାକ୍ରମେ ଅଯୋଧ୍ୟା ଏବଂ ପ୍ରୟାଗରାଜ ହୋଇପାରୁଛି ତେବେ ହାଇଦ୍ରାବାଦ ମଧ 'ଭାଗ୍ୟନଗର'ରେ ପରିଣତ ହୋଇପାରିବ।
> -ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



> ଯେଉଁ ବ୍ୟକ୍ତି ହାଇଦ୍ରାବାଦର ନାମ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଆମେ ତାଙ୍କର ନାଁ ବଦଳାଇଦେବୁ। ଏଭଳି ନିର୍ବାଚନ ପ୍ରଚାର ଚାଲିଛି ଯେମିତି କି ଆମେ ପ୍ରଧାନମନ୍ତ୍ରୀ ପଦ ପାଇଁ ଭୋଟ ଦେଉଛୁ। କେବଳ ଡୋନାଲ୍ଡ ଟ୍ରମ୍ପ ଆସିବା ବାକି ରହିଲା।
> -ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧକ୍ଷ

> ହାଇଦ୍ରାବାଦକୁ ନୱାବ, ନିଜାମ ସଂସ୍କୃତିର ଶିକୁଳିରୁ ମୁକ୍ତ କରି ଏକ ମିନି ଇଣ୍ଡିଆ ବା ଆଧୁନିକ ସହରରେ ପରିଣତ କରିବୁ।
> -ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ



### ବଳ କଷାକଷି କାହିଁକି

ଏଠାରେ ପ୍ରଶ୍ନ ଉଠୁଛି, ଭାଜପା ଜିଏଚ୍‌ଏମ୍‌ସି ନିର୍ବାଚନରେ ଏତେ ବଳ କାହିଁକି ଖଟାଉଛି। ବିଶ୍ଳେଷକଙ୍କ ମତରେ ହାଇଦ୍ରାବାଦ ଦଖଲ କରି ଭାଜପା ଚାରମିନାର ଉପରେ ଚଢ଼ି ତେଲଙ୍ଗାନା ସମେତ ପୂରା ଦକ୍ଷିଣ ଭାରତକୁ କବ୍‌ଜା କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଏଇଥିପାଇଁ ଗୈରିକ ଦଳ ହାଇଦ୍ରାବାଦର ନାମ ବଦଳାଇ 'ଭାଗ୍ୟନଗର' କରିବାକୁ ଚାହୁଁଛି, ଯାହାକି ଯୋଗୀଙ୍କ ଶନିବାର ଭାଷଣରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ବିହାରରେ ୫ ଆସନ ଦଖଲ କରିବା ପରେ ଓୱାଇସିଙ୍କ ବଳ ବୃଦ୍ଧି ଘଟିଛି। ବିହାର ନିର୍ବାଚନରେ ଏଆଇଏମ୍‌ଆଇଏମ୍ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ ମହାମେଣ୍ଟ ସରକାର ଗଠନ କରିଥାଆନ୍ତା। ତେଣୁ ବିରୋଧୀ ଏହାକୁ 'ଭାଜପାର ବି ଟିମ୍' ଆଖ୍ୟା ଦେଇଥିବାବେଳେ ଏହି କଳଙ୍କ ପୋଛିବା ପାଇଁ ଓୱାଇସି ଭ୍ରାତା ଉଦ୍ୟମ କରୁଛନ୍ତି। ଆକବରୁଦ୍ଦିନ ଓୱାଇସି 'ଆମେ ପୂର୍ବତନ ଚା ବାଲା କି ଯୋଗୀ ଫୋଗୀଙ୍କୁ ଡରୁନାହୁଁ' ବୋଲି କହିବା ଉପରୋକ୍ତ ଯୁକ୍ତିକୁ ଯଥାର୍ଥ ଭାବେ ପ୍ରମାଣିତ କରୁଛି। ଭାଜପାର ଯୁବ ଚେହେରା ତେଜସ୍ୱୀ ସୂର୍ଯ୍ୟା କହିଛନ୍ତି, ଓୱାଇସିଙ୍କୁ ଭୋଟ ଦେବାର ମାନେ ହେଉଛି ପାକିସ୍ତାନର ଜନକ ମହମ୍ମଦ ଅଲୀ ଜିନ୍ନାଙ୍କୁ ଭୋଟ ଦେବା। ତାଙ୍କ ଦଳ ଓସାମା ବିନ୍ ଲାଡେନଙ୍କ ଅଲ୍-କାଏଦା ସହ ଜଡ଼ିତ। ଜିଏଚ୍‌ଏମ୍‌ସି ନିର୍ବାଚନରେ ତାଙ୍କୁ ଜିତାଇଲେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଓୱାଇସିଙ୍କ ଶକ୍ତି ବୃଦ୍ଧି ହେବ। ତେଣୁ ଚଳିତ ନିର୍ବାଚନରେ ଓୱାଇସି ଭ୍ରାତାଙ୍କ ଉପରେ ଭାଜପା ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ଯାଉଛି ବୋଲି ଦଳୀୟ ନେତାମାନେ କହୁଛନ୍ତି। ଜବାବରେ ଓୱାଇସି କହିଛନ୍ତି, ଭାଜପା ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରିବା ପାଇଁ ହାଇଦ୍ରାବାଦକୁ ଆସିଥିବାରୁ ଡିସେମ୍ବର ୧ରେ ଭୋଟର ଏହା ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବେ।

ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ହାଇଦ୍ରାବାଦରେ ରୋଡ୍ ଶୋ' ବେଳେ ସମ୍ବୋଧିତ କରି କହିଛନ୍ତି, ତେଲଙ୍ଗାନାବାସୀ ଟିଆର୍‌ଏସ୍ ଏବଂ ଓୱାଇସିଙ୍କ ମେଣ୍ଟକୁ ନେଇ କ୍ଷୁବ୍ଧ। ଏଥର ହାଇଦ୍ରାବାଦର ଭୋଟର ଜଣେ ଭାଜପା ମେୟରଙ୍କୁ ଦେଖିବାକୁ ଚାହାନ୍ତି। ସେମାନେ ସୁଶାସନ ଚାହୁଁଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଉପରେ ଭରସା କରିଛନ୍ତି। ତେବେ ରାଜନୈତିକ ଦଳଗୁଡ଼ିକ ସ୍ଥାନୀୟ ସମସ୍ୟାକୁ ଅଣଦେଖା କରି ସାମ୍ପ୍ରଦାୟିକ ପ୍ରସଙ୍ଗ ଉଠାଉଥିବାରୁ ହାଇଦ୍ରାବାଦ ଭୋଟର କାହାକୁ ବାଛୁଛନ୍ତି ତାହା ଡିସେମ୍ବର ୪ରେ ଗଣତି ପରେ ସ୍ପଷ୍ଟ ହେବ।

### ବର୍ତ୍ତମାନ ସ୍ଥିତି ଓ ଭାଜପାର ଆଶା

ଜିଏଚ୍‌ଏମ୍‌ସି ନିର୍ବାଚନରେ ଭୋଟ ଦେବା ପାଇଁ ୧୮ ଲକ୍ଷ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୪ ଲକ୍ଷ ହିନ୍ଦୁ ଓ ଅବଶିଷ୍ଟ ୪ ଲକ୍ଷ ଓଲ୍ଡ ସିଟିର ମୁସଲମାନ। ୨୦୧୬ ଜିଏଚ୍‌ଏମ୍‌ସି ନିର୍ବାଚନରେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ଟିଆର୍‌ଏସ୍‌କୁ ୧୫୦ ଆସନ ମଧ୍ୟରୁ ୯୯ ୱାର୍ଡରେ ସଫଳତା ମିଳିଥିବାବେଳେ ଏଆଇଏମ୍‌ଆଇଏମ୍ ୪୪ ଆସନରେ ବିଜୟୀ ହୋଇଥିଲା। ଭାଜପା ୪, କଂଗ୍ରେସ ୨ ଓ ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଗୋଟିଏ ୱାର୍ଡରେ ସନ୍ତୁଷ୍ଟ ହୋଇଥିଲା। ଜିଏଚ୍‌ଏମ୍‌ସି ଅଞ୍ଚଳରେ ୪ ଲୋକ ସଭା ଆସନ ଆସୁଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ତେଲଙ୍ଗାନାର ମୋଟ ୨୪ ଆସନ ମଧ୍ୟରୁ ୭ଟିରେ ଜିତିଥିଲା। ସେହିପରି ବିଧାନସଭା ଆସନ କଥା ଦେଖିଲେ ମହାନଗର ନିଗମ ଅଞ୍ଚଳ ପରିସରରେ ୨୪ ନିର୍ବାଚନମଣ୍ଡଳୀ ରହିଛି, ଯାହାକି ତେଲଙ୍ଗାନା ବିଧାନସଭାର ମୋଟ ଆସନ ସଂଖ୍ୟା ୧୨୦ର ୫ ଭାଗରୁ ଭାଗେ। ୨୦୧୮ ବିଧାନସଭା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ମିଳିଥିବାବେଳେ ଗତ ନଭେମ୍ବରରେ ଡୁବକ୍ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ଉପନିର୍ବାଚନରେ ଦଳ ବିଜୟୀ ହୋଇଥିଲା। ସାଧାରଣତଃ ଉପନିର୍ବାଚନଗୁଡ଼ିକରେ ଶାସକ ଦଳକୁ ସଫଳତା ମିଳୁଥିବାବେଳେ ଏହି ସିଟ୍‌ରେ ଟିଆର୍‌ଏସ୍‌କୁ ହରାଇବା ପରେ ଭାଜପା ପାଇଁ ନୂଆ ଆଶା ସଞ୍ଚାର ହୋଇଛି।

## କରୋନା ଭାଇରସ୍ ଭାରତରୁ ବାହାରିଛି

### ଚାଇନା ବୈଜ୍ଞାନିକଙ୍କ ଦାବି

**ବେଜିଂ,୨୯।୧୧**

କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ଉହାନ ସହର ବୋଲି କୁହାଯାଉଥିବାବେଳେ ଏହି ଘାତକ ଭୂତାଣୁ ଭାରତରୁ ବାହାରିଥିବା ଚାଇନା ଦୋଷ ଦେଇଛି। ୨୦୧୯ ଗ୍ରୀଷ୍ମରେ କରୋନା ଭାଇରସ୍ ଭାରତରେ ସୃଷ୍ଟି ହୋଇଥିଲା। ଏହା କ୍ରମଶଃ ଜୀବଜନ୍ତୁଙ୍କଠାରୁ ବିଷାକ୍ତ ଜଳ ଦେଇ ମଣିଷଙ୍କ ଦେହରେ ପ୍ରବେଶ କରିଥିଲା ବୋଲି ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ଏକ ଟିମ୍ ଦାବି କରିଛି।

ପ୍ରଥମେ ଚାଇନା କର୍ତ୍ତୃପକ୍ଷ ବିନା ପ୍ରମାଣରେ ଇଟାଲୀ, ଆମେରିକା ଓ ୟୁରୋପରୁ କରୋନା ଭାଇରସ୍ ବାହାରିଥିବା କହିଥିଲେ। ଏବେ ଚାଇନାର ବୈଜ୍ଞାନିକମାନେ କହିଛନ୍ତି, କରୋନା ଭାଇରସ୍ ଭାରତରୁ ବାହାରି ଉହାନକୁ ବ୍ୟାପିଥିବାବେଳେ ଏହାକୁ କେହି ଜାଣିପାରି ନ ଥିଲେ। ବୈଜ୍ଞାନିକ ଦଳ କୋଭିଡ୍-୧୯ର ମୂଳ ଠାବ କରିବା ଲାଗି ଫିଲୋଜେନେଟିକ୍ ବିଶ୍ଳେଷଣ କରିଥିଲେ। କୋଷିକା ସଦୃଶ ଭାଇରସ୍‌ଗୁଡ଼ିକର ପ୍ରଜନନ ପରେ ସେଗୁଡ଼ିକର ଡିଏନ୍‌ଏରେ ପରିବର୍ତ୍ତନ ଆସିଥାଏ ବୋଲି ସେମାନେ ଜାଣିବାକୁ ପାଇଛନ୍ତି। ଉହାନରେ ମିଳିଥିବା ଭାଇରସ୍ ମୂଳ ନୁହେଁ ବରଂ ବାଂଲାଦେଶ, ଆମେରିକା, ଗ୍ରୀସ୍, ଅଷ୍ଟ୍ରେଲିଆ, ଭାରତ, ଇଟାଲୀ, ଚେକ୍ ରିପବ୍ଲିକ୍, ରୁଷିଆ କିମ୍ବା ସର୍ବିୟା ମଧ୍ୟରୁ କୌଣସି ଏକ ଦେଶ ଏହାର ଉତ୍ପତ୍ତିସ୍ଥଳ ବୋଲି ବୈଜ୍ଞାନିକମାନେ ଯୁକ୍ତି ବାଢ଼ିଛନ୍ତି। ସେମାନଙ୍କ ମତରେ ଉଭୟ ଭାରତ ଓ ବାଂଲାଦେଶ ପଡ଼ୋଶୀ ହୋଇଥିବାରୁ ଏହା ସେଠାରୁ ଆସିଥାଇପାରେ। ଜଳାଭାବ ଯୋଗୁ ମାଙ୍କଡ଼ଙ୍କ ପରି ହିଂସ୍ରଜନ୍ତୁ ପାଣି ପାଇଁ ପରସ୍ପର ମଧ୍ୟରେ ଲଢ଼େଇ କରିଥିଲେ। ସେହି ମାଙ୍କଡ଼ମାନେ ପରସ୍ପର ସହ ଲଢ଼ିବା ପରେ ପାଣି ଦ୍ୱାରା ଏହି ଭୂତାଣୁ ମଣିଷଙ୍କ ଦେହକୁ ଆସି ସଂକ୍ରମଣ ବଢ଼ାଇଛି। ଭାରତର ଦୁର୍ବଳ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଯୋଗୁ ଛୋଟ ପିଲାଙ୍କଠାରେ ଏହାକୁ ଠାବ କରାଯାଇ ପାରି ନ ଥିଲା ବୋଲି କହିଛନ୍ତି। ଭାରତ-ଚାଇନା ମଧ୍ୟରେ ସୀମା ବିବାଦକୁ ନେଇ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଏପରି ଅମୂଳକ ଦାବି କରାଯାଇଛି।

## ୪୦ କୃଷକଙ୍କୁ ହତ୍ୟା

**ମାଇଡୁଗୁରି, ୨୯।୧୧**

ନାଇଜେରିଆର ବର୍ନୋ ରାଜ୍ୟରେ ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ବୋକୋ ହାରାମ ସଦସ୍ୟଙ୍କ ଆକ୍ରମଣରେ ୪୦ ଜଣ କୃଷକ ପ୍ରାଣ ହରାଇଛନ୍ତି। ସେମାନେ ଧାନ ବିଲରେ ଫସଲ ଅମଳ କରୁଥିବାବେଳେ ଆକ୍ରମଣ ହୋଇଥିଲା। ବର୍ନୋ ସମ୍ପ୍ରଦାୟ ଧାନଚାଷ ପାଇଁ ଜଣାଶୁଣା। ୧୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେମାନେ ସ୍ଥାନୀୟ ସରକାରୀ ପରିଷଦ ପାଇଁ ଭୋଟ ଦେଇଥିଲେ। ଚାଷୀମାନଙ୍କୁ ଆତଙ୍କବାଦୀମାନେ ଘେରିଯାଇ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ରାଜ୍ୟର କୃଷକ ନେତା ମାଲାମ ଜବରମାରି କହିଛନ୍ତି।

## ଲକ୍‌ଡାଉନ ବିରୋଧୀ ବିକ୍ଷୋଭ: ୧୫୫ ଗିରଫ

**ଲଣ୍ଡନ, ୨୯।୧୧(ପି.ଟି.)**

ଇଂଲଣ୍ଡରେ କରୋନା ସଂକ୍ରମଣ ୧୦ ଲକ୍ଷ ଟପିଥିବାବେଳେ ଏହାକୁ ରୋକିବା ଲାଗି ନଭେମ୍ବର ୫ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଲକ୍‌ଡାଉନ ଲାଗୁ ହୋଇଛି। ଏହାକୁ ବିରୋଧ କରି 'ସେଭ୍ ଆୱାର ରାଇଟ୍ସ ୟୁକେ' ନାମକ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଥିବାବେଳେ କରୋନା ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ଲଣ୍ଡନ ମେଟ୍ରୋପଲିଟାନ ପୋଲିସ ୧୫୫ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଲକ୍‌ଡାଉନ କଟକଣାରେ ବଡ଼ ସମାବେଶକୁ ନିଷିଦ୍ଧ କରାଯାଇଛି।




## ୧ ନିୟୁତ ଡଲାର ଦେବ ଏସ୍‌ଏଫ୍‌ଜେ

### ଚାଷୀଙ୍କୁ ସହାୟତା

**ନୂଆଦିଲ୍ଲୀ, ୨୯।୧୧(ଆଇଏଏନ୍‌ଏସ୍)**

ହଜାର ହଜାର କୃଷକ ଦିଲ୍ଲୀର ତିନୋଟି ଆନ୍ତଃରାଜ୍ୟ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ବେଆଇନ ପୃଥକବାଦୀ ସଂଗଠନ 'ଶିଖ୍‌ସ ଫର୍ ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ଗୋଳିଆ ପାଣିରୁ ମାଛ ଧରିବାକୁ ଉଦ୍ୟମ କରିଛି। ହରିୟାଣାରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଆହତ ଓ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କ ପାଇଁ ଉକ୍ତ ସଂଗଠନ ୧ ନିୟୁତ ଡଲାର ସହାୟତା ଘୋଷଣା କରିଛି। ଏହା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ଏସ୍‌ଏଫ୍‌ଜେ ସହାୟତା ନାମରେ ପରିସ୍ଥିତିରୁ ଫାଇଦା ଉଠାଇବା ପାଇଁ ନିରୀହ କୃଷକମାନଙ୍କୁ ପ୍ରବର୍ତ୍ତାଇପାରେ। ସେଥିପାଇଁ ସାଦା ପୋଷାକଧାରୀ ସୁରକ୍ଷା କର୍ମୀମାନେ ଏସ୍‌ଏଫ୍‌ଜେ ସମର୍ଥକଙ୍କ ଉପରେ କଡ଼ା ନଜର ରଖିଛନ୍ତି।



**ଦିଲ୍ଲୀ ଚଲୋ:** ସିଂଘୁ ସୀମାରେ ଆନ୍ଦୋଳନରତ ଚାଷୀ ନେତା।

# କୃଷି ଆଇନ ଚାଷୀଙ୍କ ପାଇଁ ସୁଯୋଗ

**ନୂଆଦିଲ୍ଲୀ, ୨୯।୧୧(ପି.ଟି.)**

କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଜାରି ରହିଥିବାବେଳେ ଉକ୍ତ ଆଇନ ଚାଷୀଙ୍କ ଲାଗି ନୂଆ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିବା ସହ ସେମାନଙ୍କୁ ନୂତନ ଅଧିକାର ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ସେପ୍ଟେମ୍ବରରେ ଏହି ଆଇନ କାର୍ଯ୍ୟକାରୀ ହେବା ପରେ କୃଷକମାନଙ୍କ ସମସ୍ୟାଗୁଡ଼ିକୁ ସ୍ୱଳ୍ପ ସମୟ ମଧ୍ୟରେ ସମାଧାନ କରିବା ଆରମ୍ଭ ହୋଇଛି। ମହାରାଷ୍ଟ୍ରର ଜଣେ କୃଷକ ବ୍ୟବସାୟୀଙ୍କଠାରୁ ପ୍ରାପ୍ୟ ପାଇବା ଲାଗି ଉକ୍ତ ଆଇନର ସହାୟତା ନେଇଛନ୍ତି। ବ୍ୟବସାୟୀ ପ୍ରତିଶ୍ରୁତି ଦେଇଥିଲେ ହେଁ ଠିକ୍ ସମୟରେ ଅର୍ଥ ପୈଠ କରୁ ନ ଥିଲେ। ବହୁ ବର୍ଷ ଧରି ଚାଷୀମାନେ ଯେଉଁ ଦାବି କରିଆସୁଥିଲେ ଓ ବିଭିନ୍ନ ସମୟରେ ରାଜନୈତିକ ଦଳଗୁଡ଼ିକ ଏଥିପାଇଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ ହୋଇପାରିଛି। କୃଷି ଆଇନରେ ସଂସ୍କାର ଚାଷୀଙ୍କୁ କେବଳ ବିଭିନ୍ନ ଶୃଙ୍ଖଳରୁ ମୁକ୍ତ କରିନାହିଁ, ସେମାନଙ୍କୁ ନୂଆ ଅଧିକାର ଓ ସୁଯୋଗ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ମୋଦି ତାଙ୍କ ୩୦ ମିନିଟ ଭାଷଣରେ ବାରାଣସୀରୁ ୧୯୧୩ରେ ଚୋରି ହୋଇଥିବା ଦେବୀ ଅନ୍ନପୂର୍ଣ୍ଣା ମୂର୍ତ୍ତିକୁ କାନାଡ଼ାରୁ ଫେରାଇ ଅଣାଯାଉଥିବା କଥା କହିଥିଲେ। ସେହିପରି ପୂର୍ବତନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଇନୋଭେଟିଭ୍ ପଦ୍ଧତି ଓ ସକ୍ରିୟ ପ୍ଲାଟଫର୍ମରେ ନିୟୋଜିତ କରି ସେମାନଙ୍କ ପ୍ରତିଭା ଓ ସାମର୍ଥ୍ୟକୁ କାମରେ ଲଗାଇବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ କୁହାଯାଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ମହାମାରୀକୁ ନେଇ କୌଣସି ଅବହେଳା ଅତ୍ୟନ୍ତ ଗୁରୁତର ହୋଇଥିବାରୁ ଜନସାଧାରଣ କରୋନ ଭୂତାଣୁ ବିରୋଧରେ ଲଢ଼େଇ ଜାରି ରଖିବା ଉଚିତ ବୋଲି ମୋଦି ପରାମର୍ଶ ଦେଇଥିଲେ।

### 'ତୁରନ୍ତ ନିଃସର୍ତ୍ତ ଆଲୋଚନା କର'

**ନୂଆଦିଲ୍ଲୀ, ୨୯।୧୧(ପି.ଟି.)**

ଦିଲ୍ଲୀ ସୀମାରେ କୃଷକମାନେ ରବିବାର କ୍ରମାଗତ ଚତୁର୍ଥ ଦିନ ପାଇଁ ଆନ୍ଦୋଳନ ଜାରି ରଖିଥିବାବେଳେ କେନ୍ଦ୍ର ସରକାର ସେମାନଙ୍କ ସହ ତୁରନ୍ତ ନିଃସର୍ତ୍ତ ଆଲୋଚନା କରନ୍ତୁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) କୃଷକଙ୍କ ଆନ୍ଦୋଳନକୁ ସମର୍ଥନ କରୁଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରଥମେ କୃଷକଙ୍କ ସମସ୍ୟା ଶୁଣି ଏହାର ସମାଧାନ କରିବା ଉଚିତ ବୋଲି ଏଏପି ନେତା ସଞ୍ଜୟ ସିଂ କହିଛନ୍ତି। ଆମେ କୃଷକମାନଙ୍କୁ ଦିଲ୍ଲୀକୁ ସ୍ୱାଗତ କରୁଛୁ ଓ ସେମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଲଢ଼େଇ କରିବୁ ବୋଲି ସେ କହିଛନ୍ତି। ଦିଲ୍ଲୀ ସୀମାରେ ହଜାର ହଜାର କୃଷକ ଆଲୋଚନା ପାଇଁ ୪ ଦିନ ହେଲା ଶୀତ କାକରରେ ଅପେକ୍ଷା କରି ରହିଥିବାବେଳେ ଶାହା ମ୍ୟୁନିସିପାଲ୍ ନିର୍ବାଚନ ପ୍ରଚାରରେ ହାଇଦ୍ରାବାଦ ଯିବା ଅତ୍ୟନ୍ତ ଦାୟିତ୍ୱହୀନତା ବୋଲି ଏଏପି ମୁଖ୍ୟ ମୁଖପାତ୍ର ସୌରଭ ଭରଦ୍ୱାଜ କହିବା ସହ ଏହାକୁ ନିନ୍ଦା କରିଛନ୍ତି।



ଅରବିନ୍ଦ କେଜ୍‌ରିୱାଲ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୨୮,୫୮,୭୫୬ | ୧୪,୬୨,୭୩୬ | ୪,୩୪,୧୨,୫୯୨ |
| ଭାରତ | ୯୪,୨୮,୪୭୭ | ୧,୩୭,୧୨୧ | ୮୮,୪୨,୨୮୯ |
| ଓଡ଼ିଶା | ୩,୧୮,୩୦୭ | ୧୭୩୪(+୫୩) | ୩,୧୧,୨୫୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶାହାଙ୍କ ଆଲୋଚନା ପ୍ରସ୍ତାବକୁ କୃଷକଙ୍କ ନା

**ନୂଆଦିଲ୍ଲୀ, ୨୯।୧୧(ଆଇଏଏନ୍ଏସ୍)**

## ବଢ଼ିଲା କେନ୍ଦ୍ରର ମୁଣ୍ଡବ୍ୟଥା


ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀ।

କେନ୍ଦ୍ରର ନୂତନ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଆଗୁଆ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଆନ୍ଦୋଳନକାରୀ ଚାଷୀମାନେ ଦିଲ୍ଲୀ ସୀମାରୁ ଅବରୋଧ ହଟାଇବା ସହ ବୁରାରି ମଇଦାନକୁ ଯିବା ଲାଗି ଶାହା ପ୍ରସ୍ତାବ ଦେଇଥିଲେ। ଆଲୋଚନା ପାଇଁ ସରକାର ସର୍ତ୍ତ ରଖିଛନ୍ତି। ସେମାନେ ବୁରାରିକୁ ଯିବା ଲାଗି ମନା କରିଦେଇଛନ୍ତି। କୃଷକ ନେତାମାନଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାଷୀମାନେ ଯେଉଁଠି ଅଛନ୍ତି, ସେଠାରେ ରହିବାକୁ କୁହାଯାଇଛି। ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାୟତ କହିଛନ୍ତି, ସେମାନେ ଘାଜିପୁରରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଚାଷୀଙ୍କ ପାଖକୁ ଆସି ସେମାନଙ୍କ ସମସ୍ୟା ବୁଝିବାକୁ ସେ ଆହ୍ୱାନ ଦେଇଛନ୍ତି।

କଠିନ ପରିଶ୍ରମ କରୁଥିବା କୃଷକମାନଙ୍କ କଲ୍ୟାଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ନୂଆ ଆଇନ ସେ ଦିଗରେ ଏକ ପଦକ୍ଷେପ ବୋଲି କହିଥିଲେ। ତିନି କୃଷି ଆଇନ ବିରୋଧରେ ଆନ୍ଦୋଳନ ରବିବାର ଦିଲ୍ଲୀର ୩ ଆନ୍ତଃରାଜ୍ୟ ସୀମାରେ ଜାରି ରହିଛି। ଦିଲ୍ଲୀ-ଚଣ୍ଡିଗଡ଼ ସୀମାର ଟିକ୍ରି ଓ ଘାଜିପୁର ପ୍ରବେଶ ଓ ପ୍ରସ୍ଥାନ ପଥ, ଦିଲ୍ଲୀ-ବାହାଦୁରଗଡ଼ ଏବଂ ଦିଲ୍ଲୀ-ଉତ୍ତରପ୍ରଦେଶ ରାସ୍ତାରେ ଚାଷୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବାବେଳେ ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଅଚଳାବସ୍ଥା ଦୂର ପାଇଁ ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିନେବା ଦାବିରେ ଚାଷୀମାନେ ଅଟଳ ରହିଛନ୍ତି। କୃଷି ଆଇନ ବିରୋଧରେ ଏହା ସବୁଠୁ ବଡ଼ ବିପ୍ଳବ ବୋଲି ଫତେଗଡ଼ ସାହିବ ଜିଲାର ଚାଷୀ ସତ୍‌ବୀର ସିଂ କହିଛନ୍ତି। ଏପରି କି ଆମେରିକା ଓ କାନାଡ଼ାରେ ରହୁଥିବା ପ୍ରବାସୀ ପଞ୍ଜାବୀମାନେ କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି।

ଆଲୋଚନା ପୂର୍ବରୁ ବୁରାରିକୁ ଆନ୍ଦୋଳନ ସ୍ଥାନାନ୍ତର କରିବା ଲାଗି ଶାହା ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ କୃଷକ ସଂଗଠନଗୁଡ଼ିକ ସର୍ବସମ୍ମତ କ୍ରମେ ଅଗ୍ରାହ୍ୟ କରିଦେଇଛନ୍ତି। ଆମେ ସିଙ୍ଘୁ ଏବଂ କୋଣ୍ଡଲି ସୀମାରୁ ହଟିବୁ ନାହିଁ ବୋଲି ସତ୍‌ବୀର କହିଛନ୍ତି। ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ସୀମାରେ କୃଷକମାନେ ରାସ୍ତା ଅବରୋଧ କରି ରଖିଥିବାରୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଡିସେମ୍ବର ୩ରେ କୃଷକମାନଙ୍କ ସହ ଆଲୋଚନା ହେବାକୁ ଥିବାବେଳେ ତାହା ପୂର୍ବରୁ ଆଲୋଚନା ପାଇଁ ଶାହା ଶନିବାର ପ୍ରସ୍ତାବ ଦେଇଥିଲେ। ତେବେ ଆଲୋଚନା ପୂର୍ବରୁ କୃଷକମାନେ ବୁରାରି ପଡ଼ିଆକୁ ଯିବା ଲାଗି ସେ ସର୍ତ୍ତ ରଖିଥିଲେ। ସେପଟେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଚାଷୀଙ୍କ ସ୍ୱାର୍ଥ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ କୃଷି ଆଇନ ପ୍ରତ୍ୟାହାର ସମ୍ପର୍କରେ ପୁନର୍ବିଚାର କରନ୍ତୁ ବୋଲି ଗେହଲଟ ଅନୁରୋଧ କରିଛନ୍ତି। ସେହିପରି ବିଶ୍ୱର ଏକାଧିକ ପଞ୍ଜାବୀ ସଂଗଠନ ବିବାଦୀୟ କୃଷି ଆଇନକୁ ହଟାଇବା ପାଇଁ ମୋଦି ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, କୃଷକଙ୍କ ଆୟ ଦୁଇଗୁଣ କରିବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ କ୍ଷମତା ନିଶାରେ ଆଦାନି, ଅମ୍ବାନିଙ୍କ ଆୟ ଦ୍ୱିଗୁଣିତ କରିଛନ୍ତି।

ଅନ୍ୟପକ୍ଷେ କୃଷକମାନେ ସେମାନଙ୍କ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବୁ ନାହିଁ କି ନିରଙ୍କାରୀ ପଡ଼ିଆକୁ ଯିବୁନାହିଁ ବୋଲି ଅଡ଼ିବସିଥିବାବେଳେ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନୂଆଦିଲ୍ଲୀ ବାସଭବନରେ ଏନେଇ ଏକ ବୈଠକ ଚାଲିଛି। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା, କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାମିଲ ହୋଇ ଭବିଷ୍ୟତ ରଣନୀତି ସ୍ଥିର କରୁଥିବା ଜଣାପଡ଼ିଛି।

# ସିଂହଦ୍ୱାର ଥାନାରେ ଏତଲା


ସଚେତନ ନାଗରିକ ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି।

**ପୁରୀ ଅଫିସ, ୨୯।୧୧**

## ନାଗାର୍ଜୁନ ବେଶ ଚନ୍ଦ୍ର, ସୂର୍ଯ୍ୟ ନେଇଯିବା ଘଟଣା

ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶର ଚନ୍ଦ୍ର, ସୂର୍ଯ୍ୟ ନେଇଯିବା ଘଟଣାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମଞ୍ଚ ଉପସଭାପତି ଲଲାଟେନ୍ଦୁ ମିଶ୍ର ଏହି ଏତଲା ଦେଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ବିନା ଭକ୍ତରେ ନାଗାର୍ଜୁନ ବେଶ ହେଲା। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କିନ୍ତୁ ଏହାରି ଭିତରେ ଶ୍ରୀମନ୍ଦିରରୁ ବାହାରକୁ ଆସି ନାଗାର୍ଜୁନ ବେଶର ଚନ୍ଦ୍ର, ସୂର୍ଯ୍ୟ ଜଣେ ସେବାୟତଙ୍କ ଘରକୁ ନିଆଗଲା। ତେଣୁ ଏହାର ନିରପେକ୍ଷ ତଦନ୍ତ କରାଯାଉ। ଏଥିରେ ଯିଏ ସମ୍ପୃକ୍ତ, ତାଙ୍କୁ ସହଯୋଗ କରିଥିବା ମନ୍ଦିର କର୍ମଚାରୀ ଓ ଅଧିକାରୀ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଆଦି ସମସ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏତଲାରେ ଅନୁରୋଧ କରାଯାଇଛି।

# ଆତ୍ମଘାତୀ ବିସ୍ଫୋରଣ: ୩୪ ମୃତ

**କାବୁଲ, ୨୯।୧୧**



ଆଫଗାନିସ୍ତାନରେ ଦୁଇଟି ପୃଥକ୍ ଆତ୍ମଘାତୀ ବିସ୍ଫୋରଣରେ ୩୪ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ଏକ ସେନା ଘାଟି ଏବଂ ଜଣେ ପ୍ରାଦେଶିକ ମୁଖ୍ୟଙ୍କୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିଲା। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ପୂର୍ବ ଘଜ୍‌ନୀ ପ୍ରଦେଶରେ ଆକ୍ରମଣକାରୀ ବିସ୍ଫୋରଣ ଭର୍ତ୍ତି ଏକ ସେନା ଗାଡ଼ିକୁ କମାଣ୍ଡୋ ବେସ୍ ମଧ୍ୟକୁ ନେଇଯାଇ ବିସ୍ଫୋରଣ କରାଇଥିଲେ। ଏଥିରେ ୩୧ ଜଣ ନିହତ ହୋଇଥିବାବେଳେ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫଗାନିସ୍ତାନରେ ଜୁବାଲର ପ୍ରାଦେଶିକ ପରିଷଦ ମୁଖ୍ୟଙ୍କ ଗାଡ଼ିକୁ ଟାର୍ଗେଟ କରି କାର୍ ବୋମା ବିସ୍ଫୋରଣ କରାଯିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୧୨ ଆହତ ହୋଇଛନ୍ତି। ତେବେ ପ୍ରାଦେଶିକ ପରିଷଦ ମୁଖ୍ୟ ଅତ୍ତାଜନ ହକ୍‌ବାୟତ ସାମାନ୍ୟ ଆହତ ହୋଇ ବର୍ତ୍ତିଯାଇଛନ୍ତି। ତାଙ୍କର ଜଣେ ଅଙ୍ଗରକ୍ଷୀଙ୍କର ମୃତ୍ୟୁ ହୋଇଛି।

# ଜନପ୍ରତିନିଧିଙ୍କ ସହ ମନ୍ତ୍ରୀ ଆଲୋଚନା କରନ୍ତୁ

## ଭିତରକନିକା ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂ


**ଭୁବନେଶ୍ୱର(ବ୍ୟୁରୋ)/ ରାଜନଗର,୨୯।୧୧(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନର ସୀମା ନିର୍ଦ୍ଧାରଣ ପୂର୍ବରୁ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଡାକି ଆଲୋଚନା କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ରବିବାର ଶୂନ୍ୟକାଳରେ ଭିତରକନିକାର ସୀମା ନିର୍ଦ୍ଧାରଣ ନେଇ କେନ୍ଦ୍ରାପଡ଼ା ଜିଲାର ବିଧାୟକମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିବା ପରେ ବାଚସ୍ପତି ଏନେଇ ରୁଲିଂ ଦେଇଥିଲେ। ବିଜେଡି ବିଧାୟକ ପ୍ରତାପ ଦେବ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ଜଙ୍ଗଲ ଓ ପରିବେଶ ବିଭାଗ ଭିତରକନିକା ଅଭୟାରଣ୍ୟର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। ହେଲେ ଏନେଇ ଜିଲାର ଲୋକ ପ୍ରତିନିଧିମାନଙ୍କ ପରାମର୍ଶ ନିଆଯାଇନାହିଁ କିମ୍ବା ଆଲୋଚନା କରାଯାଇନାହିଁ। ନୂତନ ସୀମା ନିର୍ଦ୍ଧାରଣ ଦ୍ୱାରା କେନ୍ଦ୍ରାପଡ଼ା ଜିଲାର ୪୦ ପ୍ରତିଶତ ଅଞ୍ଚଳ ଅଭୟାରଣ୍ୟ ଭିତରକୁ ଚାଲିଯିବ। ଅଭୟାରଣ୍ୟ ପରିସର ମଧ୍ୟକୁ ମହାକାଳପଡ଼ା, ଆଳି, ରାଜନଗର ନିର୍ବାଚନମଣ୍ଡଳୀର ଯେଉଁ ଅଞ୍ଚଳ ନିଆଯାଇଛି ସେଠାରେ ଆଦୌ ଜଙ୍ଗଲ ନାହିଁ। ଉକ୍ତ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ପ୍ରକଳ୍ପ ଚାଲିଥିବାରୁ ଅଭୟାରଣ୍ୟ ମଧ୍ୟକୁ ଗଲେ ଉକ୍ତ କାମ ଅଟକିଯିବ। ତେଣୁ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା ଲାଗି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କୁ କହିଥିଲେ।

ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ପ୍ରକୃତି ସଙ୍ଗେ ସଙ୍ଗେ ମଣିଷ ମଧ୍ୟ ବଞ୍ଚିବା ଆବଶ୍ୟକ। ବାସ୍ତବତାକୁ ଦେଖି ସରକାର ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ସେ କହିଥିଲେ। ଅଭୟାରଣ୍ୟ ଭିତରକୁ ଜନବସତି ଅଞ୍ଚଳ ଚାଲିଗଲେ ସେଠାରେ ଖୁଣ୍ଟିଟିଏ ପୋତିହେବ ନାହିଁ କି ମୋରମ ଗଣ୍ଡାଏ ପକାଇ ହେବ ନାହିଁ। ରାସ୍ତା, ସ୍କୁଲ୍, ହସ୍ପିଟାଲ କିଛି ନିର୍ମାଣ କରାଯାଇପାରିବ ନାହିଁ। ସୀମା ପୁନଃ ନିର୍ଦ୍ଧାରଣରେ ଗୁଗୁଆ, ସୁନିତି, ଲାଞ୍ଜୁଡ଼ା ଓ ଜମ୍ବୁ ଆଦି ପଞ୍ଚାୟତ ଅଭୟାରଣ୍ୟ ପାଲଟିଯିବ। ଏହି ଇଲାକାରେ ଥିବା ଲୋକେ କୁଆଡ଼େ ଯିବେ ବୋଲି ସେ ପ୍ରଶ୍ନ କରିଥିଲେ। ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେଇ ଡିଲିମିଟେଶନ ପ୍ରକ୍ରିୟାରୁ ଜଙ୍ଗଲ ବିଭାଗ ଓହରିବାକୁ ସେ ଦାବି କରିଥିଲେ। ବିଜେଡି ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ, ୪୫ବର୍ଷ ପରେ ଭିତରକନିକାର ସୀମା ପୁନଃ ନିର୍ଦ୍ଧାରଣ କରାଯାଉଛି। ୫୨ଟି ଗ୍ରାମକୁ ବାଦ୍ ପକାଇଥିଲେ ମଧ୍ୟ ୫୫ ବର୍ଗ କିଲୋମିଟରକୁ ଅଭୟାରଣ୍ୟ ପରିସର ମଧ୍ୟରେ ଯୋଡ଼ିଛନ୍ତି। ଏଥିରେ ରାଜନଗରର ୨୫ ପଞ୍ଚାୟତର ୨୨୬ ଗ୍ରାମ, ଆଳିର ୧୨ ପଞ୍ଚାୟତର ପାଖାପାଖି ୯୨ ଗ୍ରାମ ଏବଂ ମହାକାଳପଡ଼ାର ଅନେକ ଅଞ୍ଚଳ ଏଥିରେ ରହିଛି। ପ୍ରାୟ ୨.୫ଲକ୍ଷ ଜନବସତି ଏହାମଧ୍ୟରେ ରହିଛନ୍ତି। ସ୍ଥାନୀୟ ଲୋକ ଓ ଜନପ୍ରତିନିଧିଙ୍କ ମତାମତକୁ ନେଇ ଅଭୟାରଣ୍ୟ ଘୋଷଣା କରିବା କଥା। ମାତ୍ର ତାହା ହୋଇନାହିଁ। ଏହାଦ୍ୱାରା ଆଗାମୀ ଦିନରେ ୩ଟି ନିର୍ବାଚନମଣ୍ଡଳୀର ଜନସାଧାରଣ ସମସ୍ୟା ଭୋଗିବେ। କୌଣସି ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ ସେ କହିଥିଲେ। ବିଧାୟକମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ବାଚସ୍ପତି ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।







## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅନନ୍ୟା
ପରିବାରବର୍ଗ


ବଦ୍ରିନାଥ
ପରିବାରବର୍ଗ


ଡୁଗୁ
ପରିବାରବର୍ଗ


ସଂକଳ୍ପ
ପରିବାରବର୍ଗ


ଶ୍ରୀ ସତ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ଚିଠି କାଳ...

କେବେ କାହାଠାରୁ କିଛି ନେଇନାହାନ୍ତି। ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି କେତେ ଆକଳନ କରାଯାଉ ବୋଲି ପ୍ରଦୀପ କହିଛନ୍ତି। ସେହିପରି ୨୦୧୨ରେ ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ କାମ କରୁଥିଲେ। ସ୍ଥାନୀୟ ନିର୍ବାଚନ ପରେ ଦାୟିତ୍ୱରୁ ହଟାଗଲା। ଦାୟିତ୍ୱରୁ ହଟାଯିବା ପୂର୍ବରୁ ତାଙ୍କ ନାମରେ ଏକ ଆପରାଧିକ ମାମଲା ରୁଜୁ କରାଯାଇଥିଲା। ଏହାପରେ କେବଳ ନିଜ ନିର୍ବାଚନମଣ୍ଡଳୀ କଥା ବୁଝିବା ଲାଗି କୁହାଗଲା। ହେଲେ ୨୦୧୪ରେ ଟିକେଟ ମିଳିବା ସାଙ୍ଗକୁ ମନ୍ତ୍ରୀ ମଧ୍ୟ କରାଗଲା ବୋଲି ସେ କହିଛନ୍ତି।

ପ୍ରଦୀପ ଆହୁରି କହିଛନ୍ତି, କିଛିଦିନ ତଳେ ବିଶ୍ୱରଞ୍ଜନ ମହାନ୍ତି ଫୋନ୍ କରି ସରକାର ଭାଙ୍ଗିବାର ସମ୍ଭାବନା ଥିବା ବିଷୟରେ କହିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଟେଲିଫୋନ କରି ଅବଗତ କରାଇଥିଲି। ଏହାପରେ ପ୍ରଣବ ପ୍ରକାଶ ଦାସ(ବବି) ଏବଂ ଅଚ୍ୟୁତ ସାମନ୍ତ ତାଙ୍କ ଘରେ ଆସି ପହଞ୍ଚିଥିଲେ। କାହିଁକି ଏଭଳି ଫୋନ୍ ମୁଖ୍ୟମନ୍ତ୍ରୀଙ୍କୁ କରୁଛନ୍ତି ବୋଲି ତାଗିଦ କଲେ। ଏହାପରେ ଝିଅ ବାହାଘର ସମ୍ପର୍କରେ ପଚାରିଥିଲେ। ଶେଷରେ 'ଲେଟ୍ ଅସ୍ ସି' ବୋଲି କହି ଚାଲିଗଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରବାସୀ ଶ୍ରମିକଙ୍କ ଫେରିବା ଏବଂ କୋଭିଡ୍ ସମ୍ବନ୍ଧରେ ସେ ଚିଠି ଲେଖିଥିଲେ। ସୁରଟ ଏବଂ ଚେନ୍ନାଇରୁ ମିଳିଥିବା ଅନୁଭୂତି କଥା ସେଥିରେ ଉଲ୍ଲେଖ କରିଥିଲେ। ହେଲେ ସେତେବେଳେ ସରକାର ଶ୍ରମିକଙ୍କୁ ଆଣିବାକୁ ଅମଙ୍ଗ ହୋଇଥିଲେ। ସେହି ଚିଠି କାଳ ହୋଇଛି, ଯାହାର ଫଳ ବର୍ତ୍ତମାନ ଭୋଗୁଛି ବୋଲି ପ୍ରଦୀପ କହିଛନ୍ତି। ଦଳରେ ତାଙ୍କର ବହୁ ମିତ୍ର ଥିଲେ ମଧ୍ୟ କେହି ହେଲେ ଆଗକୁ ଆଉ ତାଙ୍କୁ ଟେଲିଫୋନ କରିବେ ନାହିଁ। ସେହିପରି ୩ ଥରର ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ବାପାଙ୍କୁ କରୋନା ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ସେତେବେଳେ ତାଙ୍କ ସହଯୋଗ ଲୋଡିଥିଲେ। ଏନେଇ ସେ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ଫୋନ୍ କରି ଆମ୍ବୁଲାନ୍ସ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଘଣ୍ଟାଏ ମଧ୍ୟରେ ଆମ୍ବୁଲାନ୍ସ ପହଞ୍ଚିବ କହି ୧୨ ଘଣ୍ଟା ପରେ ମଧ୍ୟ ତାହା ଆସିପାରିଲା ନାହିଁ। ଶେଷରେ ଲୋକଙ୍କ ପ୍ରତି ପ୍ରଶାସନର ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କିଛି ସମୟ ପରେ ସବୁ ବ୍ୟବସ୍ଥା କରି ଜଣାଇଥିଲେ ବୋଲି ସେ କହିଛନ୍ତି। ଦଳର ଉଚ୍ଚସ୍ତରରେ ଅସନ୍ତୋଷ ରହିଛି। ଉଚ୍ଚସ୍ତର ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟାଇ ନ ଦେବା ଯୋଗୁ ଅସନ୍ତୋଷ ବଢ଼ିଚାଲିଛି। ଅନେକ ନେତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରୁନାହାନ୍ତି। କୌଣସି ଓଡ଼ିଆ ଲୋକ ଚୁପ୍ ବସିବାକୁ ପସନ୍ଦ କରନ୍ତି ନାହିଁ। କେବଳ ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା, ଶ୍ରଦ୍ଧା ଯୋଗୁ ସମସ୍ତେ ଚୁପ୍ ଅଛନ୍ତି। ତାଙ୍କର ୩ଟି ଭଲ ଗୁଣ ହେଲା ଡିସିପ୍ଲିନ, ଷ୍ଟାବିଲିଟି ଏବଂ ଗ୍ରୋଥ୍ ବୋଲି ପ୍ରଦୀପ କହିଛନ୍ତି।

ପାଠକଙ୍କ ପରିବାର ବିଷୟରେ ସୂଚନା ଦେଇ ପ୍ରଦୀପ କହିଛନ୍ତି, ଆକାଶ ଆଇଟିଆରର ଛାତ୍ର, ରୋମାନିଆରେ କାମ କରୁଥିଲେ। ମା'ଙ୍କ ଅସୁସ୍ଥତା ଯୋଗୁ ଆକାଶ ଓଡ଼ିଶା ଫେରି ଆସିଥିଲେ। ୨୦୧୬ରେ ଜିମେଟ୍‌ରେ ସବୁଠାରୁ ଅଧିକ ନମ୍ବର ରଖିଥିଲେ। ଏହାପରେ ଟାଟା ଗ୍ରୁପକୁ ମନୋନୀତ ହୋଇଥିଲେ। କମ୍ପାନୀ ତରଫରୁ ଆକାଶଙ୍କୁ ଚାର୍ଟର ବ୍ୟବହାର ପାଇଁ ଅନୁମତି ମିଳିଛି। ତାଙ୍କ ବାପା ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ଓଡ଼ିଶାର ଜଣେ ଦକ୍ଷ ଅଫିସର। ହେଲେ ତାଙ୍କୁ ଏକ ସରକାରୀ କ୍ୱାର୍ଟର୍ସ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦୀପଙ୍କ ସ୍ତ୍ରୀ ସୁଜାତା କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ ଯୋଗୁ ସବୁବେଳେ ବହିଷ୍କାର କରାଯାଏ ବୋଲି ଶୁଣିଥିଲୁ। ପ୍ରଥମଥର ଲାଗି ଜନବିରୋଧୀ କାର୍ଯ୍ୟ କଥା କୁହାଯାଉଛି, ଏହା ଇତିହାସରେ ପ୍ରଥମ। ଆମେ ସେପରି କିଛି ଭୁଲ କରିନାହୁଁ, ଯେଉଁଥିଲାଗି ଡରିଯିବୁ ବୋଲି ସେ କହିଛନ୍ତି।

### ମାସେ ପୂର୍ବରୁ ...

ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ, ଅଶ୍ୱିନୀ ପାତ୍ର, ପ୍ରୀତିରଞ୍ଜନ ଘଡ଼େଇ ସମର୍ଥନ କରିଥିଲେ। ତେବେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ସୁରେଶ ରାଉତରାୟ ସରକାରୀ ଦଳ ଆଣିଥିବା ପ୍ରସ୍ତାବକୁ ବିରୋଧ କରିଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୃହରେ ଆଲୋଚନା ହେବାର ଆବଶ୍ୟକ ଅଛି, ତେଣୁ ଗୃହକୁ ଚାଲୁ ରଖିବାକୁ କଂଗ୍ରେସ ସଦସ୍ୟ ଦାବି କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବା ପରେ ଗୃହରେ ସମ୍ପାଦନ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନ ଥିବା ସୂଚନା ଦେଇଥିଲେ। ଆଗକୁ କରୋନା ମହାମାରୀ ଭୟାବହ ହେବାର ଆଶଙ୍କା ରହିଛି। ତେଣୁ ସମସ୍ତେ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ଆରୁଖ ଜଣାଇଥିଲେ। ଏହାପରେ ଗୃହର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ରଖି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ଭାଜପା ସଦସ୍ୟ ଏହି ସମୟରେ କକ୍ଷତ୍ୟାଗ କରିଥିଲେ।

ବିଧାନସଭାର ମୌସୁମୀ ଅଧିବେଶନ ଭଳି ଶୀତକାଳୀନ ଅଧିବେଶନ ମଧ୍ୟ କୋଭିଡ୍ କଟକଣା ମଧ୍ୟରେ ବସିଥିଲା। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ପ୍ରଶ୍ନକାଳ ରହି ନ ଥିଲା। ଅଧିବେଶନ ଆରମ୍ଭ ପୂର୍ବରୁ ସମସ୍ତ ବିଧାୟକ, ମନ୍ତ୍ରୀ, ବିଧାନସଭା କର୍ମଚାରୀଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ଗୃହ ଭିତରେ ବାଚସ୍ପତି ଓ ସଦସ୍ୟମାନଙ୍କ ସମ୍ମୁଖରେ କରୋନା ପ୍ରୋଟେକ୍ସନ ସିଲ୍ଡ ଲଗାଯାଇଥିଲା। ରାଜ୍ୟର ପ୍ରଥମ ମହିଳା ସୁଶୀଳା ଦେବୀ, ପୂର୍ବତନ ବାଚସ୍ପତି ଶରତ କର, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଗୁରୁପଦ ନନ୍ଦ ଓ ପୂର୍ବତନ ବିଧାୟକ କାର୍ତ୍ତିକେଶ୍ୱର ପାତ୍ରଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆସିଥିଲା। ଅଧିବେଶନ କାଳରେ ମୋଟ୍ ୧୩୩୨ଟି ଅଣତାରକା ପ୍ରଶ୍ନ ଆସିଥିବା ବେଳେ ୧୧୯୨ଟିର ଉତ୍ତର ଦିଆଯାଇଥିଲା। ସେହିଭଳି ୨ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବାବେଳେ ଗୋଟିଏ ପ୍ରସ୍ତାବ ଓ ଗୋଟିଏ ଅନୁଦାନ ଦାବି ଉପରେ ଆଲୋଚନା ହୋଇଥିଲା। ୯ଟି ସରକାରୀ ବିଲ୍ ଆଗତ ହୋଇଥିବାବେଳେ ସେଥିମଧ୍ୟରୁ ୭ଟି ବିଲ୍ ପାରିତ ହୋଇଥିଲା। ବେସରକାରୀ ସଭ୍ୟଙ୍କ ଗୋଟିଏ ବିଲ୍ ଉପସ୍ଥାପନ ଓ ଆଲୋଚନା ହୋଇଥିବାବେଳେ ଗୋଟିଏ ସଂକଳ୍ପ ଉପରେ ମଧ୍ୟ ଗୃହରେ ଆଲୋଚନା କରାଯାଇଥିଲା। ସେହିଭଳି ୪ଟି ବାର୍ଷିକ ରିପୋର୍ଟ, ୨ଟି କମିଟି ରିପୋର୍ଟ, ୩ଟି ଅଧ୍ୟାଦେଶ ଉପସ୍ଥାପନ କରାଯାଇଥିଲା। ଅଧିବେଶନ କାଳରେ ଅଧିକାଂଶ ସମୟରେ ପୁରୀ ହାଜତ ମୃତ୍ୟୁ ଓ ନୟାଗଡ଼ ଜିଲାର ପରୀ ମୃତ୍ୟୁକୁ ନେଇ ସରଗରମ ରହିଥିଲା। ଉଭୟ ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଅଧିବେଶନର ଅଧିକାଂଶ ସମୟ ସଦସ୍ୟଙ୍କ ହଟ୍ଟଗୋଳ, ବ୍ୟାନର ପ୍ରଦର୍ଶନରେ ଯାଇଥିବା ବେଳେ ଗୃହକୁ ସ୍ୱାଭାବିକ କରିବା ଲାଗି ବାଚସ୍ପତିଙ୍କୁ ବାରମ୍ବାର ସର୍ବଦଳୀୟ ବୈଠକ ଡାକିବାକୁ ପଡ଼ିଥିଲା।

### ବିଜେଡିରୁ ପ୍ରଦୀପ ...

ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଗୋପାଳପୁର ଅଞ୍ଚଳର କେତେଜଣ ଯୁବତୀଯୁବକ ଠକେଇ ଅଭିଯୋଗ କରିଥିଲେ। ସୂଚନାଥାଉ କି, ଆସନ୍ତା ୧୧ ତାରିଖରେ ଆକାଶଙ୍କ ସହିତ ବିଧାୟକ ପାଣିଗ୍ରାହୀଙ୍କ ଝିଅର ବିବାହ ହୋଇଥାନ୍ତା। ଏନେଇ ସବୁକିଛି ଚୂଡାନ୍ତ ହୋଇଯାଇଥିଲା। ଶୁକ୍ରବାରଠାରୁ ଭାବୀ ଜ୍ୱାଇଁ ଆକାଶ ଠକେଇ ଘଟଣାରେ ଜେଲରେ ଥିବାବେଳେ ରବିବାର ବିଧାୟକ ପାଣିଗ୍ରାହୀଙ୍କ ବିରୋଧରେ ବିଜେଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଦଳୀୟ ସଙ୍ଗଠନରେ କୌଣସି ପ୍ରଭାବ ପଡ଼ିବନି: ଚ୍ୟାଉପଟ୍ଟନାୟକ

ବ୍ରହ୍ମପୁର ଅଫିସ,୨୯।୧୧-ଗଞ୍ଜାମ ଜିଲା ବିଜେଡି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଛନ୍ତି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ନିଲମ୍ବନ ଗଞ୍ଜାମ ଜିଲାର ଦଳୀୟ ସଙ୍ଗଠନ କ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଉଚିତ୍ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଏବଂ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଜେଡି ସର୍ବଦା ସଫଳ ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସଫଳ ହେବ ବୋଲି ଚ୍ୟାଉ ପଟ୍ଟନାୟକ କହିଛନ୍ତି।

### ଆରମ୍ଭରୁ ହାତ ...

ଥିବା ଅଭିଯୋଗ ହେବା ପରେ ଭୁବନେଶ୍ୱର ଖଣି ଯୁଗ୍ମ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଯୋଡ଼ା ଗସ୍ତ କରିଥିଲେ। ଗସ୍ତ ସମୟରେ କେତେକ ଖଣିରେ ବେଆଇନ କାମ ଚାଲିଥିବା ଚିଠି ନଂ.୬୬୦୫/୨୩।୦୯।୨୦୨୦ରୁ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲୀଲ କୁମାର ବେହେରାଙ୍କୁ ପଚାରିବାରୁ ଜୁନ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ପ୍ରାୟ ୧୬୦୦ କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଛି। ଖଣିଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେଲେ ଚଳିତ ଆର୍ଥିକବର୍ଷରେ ରାଜସ୍ୱ କମିବାର ଆଶଙ୍କା ରହିଥିବା ବେହେରା କହିଛନ୍ତି।

# ପରୀ ପ୍ରସଙ୍ଗ: ଭାଜପାର ଆନ୍ଦୋଳନ ଚେତାବନୀ

- ସିବିଆଇ ତଦନ୍ତ, ମନ୍ତ୍ରୀଙ୍କୁ ବହିଷ୍କାର ଦାବି
- କଳା ଗାମୁଛା ପକାଇ ଗାନ୍ଧୀ ମୂର୍ତ୍ତି ତଳେ ଭାଜପାର ପ୍ରତିବାଦ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ନୟାଗଡ଼ ଜିଲାର ପରୀ ହତ୍ୟାକାଣ୍ଡକୁ ନେଇ ରାଜନୈତିକ ଲଢ଼େଇ ଥମିବାର ନାଁ ଧରୁନାହିଁ। କିନ୍ତୁ ବିଧାନସଭାରେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ମଧ୍ୟରେ ମତଭେଦ ଦେଖିବାକୁ ମିଳିଲାଣି। ଉକ୍ତ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍ଆଇଟି ତଦନ୍ତ ନେଇ ଘୋଷଣା କରିବା ପରେ କଂଗ୍ରେସ ଏହା ନିଜର ସଫଳତା କହି ଭାଜପାଠାରୁ ମତ ଦୂରେଇଛି। ହେଲେ ଭାଜପା ଏହି ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଇସ୍ତଫା ଦାବି କରିବା ସାଙ୍ଗକୁ ଶାସକ ଦଳ ସହ କଂଗ୍ରେସ ସଲସୁତୁରା କରିଥିବା ଅଭିଯୋଗ ଆଣିଛି। ଏପରି କି ଭାଜପା ରାସ୍ତାକୁ ଓହ୍ଲାଇବା ସାଙ୍ଗକୁ ଜୋର୍‌ଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଖବରଦାତା ସମ୍ମିଳନୀ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ପରୀକୁ ନ୍ୟାୟ ପାଇଁ ହେଉଥିବା ରାଜ୍ୟବାସୀଙ୍କ ଲଢେଇକୁ ନିର୍ଣ୍ଣାୟକ ମୋଡ଼ ପର୍ଯ୍ୟନ୍ତ ନେବା ଲାଗି ଭାଜପା ବଦ୍ଧପରିକର। କଂଗ୍ରେସ ଶାସକ ଦଳର ସୁରକ୍ଷା କବଚ ସାଜି ପରୀ ପାଇଁ ହେଉଥିବା ନ୍ୟାୟ ଲଢେଇକୁ ଧୋକା ଦେଇଛି। ଆଖିକୁ ଧର୍ମଠାର ଭଳି ସରକାରଙ୍କ ଦ୍ୱାରା ଗଠିତ ଏସ୍ଆଇଟି ଟିମ୍‌ରେ ଥିବା ସମସ୍ତ ୫ ସଦସ୍ୟ ରାଜ୍ୟ ସରକାରୀ କର୍ମଚାରୀ। ଏହାଦ୍ୱାରା ନିରପେକ୍ଷ ତଦନ୍ତ ଆଦୌ ସମ୍ଭବ ନୁହେଁ। କେବଳ ସିବିଆଇ ଦ୍ୱାରା ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ। ଭାଜପା କେବେହେଲେ ଏସ୍ଆଇଟି ତଦନ୍ତ ଦାବି କରିନାହିଁ। କଂଗ୍ରେସକୁ ସାଥି କରି ଶାସକ ବିଜେଡି ଘଟଣାକୁ ଚାପି ଦେବାର ଅପପ୍ରୟାସ କରୁଛି ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ପରୀ ଭଳି ରାଜ୍ୟର ୫୩୨୩ ଶିଶୁ ନିଖୋଜ ଅଛନ୍ତି। ଏନେଇ ରାଜ୍ୟ ସରକାର ସାମାନ୍ୟ ଟେର୍ ପାଉନାହାନ୍ତି। ଏଭଳି ଗମ୍ଭୀର ଘଟଣାଗୁଡିକ ପାଇଁ ସରକାର ଆଦୌ ସମ୍ବେଦନଶୀଳ ନୁହନ୍ତି ବୋଲି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ଘଟଣାର ସିବିଆଇ ତଦନ୍ତ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ଭାଜପା ସଦସ୍ୟମାନେ ରବିବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ସେମାନେ ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ିବା ସହ ଶନିବାର ଭଳି ପୁଣିଥରେ ମାଇକ୍ ଟଣାଓଟରା କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ୧୦ଟା ୫୩ରୁ ୧୧ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ଏହାପରେ ଭାଜପା ସଦସ୍ୟମାନେ କଳା ଗାମୁଛା ପକାଇ ବିଧାନସଭା ପରିସରସ୍ଥ ଗାନ୍ଧିମୂର୍ତ୍ତି ତଳେ ସରକାରଙ୍କ ବିରୋଧରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ବିଜେଡି-କଂଗ୍ରେସର ଅସାଧୁ ମେଣ୍ଟ ପରୀକୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିଛି ବୋଲି ଅଭିଯୋଗ କରି ସେମାନେ ନାରାବାଜି କରିଥିଲେ। ଅପରାହ୍ନ ଅଧିବେଶନରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଜଣେ ଅଟୋଚାଳକଙ୍କ ଝିଅର ଜୀବନ ମୂଲ୍ୟ କ'ଣ କିଛି ନାହିଁ ବୋଲି ବାଚସ୍ପତିଙ୍କୁ ପ୍ରଶ୍ନ କରିଥିଲେ। ଏସ୍ଆଇଟି ତଦନ୍ତରେ ଆମେ ବିଶ୍ୱାସ କରୁନୁ। ସିବିଆଇ ତଦନ୍ତ ସହ ମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ। ପଦପଦବୀରେ ରହିଲେ ସତ୍ୟାସତ୍ୟ ଆସିପାରିବନି। ବାବୁଲି ନାୟକ ଅଙ୍ଗ ତସ୍କରୀରେ ଅଛି କି ନାହିଁ, ଭୁବନେଶ୍ୱରର କେଉଁ ହସ୍ପିଟାଲ୍‌ରେ ଏଭଳି କାର୍ଯ୍ୟ କରାଯାଉଛି, କାହାକୁ ଅଙ୍ଗ ପ୍ରଦାନ କରାଯାଉଛି, ତାହା ପ୍ରଘଟ ହେବା ଦରକାର ବୋଲି ନାଏକ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ବିରୋଧାଭାସ ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କୃତ୍ତିକା ନକ୍ଷତ୍ରର ପିଲାମାନଙ୍କର କିମ୍ବା ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମୃଗଶିରା ନକ୍ଷତ୍ର ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଶୁଣା ଖବରକୁ ବିଶ୍ୱାସ କରି ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ଅଟକି ରହିଥିବା କାମଗୁଡିକ ସହକର୍ମୀଙ୍କ ବଦାନ୍ୟତାରୁ ହୋଇଯିବ। ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସତର୍କ ନ ରହିଲେ ପରିସ୍ଥିତି ବଦଳି ଯାଇପାରେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀ ରାଗି ପାରନ୍ତି। ପରିବାରର ଆଜିର ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ। ଶିଡି ଚଢିବା କିମ୍ବା ଯିବା ଆସିବା ସମୟରେ ସତର୍କ ରୁହନ୍ତୁ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀମାନେ ଏକଜୁଟ ହୋଇ ହଇରାଣରେ ପକାଇପାରନ୍ତି। ଘରର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ତ୍ରୀଙ୍କ ସହ ଆଲୋଚନା କରିବେ। ଆଶଙ୍କା ଦୂର ହୋଇଯିବ ଓ ସାମାଜିକ ସମ୍ମାନ ଲାଭ କରିବେ। ସଙ୍ଗଠନ କିମ୍ବା ନିର୍ମାଣ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ପ୍ରକାଶ୍ୟରେ କିଛି ନ କହିପାରିଲେ ମଧ୍ୟ ବନ୍ଧୁଙ୍କ ଅଶାଳୀନ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର ଲୋକମାନଙ୍କ କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହୋଇଯିବ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘର ପାଇଁ ସମୟ ପାଇବେ ନାହିଁ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିପାରନ୍ତି। ସୁନା କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣି ଠକାମିରେ ପଡିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସି ଦୁଶ୍ଚିନ୍ତା ବଢ଼ାଇପାରେ।

**ତୁଳା** ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅତ୍ୟଧିକ ଭ୍ରମଣ ଓ ମାନସିକ ଉଦ୍‌ବେଗ ଯୋଗୁଁ ଆଳସ୍ୟ ଅନୁଭବ କରିବେ। ଚିତ୍ରା ନକ୍ଷତ୍ରର ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ବିଶେଷ ଉନ୍ନତି ହେବ।

**ବିଛା** ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଥିଲେ ମଧ୍ୟ ନିଜ ଅବହେଳା ଜନିତ କୌଣସି ସମସ୍ୟା ଦେଖାଦେଇପାରେ। ଅପୂରଣୀୟ ଆଶା କ୍ରମଶଃ ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହଚର୍ଯ୍ୟ କେତେକାଂଶରେ କାମ ସକାଶେ ଅନୁକୂଳ ରହିପାରେ। ରାଜନୀତିରେ, ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** ସମୟ ପ୍ରତ୍ୟେକ ଦିଗରୁ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହୋଇପାରେ। ବିନା ଦୋଷରେ ବନ୍ଧୁଙ୍କ ଘରୋଇ ଝମେଲା ଭିତରକୁ ଟାଣି ହୋଇ ଯାଇପାରନ୍ତି। ମୂଳା ନକ୍ଷତ୍ର କ୍ରୀଡା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** କାମଗୁଡିକ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘର ସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଉତ୍ତରାଷାଢାର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ କାମ ହାସଲ କରିବେ।

**କୁମ୍ଭ** ସାମାଜିକ ସ୍ତରରେ ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆପଣଙ୍କ ଅନୁରୋଧ କ୍ରମେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ।

**ମୀନ** ସହଜ ଓ ସରଳଭାବରେ ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। ରେବତୀ ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ ହେତୁ କେତେକ କାମ ଅଟକି ଯାଇପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଖୁସି ହୋଇପାରନ୍ତି। ଅଫିସରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ରାସ/କାର୍ତ୍ତିକପୂର୍ଣ୍ଣିମା ସୋମବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ, କାର୍ତ୍ତିକ ବ୍ରତ ସମାପନ, ବାଲିଯାତ୍ରା, ନଭେମ୍ବର ୩୦ ତାରିଖ, ସାର୍ ଜଗଦୀଶ ଚନ୍ଦ୍ର ବୋଷ ଓ ଗୁରୁନାନକ ଜୟନ୍ତୀ, ରାଶି ନକ୍ଷତ୍ର-ରୋହିଣୀ/ ବୃଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬.୦୮ମି. ଗତେ ଘ.୦୭.୩୫ମି. ମଧ୍ୟେ, ଘ.୦୯.୦୨ମି. ଗତେ ଘ.୧୧.୧୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୩୦ମି. ଗତେ ଘ.୦୮.୫୧ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

real estate

**SALE**

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771. D-70112

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

Plot Available@99/ sqft.(Spot Registration And Possession) At-Trahiachuta Asram, 9km from Balakati Bazar, 17km. From Railway Station (Blacktop Roadside. Best Option for quick Return) WhatsApp-9437622363, Call-7653994600 D-69654

ସାଇ ବିହାର କଲୋନୀରେ ପିଚୁ ରୋଡ୍‌କୁ ଲାଗି 30' ରାସ୍ତା ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର, BJEM-II ନିକଟରେ 1500sqft. 6,75,000/- ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। 9437522339. D-70114

to-let

2BHK flat with parking at Lingipur, rent family Contact: 7894381416. D-59972

**ACCOMMODATION**

ଭୁବନେଶ୍ୱର ଆଖ ପାଖରେ ଭଡ଼ା ସୂତ୍ରରେ Godown ଆବଶ୍ୟକ। Contact: 9938732425, 9439733321. D-19097

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEASE**

କିଣିବା/Lease ସୂତ୍ରରେ ୧୧୦୯ ଟ୍ରକ୍‌ଗାଡ଼ି ଆବଶ୍ୟକ। Contact: 9938732425, 9439733321. D-19098

healthcare

Newly open full body massage SPA in Bhubaneswar. Contact: 7205058838. D-70037

Rejuvenate and Ayurvedic full body massage by smart therapist. 9348123330. D-70038

Get refreshment body massage by expert therapist contact for 7205084157. D-70036

Swarna SPA newly open positively health benefits with expert therapist. 9556978408. D-70034

Refreshing your mind & body with best therapy at Lotus Spa. 8018234866 D-69584

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

**LOST**

I, Suresh Kumar Agrawal aged about 58years, S/o- Late Gopiram Agrawal, Ward No-5, Daga Chowk, Po- Khariar Road, PS-Jonk, Dist.-Nuapada, Aadhaar No-997764661376, has applied for financial assistance to Central Bank of India, Khariar Road. I have expressed my inability to Bank to produce the Original Sale Deed No. 1383/74 dt.12.08.1974, executed by Mr. Maikul Nigam, S/o- Mr. Ganga Ram Nigam of Khariar Road, Dist.-Nuapada, in my favour as the same had been lost from my possession on 02.01.2018. I have also reported this matter before Jonk PS. on 06.01.2018, SDE No-10, but the same is not traced out. If anyone has found the same please return it to undersigned within 15days. SURESH KUMAR AGRAWAL, Khariar Road, Dist.-Nuapada, Mob-9437084902. D-69822

# ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ

## ୧୧,୭୦୦ କୋଟି ଟଙ୍କାର ବଜେଟ

- ଆଲୋଚନାରେ ଭାଗନେଲାନି ଭାଜପା
- ଖଣି ମାଫିଆଙ୍କ ସରକାର: ନରସିଂହ
- ଅତିରିକ୍ତ ବଜେଟ ମୂଳ ବଜେଟର ୭.୫%: ଅର୍ଥମନ୍ତ୍ରୀ
- କାର୍ଯ୍ୟକ୍ରମ ବ୍ୟୟ ପାଇଁ ୬୬.୩୫%



ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ବିରୋଧୀଙ୍କ ହଇଗୋଳ ମଧ୍ୟରେ ବିଧାନସଭା ଶୀତକାଳୀନ ଅଧିବେଶନରେ ରବିବାର ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହୋଇଛି। ପୂର୍ବାହ୍ନ ଅଧିବେଶନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ୨୦୨୦-୨୧ ବର୍ଷ ପାଇଁ ୧୧,୭୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଗତ କରିଥିଲେ। ଗୃହର ମଞ୍ଜୁରୀ ମିଳିଲେ ଏହି ଅର୍ଥ କୋଭିଡ୍ ପରିଚାଳନା ସମେତ ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟପାଇଁ ବିନିଯୋଗ କରାଯିବ ବୋଲି ମନ୍ତ୍ରୀ କହିଥିଲେ। କୋଭିଡ୍-୧୯ର ପ୍ରଭାବ ପୂର୍ବରୁ ରାଜ୍ୟରେ ଚଳିତ ଆର୍ଥିକବର୍ଷ ପାଇଁ ମୂଳ ବଜେଟ ପ୍ରସ୍ତୁତ କରାଯାଇଥିଲା। ବଜେଟରେ ବିଭିନ୍ନ ବିଭାଗର ଭିତ୍ତିଭୂମି ବିକାଶ ଜରିଆରେ ନୂତନ ଓଡ଼ିଶା ଗଠନର ଆଭିମୁଖ୍ୟ ରହିଥିଲା। ମାତ୍ର କୋଭିଡ୍-୧୯ ଲାଗି ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ଚଳିତ ଆର୍ଥିକବର୍ଷର ପ୍ରାଥମିକତାକୁ ସଂଶୋଧନ କରିବାକୁ ପଡ଼ିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ମହାମାରୀକୁ ଆଖିଆଗରେ ରଖି ଅତିରିକ୍ତ ବଜେଟରେ 'ଆବଣ୍ଟନର ପୁନଃ ପ୍ରାଥମିକତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଖାଦ୍ୟ ଓ ସାମାଜିକ ସୁରକ୍ଷା, ଜୀବିକା, ରୋଜଗାର ସୃଷ୍ଟି ସମ୍ବନ୍ଧୀୟ କୋଭିଡ୍ ପରିଚାଳନା ଉପରେ ଫୋକସ୍ ରହିଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କୋଭିଡ୍ ଯୋଦ୍ଧା ପ୍ୟାକେଜ୍, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ କ୍ଷେତ୍ର, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମିଶନ ଶକ୍ତି ଇତ୍ୟାଦିକୁ ସମ୍ପୂର୍ଣ୍ଣ ଭାବେ ପାଣ୍ଠି ପ୍ରଦାନ କରାଯାଇଛି। ଏହି ଅତିରିକ୍ତ ବଜେଟର ଆକାର ମୂଳ ବଜେଟର ୭.୫%। ସମୁଦାୟ ଅତିରିକ୍ତ ବଜେଟର ୬୬.୩୫% କାର୍ଯ୍ୟକ୍ରମ ବ୍ୟୟ ତଥା ସାମାଜିକ ଓ ଅର୍ଥନୈତିକ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ମୋଟ ୭,୪୩୮ କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟ ବରାଦରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧,୬୨୭ କୋଟି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପାଇଁ ୨,୦୪୧ କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପାଇଁ ୧,୦୭୭ କୋଟି, ଭିତ୍ତିଭୂମି କ୍ଷେତ୍ର ପାଇଁ ୧,୬୦୩ କୋଟି, ଶିକ୍ଷା, କ୍ରୀଡ଼ା ଏବଂ ଦକ୍ଷତା ବିକାଶ ପାଇଁ ୫୮୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କରୋନା ପ୍ରଭାବ ସତ୍ତ୍ୱେ ଚଳିତବର୍ଷ ସେପ୍ଟେମ୍ବର ଶେଷସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ସଂଗ୍ରହ ଗତବର୍ଷ ସେପ୍ଟେମ୍ବର ସୁଦ୍ଧା ଆଦାୟ ରାଜସ୍ୱ ତୁଳନାରେ ୧.୭% ଅଧିକ ରହିଛି। ଅଧିକ ରାଜସ୍ୱ ଆଦାୟ ଏବଂ ଋଣ ଉପରେ ନିର୍ଭରଶୀଳତା କମ୍ କରିବା ପାଇଁ ରାଜ୍ୟ ସରକାର ବକେୟା ରାଜସ୍ୱ ଆଦାୟ ଏବଂ ସମ୍ବଳ ପ୍ରତ୍ୟାବର୍ତ୍ତନ ଉପରେ ଗୁରୁତ୍ୱ ଦେଉଛନ୍ତି। ୨୦୨୦ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟର ରାଜସ୍ୱ ବଳକା ୬,୭୯୦ କୋଟି ଟଙ୍କା ରହିଛି। ତେଣୁ ସମ୍ବଳ ସଂଗ୍ରହ ନେଇ ସଦସ୍ୟମାନେ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଥିଲେ। ତେବେ କେନ୍ଦ୍ରୀୟ ଅନୁଦାନ ଏବଂ କେନ୍ଦ୍ର ଟିକସରେ ରାଜ୍ୟ ଅଂଶ ପ୍ରାପ୍ତିରେ ହ୍ରାସ ହେବା ଆମ ପାଇଁ ଚିନ୍ତାର ବିଷୟ ବୋଲି ପୂଜାରୀ କହିଛନ୍ତି। ଅତିରିକ୍ତ ବଜେଟରେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋଭିଡ୍-୧୯ ପାଇଁ ଘୋଷିତ ପ୍ୟାକେଜ୍ ଏବଂ ଅନ୍ୟ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବା ସେ କହିଥିଲେ।

ବିଲ୍‌କୁ ବିରୋଧ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଦୁର୍ନୀତିଗ୍ରସ୍ତ ସରକାରଙ୍କ ହାତରେ ଟ୍ରେଜେରି ଚାବିକାଠି ଦିଆଯାଇପାରିବ ନାହିଁ ବୋଲି କହିଥିଲେ। ୯ଟି ଖଣି ମାଲିକ ୩ବର୍ଷରେ ୩୬୦୦ କୋଟିରୁ ଅଧିକ ଟଙ୍କା ଲୁଟିଛନ୍ତି। ଖଣିଜଭରା ଜମି ଉପରେ ସରକାର ଟିକସ ନେଉ ନ ଥିବାରୁ ରାଜ୍ୟ ରାଜକୋଷକୁ ୪୦ ହଜାର କୋଟି ଟଙ୍କା କ୍ଷତି ହୋଇଛି। ଖଣି ମାଫିଆଙ୍କୁ ସମର୍ଥନ କରି ରାଜ୍ୟ ସରକାର ଭୁଲ୍ ବିଲ୍ ପାସ୍ କରିବା ଦ୍ୱାରା ରାଜ୍ୟ ରାଜକୋଷରୁ ଅର୍ଥହାନି ହେଉଛି। ଖଣି ମାଫିଆଙ୍କ ସରକାର ଚାଲିଛି ବୋଲି ନରସିଂହ କହିଥିଲେ। ଏହାସହ ସେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍‌କୁ ବିରୋଧ କରିଥିଲେ। ସେହିଭଳି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍‌କୁ ବିରୋଧ କରି କହିଥିଲେ, ସରକାରଙ୍କର ଅଧିକ ଟଙ୍କା ଦୁର୍ନୀତିରେ ଯାଉଛି। ରାଜ୍ୟ ସରକାର ନିଜ ସ୍ୱାର୍ଥ ପାଇଁ ଏଭଳି ଅତିରିକ୍ତ ବଜେଟ ଆଣିଛନ୍ତି। ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ପିସି କାରବାର ଚାଲିଛି। ଗରିବ ଲୋକମାନେ ଟଙ୍କାଟିଏ ବି ପାଉନାହାନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବିଲ୍‌କୁ ବିରୋଧ କରି ପଞ୍ଚାୟତସ୍ତରରେ ଦୁର୍ନୀତି ଏବେ ଚରମସୀମାରେ ପହଞ୍ଚିଥିବା କହିଥିଲେ। ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍‌କୁ ସମର୍ଥନ କରିଥିଲେ। କୋଭିଡ୍ ପରିଚାଳନାରେ ଓଡ଼ିଶା ମଡେଲ ରାଜ୍ୟ ସାଜିଛି। ରାଜ୍ୟରେ ମହାବାତ୍ୟା ଫନୀର ସଫଳ ମୁକାବିଲା କରାଯାଇଛି। ରାଜ୍ୟ ସରକାର ଆର୍ଥିକ ବ୍ୟବସ୍ଥାର ସୁପରିଚାଳନା କରୁଥିବା ସେ କହିଥିଲେ। ସେହିଭଳି ବିଜେଡି ସଦସ୍ୟା ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ବିଲ୍ ସମର୍ଥନରେ ମତ ରଖିଥିଲେ।

ଏପଟେ ନରସିଂହ ମିଶ୍ରଙ୍କ ଖଣି ଦୁର୍ନୀତି ପ୍ରସଙ୍ଗରେ ଉତ୍ତର ରଖି ଅର୍ଥମନ୍ତ୍ରୀ କହିଥିଲେ, ୯ଟି ଖଣିରେ ବେଆଇନ ଉତ୍ତୋଳନ ମାମଲା ଏବେ ଲୋକାୟୁକ୍ତଙ୍କ ବିଚାରାଧୀନ ରହିଛି। ରାଜ୍ୟ ସରକାର ଏ ବାବଦକୁ ଲୋକାୟୁକ୍ତଙ୍କ ନିକଟରେ ପକ୍ଷ ରଖିସାରିଛନ୍ତି। ମାମଲାର ରାୟ ପାଇଁ ଲୋକାୟୁକ୍ତଙ୍କ ଆଦେଶକୁ ଅପେକ୍ଷା କରିବାକୁ ପଡ଼ିବ। ତେବେ ମିନେରାଲ୍ ବିୟରିଂ ଲ୍ୟାଣ୍ଡ୍ ଟାକ୍ସ ବାବଦକୁ କଂଗ୍ରେସ ବିଧାୟକ ଦଳ ନେତା ଦେଇଥିବା ମତାମତକୁ ବିଚାର କରି ଉପଯୁକ୍ତ ପଦକ୍ଷେପ ନେବାକୁ ଇସ୍ପାତ ଏବଂ ଖଣି ମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଥିଲେ। ଅର୍ଥମନ୍ତ୍ରୀ ପୂଜାରୀ ଉତ୍ତର ରଖିବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବାଚନିକ ଭୋଟ୍ ମାଧ୍ୟମରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ କରାଇଥିଲେ। ତେବେ ଭାଜପା ସଦସ୍ୟମାନେ ହଇଗୋଳ ଜାରି ରଖିଥିବାବେଳେ ବ୍ୟୟମଞ୍ଜୁରୀ ଆଲୋଚନାରେ ଅଂଶଗ୍ରହଣ କରି ନ ଥିଲେ।

# ସୀମାନ୍ତରେ ଲ୍ୟାଣ୍ଡମାଇନ ବିସ୍ଫୋରଣ



ବିସ୍ଫୋରଣ ଘଟିଥିବା ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଛନ୍ତି।

## ଜଣେ କୋବ୍ରା କମାଣ୍ଡାଣ୍ଟଙ୍କ ମୃତ୍ୟୁ, ୯ ଯବାନ ଗୁରୁତର

ମାଲକାନଗିରି,୨୯।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ କୋବ୍ରା ବାଟାଲିୟନର ଜଣେ କମାଣ୍ଡାଣ୍ଟଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ନିତୀନ ଭାଲେରାଓ ବୋଲି ଜଣାପଡିଛି। ଏଥିସହ ୯ ଯବାନ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବାୟୁସେନା ହେଲିକପ୍ଟର ଯୋଗେ ଚିକିତ୍ସା ପାଇଁ ରାୟପୁର ପଠାଯାଇଛି।

ଖବରରୁ ଜଣାପଡିଛି ମାଲକାନଗିରି ସଦର ମହକୁମାରୁ ୪୦ କିମି ଦୂର ଛତିଶଗଡ ସୁକୁମା ଥାନା ଗୁର୍କାପାଲ କ୍ୟାମ୍ପର ୨୦୬ ବାଟାଲିୟନ କୋବ୍ରାବାହିନୀର ଯବାନମାନେ ଶନିବାର ରାତିରେ କୋମ୍ବିଂ ଅପରେଶନ ସାରି ଫେରୁଥିବା ସମୟରେ ତାଲମେଟଲା ନିକଟରେ ମାଓବାଦୀଙ୍କ ଦ୍ୱାରା ରାସ୍ତାରେ ଖଞ୍ଜା ଯାଇଥିବା ୩ଟି ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣା ସ୍ଥଳରେ କମାଣ୍ଡାଣ୍ଟ ଭାଲେରାଓଙ୍କ ମୃତ୍ୟୁ ହୋଇଥିଲା। ସେକେଣ୍ଡ-ଇନ୍ ର୍ୟାଙ୍କ ଅଫିସର ଦିନେଶ ସିଂଙ୍କ ସମେତ ୯ ଜଣ ଯବାନ ଗୁରୁତର ହୋଇଛନ୍ତି। ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିବା ଅଞ୍ଚଳକୁ ବିଏସ୍ଏଫ ଯବାନମାନେ ଚାରିପଟୁ ଘେରି କୋମ୍ବିଂ ଅପରେଶନ ସହ ତଲାସି ଅଭିଯାନକୁ ଜୋରଦାର କରିଛନ୍ତି। ଉକ୍ତ ଅଞ୍ଚଳକୁ କୌଣସି ସାଧାରଣ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛଡାଯାଉ ନାହିଁ। ମାଲକାନଗିରି ସୁକୁମା ରାସ୍ତାରେ ଯୋଗାଯୋଗ ବନ୍ଦ ରହିଛି। ଜିଲାର ସମସ୍ତ ରାସ୍ତାରେ ଗାଡିମୋଟରକୁ ପୋଲିସ ଯାଞ୍ଚ କରୁଥିବା ସୁକୁମା ଏସ୍‌ପି କେଏଲ୍ ଧ୍ରୁବ କହିଛନ୍ତି। ଖବର ଲେଖାହେବା ବେଳକୁ ୭ଜଣ କମାଣ୍ଡୋ ରାୟପୁର ହସ୍ପିଟାଲ ଏବଂ ୨ଜଣ ଚିନ୍ତାଲନାରରେ ଚିକିତ୍ସିତ ହେଉଥିବା ଜଣାପଡିଛି।






ପୁରସ୍କୃତ ଶିଳ୍ପୀଙ୍କ ସହ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ୫ଜଣଙ୍କୁ ମିଳିଲା 'ଧର୍ମପଦ ପୁରସ୍କାର'

- ସମ୍ବର୍ଦ୍ଧିତ ହେଲେ ୨୫ ଶିଳ୍ପୀ
- ତରବରିଆ କାର୍ଯ୍ୟକ୍ରମକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ ତଥା ମର୍ଯ୍ୟାଦାଜନକ ସମ୍ମାନ 'ଧର୍ମପଦ ପୁରସ୍କାର' ୫ବର୍ଷ ପାଇଁ ୫ଜଣଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୨୫ଜଣ ବୟୋଜ୍ୟେଷ୍ଠ ଶିଳ୍ପୀଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ଦିଆଯାଇଛି। ରବିବାର ସଂସ୍କୃତି ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପୁରସ୍କାର ଏବଂ ସମ୍ବର୍ଦ୍ଧନା ଦେଇଥିଲେ। ଧର୍ମପଦ ପୁରସ୍କୃତ ଶିଳ୍ପୀଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ, ମାନପତ୍ର ସହ ୫ଲକ୍ଷ ଟଙ୍କାର ଚେକ୍ ଓ ସମ୍ବର୍ଦ୍ଧିତ ଶିଳ୍ପୀଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ସହ ଅଙ୍ଗବସ୍ତ୍ର, ଉପଢୌକନ, ମାନପତ୍ର ପ୍ରଦାନ କରିଥିଲେ।

୨୦୧୬ ମସିହା ପାଇଁ ବରିଷ୍ଠ ଚିତ୍ରଶିଳ୍ପୀ ବନବିହାରୀ ପରିଡ଼ା, ୨୦୧୭ ପାଇଁ ବିଶିଷ୍ଟ ସ୍ଥପତି ଶ୍ୟାମସୁନ୍ଦର ପଟ୍ଟନାୟକ, ୨୦୧୮ ପାଇଁ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ୨୦୧୯ ପାଇଁ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ଓ ୨୦୨୦ ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ୨୦୧୬ ମସିହା ପାଇଁ ଚନ୍ଦ୍ର କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ମହାନ୍ତି, ବସନ୍ତ କୁମାରୀ ସାମନ୍ତ, ବାଞ୍ଛାନିଧି ପଟ୍ଟନାୟକ ଓ ଯୋଗେଶ ପ୍ରସାଦ ଦାନୀ ଏବଂ ୨୦୧୭ ପାଇଁ ରାଧାଶ୍ୟାମ ବିଶୋଇ, ଦେବେନ୍ଦ୍ର ଦାସ, ବନମାଳୀ ମହାପାତ୍ର, ଲଲାଟ ମୋହନ ପଟ୍ଟନାୟକ ଓ ଡ. ଅଲେଖ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୮ ପାଇଁ ଶ୍ରୀଧର ମହାରଣା, ଗୋକୁଳାନନ୍ଦ ଦାସ, ଗୁନେନ୍ଦ୍ର ପଟ୍ଟନାୟକ, କଳ୍ପତରୁ ମହାରଣା ଓ ଅଶୋକ କୁମାର ମହାନ୍ତି, ୨୦୧୯ ପାଇଁ ଶ୍ରୀନିବାସ ପଢ଼ିହାରୀ, ଲକ୍ଷ୍ମୀଧର ରଣା, ବ୍ରଜକିଶୋର ଜେନା, ପ୍ରଶାନ୍ତ କୁମାର ଦାସ ଓ ଗୌରାଙ୍ଗ ବାରିକ ଏବଂ ୨୦୨୦ ପାଇଁ ରବିନାରାୟଣ ରଥ, ବିଜୟ କୁମାର ପରିଡ଼ା, ପ୍ରଭାକର ମହାରଣା, ଦୀନବନ୍ଧୁ ମହାପାତ୍ର ଓ ବୃନ୍ଦାବନ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ଧନ୍ୟବାଦ ଦେଇଥିଲେ।

ଦୀର୍ଘବର୍ଷ ପରେ ଗତ ୨୭ ତାରିଖ ଶୁକ୍ରବାର ଏହି ପୁରସ୍କାର ଘୋଷଣା କରାଯାଇଥିଲା। ହେଲେ ରବିବାର ତରବରିଆ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଅନ୍ୟ ଶିଳ୍ପୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ତେଲ ଦର ବୃଦ୍ଧି ଅମୁନି

## ପେଟ୍ରୋଲ ୧.୩୫ ଟଙ୍କା, ଡିଜେଲ ୨.୧୯ ଟଙ୍କା ବଢ଼ିଲା

ଭୁବନେଶ୍ୱର,୨୯।୧୧

ପେଟ୍ରୋଲ ଏବଂ ଡିଜେଲ ଦର ଅମୁନାହିଁ। ଗତ ୧୦ ଦିନ ମଧ୍ୟରେ ତେଲ ଦର ୯ ଥର ବୃଦ୍ଧି ପାଇଛି। ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। କରୋନା ମହାମାରୀ ସମୟରେ ଲଗାତର ତେଲ ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ଉପରେ ବୋଝ ପଡୁଛି। ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢିଥିବା ବେଳେ ଇନ୍ଧନ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଥିବା ଜଣାପଡିଛି। ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୨୧ ପଇସା ବୃଦ୍ଧି ପାଇ ୮୨.୯୫ ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲ ଦର ମଧ୍ୟ ୩୨ ପଇସା ବଢି ୭୮.୮୭ ଟଙ୍କାରେ ପହଞ୍ଚିଛି। ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ଲିଟର ପିଛା ୧୯ରୁ ୨୧ ପଇସା ଏବଂ ଡିଜେଲ ଲିଟର ପିଛା ୨୮ରୁ ୩୧ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୨.୩୪ ଟଙ୍କା ଥିବା ବେଳେ ଡିଜେଲ ଦର ୭୨.୪୨ ଟଙ୍କା ରହିଛି। ସେହିଭଳି ଚେନ୍ନାଇ, ମୁମ୍ବାଇ ଓ କୋଲକାତା ଭଳି ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୮୫.୩୧, ୮୯.୦୨ ଏବଂ ୮୩.୮୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ମଧ୍ୟ ଯଥାକ୍ରମେ – ୭୭.୮୪, ୭୮.୯୭ ଓ ୭୫.୯୯ ଟଙ୍କା ରହିଛି।

DHABALESWAR INSTITUTE OF POLYTECHNIC
&
DHABALESWAR INDUSTRIAL TRAINING CENTRE

"The News The Dharitri" is the land mark in the Annalas of History of Newspaper. It gives the people current information from time to time. Literary writings in the Newspaper are of appex quality than in any other Newspaper.
We wish the Newspaper "The Dharitri" to be more glorious and successful in the coming days.

CHAIRMAN
Dhabaleswar Institute of Polytechnic &
Dhabaleswar Industrial Training Centre
Radhadamodarpur, Khuntuni, Cuttack



ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। –ଶ୍ରୀମା



# ଅନାବଶ୍ୟକ ଉତ୍କଣ୍ଠା

କୋଭିଡ୍-୧୯ ସଂକ୍ରମଣ ରହିଥିଲେ ମଧ୍ୟ ସେଥିପ୍ରତି ବିଶ୍ୱବାସୀ ପୂର୍ବଭଳି ଆତଙ୍କିତ ହେଉ ନ ଥିବା ପରିଲକ୍ଷିତ ହେଉଛି। ଭାରତ ଭଳି ଦେଶରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ସବୁଆଡ଼େ ଭିଡ଼ ଲାଗି ରହିଥିବାର ଦେଖାଯାଉଛି। ସାମାଜିକ ଦୂରତା ସମ୍ପର୍କରେ ନ କହିବା ଭଲ। ସେହିପରି ମୁହଁରେ ମୁଖା ପିନ୍ଧିବାକୁ କେହି ଖାତିର କରୁଥିବା ଭଳି ଦେଖାଯାଉ ନାହିଁ। ଲୋକଙ୍କ ଗତିବିଧିରୁ ଧାରଣା ସୃଷ୍ଟି ହେଉଛି ଯେପରି କେହି କୋଭିଡ୍ ବିଷୟରେ କିଛି ମନେରଖି ନାହାନ୍ତି। ବାସ୍ତବତା ଭିନ୍ନ ଚିତ୍ର ଦେଖାଉଛି। ଦିଲ୍ଲୀର ନିଗମବୋଧ ଘାଟଠାରୁ ଭୁବନେଶ୍ୱର ସତ୍ୟନଗର ପର୍ଯ୍ୟନ୍ତ ଧାଡ଼ିରେ ଶବ ପୋଡ଼ା ହେଉଥିବା ବେଳେ ସମ୍ପର୍କୀୟମାନେ ଦୂରରେ ଠିଆ ହୋଇ କାନ୍ଦୁଥିବାର ଏକ ନିତିଦିନିଆ ଦୃଶ୍ୟ ହୋଇଗଲାଣି।

କରୋନା ଟିକା ବାହାର କରିବା ପାଇଁ ଅସଂଖ୍ୟ ଗବେଷକ ଅନବରତ ପ୍ରୟାସ ଜାରି ରଖିଛନ୍ତି। କେତେକ କମ୍ପାନୀ ଟିକାର ୯୦ ପ୍ରତିଶତ ସଫଳତା ବିଷୟ ପ୍ରଚାର କରିଥିବା ବେଳେ ଆଉ କିଛି ୯୫ ପ୍ରତିଶତ ଯାଏ ଟିକା ଫଳପ୍ରଦ ହୋଇଛି ବୋଲି କହୁଛନ୍ତି। ଏହିସବୁ ସଂଖ୍ୟା ଦେଖିଲେ ମନେହେଉଛି ଯେପରି ଘରେ ରହୁଥିବା ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷାଫଳ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏତିକି ସଂଖ୍ୟା ରଖି ପାଶ୍ ହେଲେ କୌଣସି ଭଲ କଲେଜରେ ସେମାନେ ନାମ ଲେଖାଇବା ଅସମ୍ଭବ ହୁଅନ୍ତା। ତଥାପି ଆମେ କୋଭିଡ୍ ଟିକା ବିଷୟରେ ଶୁଣୁଥିବା ପ୍ରତିଶତ ମନକୁ ଆଶ୍ୱାସନା ଦେଉଛି। ଅନ୍ୟପକ୍ଷେ ଅକ୍ସଫୋର୍ଡ ଆଷ୍ଟ୍ରାଜେନିକା ଟିକାର ପରୀକ୍ଷା ସ୍ତରରେ ଫେଲ୍ ହୋଇଯିବା ବିଷୟରେ ସମସ୍ତେ ଜାଣୁଛୁ। ସେହିଭଳି ଭାରତକୁ ଆସିବାକୁ ଥିବା ରୁଷିଆ ପ୍ରସ୍ତୁତ 'ସ୍ପୁଟନିକ୍ ଭି'ର ପରୀକ୍ଷାଫଳ ଅଜଣା ଥିବାବେଳେ ୨୮ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅହମ୍ମଦାବାଦ, ହାଇଦ୍ରାବାଦ ଓ ପୁଣେ ଯାଇ ସେହିସବୁ ସ୍ଥାନରେ ପ୍ରସ୍ତୁତ ହେଉଥିବା କୋଭିଡ୍ ଟିକାର ସମୀକ୍ଷା କରିଛନ୍ତି। ଭାରତ ହେଉଛି ପୃଥିବୀର ଅନ୍ୟତମ ବୃହତ୍ ଟିକା ନିର୍ମାଣକାରୀ ଦେଶ। ମନେ ରଖିବାକୁ ହେବ ଯେ, ଭାରତରେ ସେଭଳି କୌଣସି ବୈଜ୍ଞାନିକ ନାହାନ୍ତି, ଯିଏ ଏହି ଦେଶରେ ଗବେଷଣା କରି ଟିକା ପ୍ରସ୍ତୁତ କରିପାରିବେ। ଅର୍ଥାତ୍ ବିଦେଶରୁ ବୈଷୟିକ ଜ୍ଞାନକୌଶଳ ବିନା ଭାରତରେ କିଛି ପ୍ରସ୍ତୁତ ହୋଇପାରିବ ନାହିଁ। ବିଦେଶୀ ବୈଜ୍ଞାନିକମାନେ ସ୍ୱାସ୍ଥ୍ୟ ସମ୍ପର୍କରେ ଏବଂ ବିଶେଷକରି କରୋନା ଭାଇରସ୍ ନିୟନ୍ତ୍ରଣ ପାଇଁ ଗବେଷଣା କରି ଯାହା କିଛି କରିବେ, ତାହାକୁ ଆମ ଲାବରେଟୋରୀରେ ପ୍ରସ୍ତୁତ ମାତ୍ର କରାଯାଇପାରିବ। ଆମେରିକାର ଫାଇଜର କମ୍ପାନୀ ଦ୍ୱାରା ପ୍ରସ୍ତୁତ ଭାକସିନ୍ ଗବେଷଣା କ୍ଷେତ୍ରରେ ସବୁଠାରୁ ଆଗରେ ଅଛି ବୋଲି ଖବର ମିଳୁଛି। ପୁଣି ବଜାରକୁ ଟିକା ଆସି ନ ଥିବା ବେଳେ ଏହା କାହାକୁ କେମିତି ଆଗେ ଦିଆଯିବ ତା'ର ତାଲିକା ପ୍ରସ୍ତୁତ ହୋଇସାରିଲାଣି।

ଆମେରିକୀୟ କମ୍ପାନୀ ଫାଇଜରର ପୂର୍ବତନ ଉପ ସଭାପତି ତଥା ମୁଖ୍ୟ ବୈଜ୍ଞାନିକ ମାଇକେଲ ୟାଡନ କହିଲେଣି ଯେ, କରୋନା ଭୂତାଣୁଜନିତ ମହାମାରୀର ସମାପ୍ତି ଲାଗି ଟିକାର କୌଣସି ଆବଶ୍ୟକତା ନାହିଁ। ଯେଉଁମାନଙ୍କଠାରେ କରୋନାର କିଛି ବିପଦ ନାହିଁ, ସେମାନଙ୍କୁ ଟିକା ଦେଲେ ସମସ୍ୟା ବଢ଼ିବ। ଯେହେତୁ ଟିକା ବେଶି ଲୋକଙ୍କ ଉପରେ ପ୍ରୟୋଗ କରାଯାଇ ନାହିଁ, ତାହା କେତେଦୂର ଫଳପ୍ରଦ ହେବ ବୋଲି ୟାଡନ ଚିନ୍ତା ପ୍ରକଟ କରିଛନ୍ତି। ଏହା ସହିତ ସେ ଆହୁରି ଯୋଡ଼ିଛନ୍ତି ଯେ, କରୋନା ଭାଇରସ୍‌ର ମୁଖ୍ୟ ତାପ ପୃଥିବୀସାରା ବ୍ୟାପୀ ଏବେ ଅପସରି ଗଲାଣି। ଯଦି ୟାଡନଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଯେଉଁ ଟିକା ପ୍ରସ୍ତୁତ ହେବ ତାହା କେବଳ ବ୍ୟବସାୟିକ ସ୍ୱାର୍ଥକୁ ରଖି କରାଯାଇଛି ବୋଲି କୁହାଯାଇପାରେ। ଅନ୍ୟ ଦିଗକୁ ଦେଖିଲେ ଯଥେଷ୍ଟ ସଂଖ୍ୟକ ଲୋକଙ୍କ ଉପରେ ଏହାର ପ୍ରୟୋଗ ହୋଇ ନ ଥିବାରୁ କରୋନା ଭାଇରସ୍ ଭଳି ନିରୋଧକାରୀ ଟିକାର ଯେଉଁପ୍ରକାର ସାଇଡ୍ ଇଫେକ୍ଟ ବା ପାର୍ଶ୍ୱ ପ୍ରତିକ୍ରିୟା ପ୍ରକଟ ହେବ, ତାହା ମଧ୍ୟ ଆଜି ଅଜଣା। ସେଥିପାଇଁ ଅତି ଉତ୍‌ଫୁଲ୍ଲିତ ହୋଇ ଟିକା ନେବା ପାଇଁ ହାଇଁପାଇଁ ହେଲେ ତାହାର ନକାରାତ୍ମକ ଦିଗ ସହିବା ପାଇଁ ମଧ୍ୟ ପ୍ରସ୍ତୁତ ହେବା ଦରକାର। ଏବେ ପ୍ରସିଦ୍ଧ କ୍ଲିନିକାଲ୍ ରିସର୍ଚ୍ଚର ତଥା ଟିକା ବିଶେଷଜ୍ଞ ଡା. ଗଗାଁଦୀପ କାଙ୍ଗ କହିଲେଣି ଯେ, କୋଭିଡ୍ ପ୍ରତିଷେଧକ ଓ ଚିକିତ୍ସାଠାରୁ ଲୋକଙ୍କ ଦୃଷ୍ଟି ଟିକା ଆଡ଼କୁ ଗଲାଣି। ସେ କହିଛନ୍ତି ଯେଉଁମାନଙ୍କ ନାମ ଟିକା ନେବା ତାଲିକାରେ ଅଛି, ସେମାନଙ୍କୁ ପ୍ରଥମେ ଦିଆଯିବ। ଅର୍ଥାତ୍ ଅଗ୍ରାଧିକାର ତାଲିକାରେ ସ୍ଥାନ ପାଇ ନ ଥିବା ବର୍ଗକୁ ୨୦୨୨ ପୂର୍ବରୁ ମିଳିପାରିବ ନାହିଁ। ବେହିସାବି ହୋଇ କୋଟି କୋଟି ଡୋଜ୍ କଥା ମଧ୍ୟ କୁହାଯାଉଛି। କାଙ୍ଗ୍ ପୁଣି କହିଛନ୍ତି ଯେ, ୧୦ କୋଟି ରୋଟାଭାଇରସ୍ ଟିକା 'ରୋଟାଭାକ୍' ଦେବା ଲାଗି ଦୁଇ ବର୍ଷ ଲାଗି ଯାଇଥିଲା। ଏବେ ସରକାର କହୁଛନ୍ତି ଗୋଟିଏ ମାସରେ ୧୦ କୋଟି ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଏହି ବିଶେଷଜ୍ଞଙ୍କ ତଥ୍ୟକୁ ଦେଖିଲେ ପ୍ରଚାରସର୍ବସ୍ୱ ଚିନ୍ତାଧାରା ରଖାଯାଇ ସରକାର ଯାହା ପାରୁଛନ୍ତି କହିଦେଉଛନ୍ତି। ଏହାଦ୍ୱାରା ଲୋକେ ପ୍ରକୃତ ତଥ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି ଓ ସେମାନଙ୍କଠାରେ ଅନାବଶ୍ୟକ ଉତ୍କଣ୍ଠା ବଢ଼ିବଢ଼ି ଯାଉଛି।

## ସାପ୍ତାହିକ ପଞ୍ଜିକା

**ନଭେମ୍ବର ୨୨:** ୧୫ରୁ କମ୍ ପିଲା ଥିବା ସ୍କୁଲକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

**ନଭେମ୍ବର ୨୩:** ସରକାରୀ କର୍ମଚାରୀ ବେଆଇନ ଧର୍ମଘଟ କଲେ ୧ ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ।

➤ଅକ୍ସଫୋର୍ଡ ଟିକା ୯୦% ଫଳପ୍ରଦ।

**ନଭେମ୍ବର ୨୪:** ଆଉ ୪୩ଟି ମୋବାଇଲ ଆପ୍ଲିକେଶନ ବନ୍ଦ କଲେ କେନ୍ଦ୍ର ସରକାର।

**ନଭେମ୍ବର ୨୫:** ବିହାର ବିଧାନସଭା ବାଚସ୍ପତି ଭାବେ ବିଜୟ କୁମାର ସିହ୍ନା ନିର୍ବାଚିତ।

**ନଭେମ୍ବର ୨୬:** ଲାଞ୍ଚ କାରବାରରେ ଭାରତ ଏସିଆରେ ସବୁଠୁ ଆଗରେ।

**ନଭେମ୍ବର ୨୭:** ଗୁଜୁରାଟର ଉଦୟ ଶିବାନନ୍ଦ କୋଭିଡ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡରେ ୫ ଦଗ୍ଧ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | | 8 | E | 7 | | D | 2 | B | | |
| 1 | | | | | | | | | A | B | | | 6 | E |
| 5 | 4 | D | 7 | | | | | | | E | | | 9 | |
| | 0 | 7 | | 9 | | | | C | | | | 4 | | |
| | C | | | | | | | | | 5 | 3 | 8 | 1 | |
| 7 | 9 | 6 | | 4 | | D | 1 | | 8 | | | | | 0 |
| | | A | | 8 | | | | | | | | | B | |
| | | | | | 3 | | 2 | | D | | 9 | | | |
| | E | | | | | B | | | 3 | 2 | 5 | | | |
| 0 | 3 | | | | | | | | C | | | | E | |
| | 8 | | | | | | 6 | | | | | | 7 | A |
| | | 9 | | 6 | | 0 | A | | E | | 1 | | | 2 |
| | | 0 | 9 | C | | 7 | | B | | | | 5 | | |
| | | | | | 4 | | | | | | 8 | | D | |
| | A | 5 | D | | E | | | 2 | | 0 | | 9 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 2 | B | 5 | E | 6 | 7 | 0 | A | 1 | 9 | D | 3 | C | 8 |
| 3 | 9 | 5 | D | A | 1 | 8 | 6 | 2 | B | C | 7 | 4 | E | 0 |
| 1 | 8 | 6 | B | 4 | 0 | E | D | C | 3 | 5 | 2 | 7 | 9 | A |
| D | E | 7 | C | 9 | 8 | B | 1 | 3 | A | 0 | 4 | 2 | 6 | 5 |
| A | 0 | C | 3 | 2 | 7 | 9 | 5 | 4 | 6 | E | 8 | B | D | 1 |
| 6 | C | 9 | A | 5 | 3 | 0 | B | D | 8 | 7 | E | 1 | 2 | 4 |
| 2 | B | 3 | 0 | C | E | 5 | 8 | 1 | 9 | 4 | 6 | D | A | 7 |
| 8 | D | A | 6 | B | 2 | 3 | 4 | 7 | 5 | 1 | C | 9 | 0 | E |
| 0 | 4 | 1 | 7 | 8 | 9 | A | E | 6 | 2 | D | 3 | 5 | B | C |
| 5 | 7 | E | 4 | 1 | D | C | 2 | 9 | 0 | A | B | 8 | 3 | 6 |
| 7 | A | 4 | 8 | 6 | 5 | D | 3 | 0 | E | 2 | 9 | C | 1 | B |
| C | 1 | 0 | 2 | 3 | B | 4 | 9 | E | 7 | 8 | A | 6 | 5 | D |
| B | 3 | D | 9 | 0 | A | 1 | C | 8 | 4 | 6 | 5 | E | 7 | 2 |
| E | 5 | 2 | 1 | D | 4 | 6 | 7 | B | C | 3 | 0 | A | 8 | 9 |
| 9 | 6 | 8 | E | 7 | C | 2 | A | 5 | D | B | 1 | 0 | 4 | 3 |

ଗତକାଲିର ଉତ୍ତର

# ଆମ ଐତିହ୍ୟର ଜୟଯାତ୍ରା



ଡ.ପ୍ରଫୁଲ୍ଲ କୁମାର ସାହୁ

ପାଇକ ପୁଅର ବୀରତ୍ୱ ଓ ରଣକୌଶଳ ବଳରେ ଯେମିତି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଥିଲା କଳିଙ୍ଗର ସୀମା, ସେମିତି ଅର୍ଣ୍ଣବ ପୋତ ବିଦ୍ୟାରେ ଅସାଧାରଣ ପାରଦର୍ଶିତା ଯୋଗୁ ସାଗରକୁ ସାମ୍ରାଜ୍ୟରେ ପରିଣତ କରିଦେଇଥିଲା ଓଡ଼ିଆ ସାଧବ ପୁଅ। ସେଥିପାଇଁ ବଙ୍ଗୋପସାଗରକୁ କଳିଙ୍ଗ ମହାସାଗର କୁହାଯାଉଥିଲା ଏବଂ ମହୋଦଧିପତି ଭାବରେ (ମହାକବି କାଳିଦାସଙ୍କ ରଘୁବଂଶ କାବ୍ୟରେ) ଅଭିହିତ ହୋଇଥିଲେ କଳିଙ୍ଗର ମହାରାଜା। ସେତେବେଳେ ଯନ୍ତ୍ରଚାଳିତ ଜାହାଜ ନ ଥିଲେ ବି ଦୁଃସାହସୀ ଓଡ଼ିଆ ଜାତି ପାଇଁ ବିପଦପୂର୍ଣ୍ଣ ସାଗର ଯାତ୍ରା ଥିଲା ଏକ ଆହ୍ୱାନ। ସଂପଦ ଆହରଣ ନିମନ୍ତେ କାଠତିଆରି ବୋଇତରେ ଅଥାଳ ଉଡ଼େଇ ସେ ପାରି ହୋଇଯାଉଥିଲା ଅତଳ ସମୁଦ୍ର। ତା'ର ଏହି ବିପୁଳ ସାହସିକତା ପାଇଁ କୁହାଯାଉଥିଲା କଳିଙ୍ଗା ସାହସିକାଃ।


କାର୍ତ୍ତିକର କାକରଭିଜା କ୍ଷେତରେ ଯେତେବେଳେ ଲହଡ଼ି ଭାଙ୍ଗେ ଦରପାଚିଲା ଧାନ, ସେତେବେଳେ ଦରିଆ ପାରି ବଣିଜ ପାଇଁ ସଜ ହୁଏ ସାଧବ ପୁଅ। ଲକ୍ଷ୍ମୀପୂଜା ଠାରୁ କାର୍ତ୍ତିକ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଜାହାଜରେ ସାଇତି ରଖେ ପୂର୍ବରୁ ସଂଗ୍ରହ କରିଥିବା କୃଷିଜାତ ଦ୍ରବ୍ୟ, ଅରଣ୍ୟ ସମ୍ପଦ, ପାନ, ଗୁଆ, ହଳଦୀ, ଶଙ୍ଖ, ଲୌହ, ଟସର ବସ୍ତ୍ର, ଲୁଣ, ଗରମମସଲା, ଗୁଡ଼, ନବାତ ଓ ତୈଳଜାତ ଦ୍ରବ୍ୟ ଇତ୍ୟାଦି। କାର୍ତ୍ତିକ ପୂର୍ଣ୍ଣିମାର ମାହେନ୍ଦ୍ର ମୁହୂର୍ତ୍ତରେ ମା' ମଙ୍ଗଳାଙ୍କ ପାଖରେ ପୂଜାର୍ଚ୍ଚନା ପୂର୍ବକ ଅନୁକୂଳ କରି ଯାତ୍ରା ଆରମ୍ଭ କରେ ସାଧବପୁଅର ପଣ୍ୟଭରା ବୋଇତ। ସେତେବେଳେ ନାବିକ ପାଖରେ ନାଁ ଥିଲା ଦିଗ ନିର୍ଣ୍ଣୟ ଯନ୍ତ୍ର, ନାଁ ତାକୁ ଜଣାଥିଲା ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ। କିନ୍ତୁ ସେ ଜାଣିଥିଲା ବାୟୁର ଗତିପରି ସମୁଦ୍ର ଜଳର ସ୍ରୋତ ନିର୍ଣ୍ଣୟ କରି ନୌଚାଳନା କରିବାର କାଇଦା। ଅନୁକୂଳ ସାମୁଦ୍ରିକ ପବନକୁ ପିଠି ତା'ର ତଳେଇ ବନ୍ଧା ବୋଇତ ଅତିକ୍ରମ କରିଯାଉଥିଲା ସାତ ସମୁଦ୍ର ତେର ନଦୀ। ଦିନରେ ସୂର୍ଯ୍ୟର ଉଚ୍ଚତା ଓ ରାତିରେ ତାରାଖଚିତ ଆକାଶରେ ଧ୍ରୁବତାରା ଓ ସପ୍ତର୍ଷି ମଣ୍ଡଳକୁ ଦେଖି ପାରମ୍ପରିକ ବାସ୍ତବ ଜ୍ଞାନ ସହାୟତାରେ ନିର୍ଭୁଲ୍ ଦିଗ ନିର୍ଣ୍ଣୟ କରି ସେ ପହଞ୍ଚି ଯାଉଥିଲା ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ଦରିଆପାରି ଦେଶରେ। ସେଠାରେ ନିଜର ପଣ୍ୟ ସାମଗ୍ରୀକୁ ବିକ୍ରିକରି ସ୍ୱଦେଶକୁ ବୋହି ଆଣୁଥିଲା ସୁନା, ରୁପା, ମଣି ମାଣିକ୍ୟ ଆଦି ମୂଲ୍ୟବାନ ସମ୍ପଦ। ଏହି କାରଣରୁ କଳିଙ୍ଗ ଥିଲା ଏକ ବିତ୍ତଶାଳୀ ରାଜ୍ୟ। କଳିଙ୍ଗର ରାଜା ମହାରାଜାମାନେ ସାଧବମାନଙ୍କୁ ପ୍ରୋତ୍ସାହିତ କରୁଥିଲେ ଏବଂ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀୟ ଏହି ସାଧବମାନଙ୍କ ସାମାଜିକ ପ୍ରତିଷ୍ଠାକୁ ନେଇ ଗଢ଼ି ଉଠିଥିଲା ଅନେକ ଗଳ୍ପ, ଉପାଖ୍ୟାନ ଓ ଜନଶ୍ରୁତି। ତଅପୋଇ କଥା ଓ ଧନେଶ୍ୱର ସୌଦାଗର କାହାଣୀ ତା'ର ଏକ ଏକ ଉଦାହରଣ। ତେଜସ୍ୱୀ ଓଡ଼ିଆ ପୁଅର ଏହି ଦୁଃସାହସିକ ନୌବାଣିଜ୍ୟ ଯୋଗୁ ଓଡ଼ିଶା ଯେ କେବଳ ଆର୍ଥିକ ସମୃଦ୍ଧି ଲାଭକରିଥିଲା ତାହା ନୁହେଁ, ବରଂ ବିଦେଶରେ ଆମ ପାଟବସ୍ତ୍ର, ତାରକସି କାମ ଓ ନାନାପ୍ରକାର କୁଟୀର ଜାତ ସାମଗ୍ରୀର ପ୍ରଚାର ଓ ପ୍ରସାର ହେବା ସହିତ ଆନ୍ତର୍ଜାତିକ ସ୍ୱୀକୃତିଲାଭ କରିଥିଲା ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ। ଇତିହାସ କହେ ଦରିଆପାରି ନୌବାଣିଜ୍ୟ ଯୋଗୁ ଇଣ୍ଡୋନେସିଆ, ବ୍ରହ୍ମଦେଶ ଓ ମାଳୟ ଆଦି ପୂର୍ବାଞ୍ଚଳ ଦ୍ୱୀପପୁଞ୍ଜରେ ଗଢ଼ି ଉଠିଥିଲା ଉତ୍କଳର ଉପନିବେଶ ବା ବାଣିଜ୍ୟିକ ପେଣ୍ଠ। ପୃଥିବୀର ବିଭିନ୍ନ ଦେଶରେ ଆଦର ଲାଭ କରିଥିଲା ଆମ ଆଚାର, ବିଚାର, ଧର୍ମ ଓ ସଂସ୍କୃତି। ଦୃଷ୍ଟାନ୍ତ ସ୍ୱରୂପ ଏବେ ବି ବାଲି ଦ୍ୱୀପର ଖାଦ୍ୟ ପେୟ, ବେଶ ଭୂଷା, ନୃତ୍ୟ ସଂଗୀତ, ବସ୍ତ୍ର ବୟନ, ପର୍ବପର୍ବାଣି ଓ ହସ୍ତକର୍ମରେ ବାରିହୋଇ ପଡ଼େ ଉତ୍କଳୀୟ ସଂସ୍କୃତି ଓ କଳା କୌଶଳର ଛାପ। ବନ୍ଦର ସଭ୍ୟତା ଯୋଗୁଁ ଆଜି ଚାଇନା ଓ ସିଂହଳ ଆଦି ଦେଶରେ ମୁଖ୍ୟ ଧର୍ମରେ ପରିଣତ ହୋଇପାରିଛି ଭାରତରେ ଉତ୍ପତ୍ତି ଲାଭକରିଥିବା ବୌଦ୍ଧଧର୍ମ।

ଆମ ବୋଇତ ସଭ୍ୟତାର ବିକାଶ ଅନ୍ତରାଳରେ ଥିଲା କଳିଙ୍ଗର ସୁଦୀର୍ଘ ଓ ଦନ୍ତୁରିତ ସମୁଦ୍ର ଉପକୂଳ ଏବଂ ତାକୁ ସଂଯୋଗ କରୁଥିବା ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବଳଙ୍ଗ ଓ ଋଷିକୁଲ୍ୟା ଆଦି ସୁନାବ୍ୟା ନଦୀ ସମୂହର ଅବଦାନ। ଅନ୍ତଃ ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ଏସବୁ ନଦୀ ମୁହାଣ ଓ ସମୁଦ୍ର ଉପକୂଳରେ ଗଢ଼ି ଉଠିଥିଲା ଅନେକ ବୃହତ୍ ବନ୍ଦର। ଓଡ଼ିଶାରେ ଅନେକ ବନ୍ଦର ଥିବାରୁ ଏଠାରେ ବିଭିନ୍ନ ନଦୀକୂଳରେ ଗଢ଼ି ଉଠିଥିଲା ବୋଇତ କୁଦ ବା ଟାପୁ। ବାଲେଶ୍ୱର, କନିକା ଓ ପିପିଲି ଆଦି ବନ୍ଦର ନିକଟରେ ବର୍ଷ ତମାମ ଚାଲୁଥିଲା ବୋଇତ ନିର୍ମାଣ ଓ ମରାମତି କାର୍ଯ୍ୟ। ଜଳ ଭିତରେ ବିଭିନ୍ନ କାଠର ସ୍ଥାୟିତ୍ୱ ସମ୍ପର୍କରେ ବେଶ୍ ଅବଗତ ଥିଲା କଳିଙ୍ଗର ବର୍ଦ୍ଧକି। ଉପଯୁକ୍ତ କାଠ ଚୟନ କରି ସେ ନିର୍ମାଣ କରିଥିଲା ସୁଦୃଶ୍ୟ ଓ ବିଶାଳକାୟ ବୋଇତ। ଓଡ଼ିଶାରେ ନିର୍ମିତ ହୋଇଥିବା ବୋଇତଗୁଡ଼ିକର ସୂଚନା ବହନ କରେ କହ୍ନେଇବର ଚମ୍ପତ୍ତି ରାୟ ଚୁଡ଼ାମଣୀଙ୍କ ରଚିତ ପାଇକଖେଦା। ଏହାର ଚିତ୍ର ରହିଛି ଆମ ମଧ୍ୟଯୁଗୀୟ ମନ୍ଦିର ସ୍ଥାପତ୍ୟରେ। ଜଗନ୍ନାଥ ମନ୍ଦିରରେ ବୋଇତ ଚିତ୍ର ରହିଥିବା ବେଳେ ପୁରୀର ଏକ ମନ୍ଦିରର ଛାତ ଠିକ୍ ବୋଇତ ପରି। ଓଡ଼ିଶାର ନୈବାଣିଜ୍ୟ ସମ୍ପର୍କରେ ଅନେକ ତଥ୍ୟ ବହନ କରେ ଆମ ପୁରାଣ, ଇତିହାସ, ସାହିତ୍ୟ, ଲୋକକଥା ଓ ସାଂସ୍କୃତିକ ପରମ୍ପରା। ବାୟୁ ପୁରାଣ, ମତ୍ସ୍ୟପୁରାଣ, ସ୍କନ୍ଦପୁରାଣ ଏବଂ ରାମାୟଣ ଓ ମହାଭାରତଠାରୁ ଆରମ୍ଭ କରି ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଓ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପର୍ଯ୍ୟନ୍ତ ସବୁଠି ରହିଛି କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ସମ୍ପର୍କରେ ସୂଚନା। ପ୍ରସିଦ୍ଧ ଐତିହାସିକ ପେରିପ୍ଲସଙ୍କ ବର୍ଣ୍ଣନା ଅନୁଯାୟୀ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗ ଉପକୂଳରେ ଗଢ଼ିଉଠିଥିଲା ତାମ୍ରଲିପି, କଳିଙ୍ଗ ନଗର, ତୋଷାଳି, ଦନ୍ତପୁର ଓ ପିଥୁଣ୍ଡ ଆଦି ଅନେକ ଆନ୍ତର୍ଜାତିକ ବନ୍ଦର। କଟକ, କୋଣାର୍କ ଓ ଚାନ୍ଦବାଲି ଓ ପୁରୀ ଆଦି ବନ୍ଦର ସମ୍ପର୍କରେ ଉଲ୍ଲେଖ ରହିଛି ପ୍ରଥମ ଶତାବ୍ଦୀରେ ଓଡ଼ିଶା ଆସିଥିବା ଟୋଲମିଙ୍କ ବିବରଣୀରେ। ଚୀନ୍ ପରିବ୍ରାଜକ ଫାହିୟାନ ଓ ହୁଏନ୍‌ସାଙ୍ଗଙ୍କ ଭ୍ରମଣ ବୃତ୍ତାନ୍ତରେ ରହିଛି ଅନେକ ବନ୍ଦରର ନାମ। ଅତୀତରେ ତାମ୍ରଲିପି, ଖଲକପାଟଣା ଓ ମାଣିକପାଟଣାରେ ହୋଇଥିବା ପତ୍ନତାତ୍ତ୍ୱିକ ଖନନରୁ ମିଳିଛି ଆମ ନୌବାଣିଜ୍ୟ ସମ୍ପର୍କରେ ଅନେକ ତଥ୍ୟ। ଏହାକୁ ଅଧିକ ପ୍ରମାଣସିଦ୍ଧ କରିଛି ଶିଶୁପାଳ ଗଡ଼, ଜଉଗଡ଼ ଓ ଅସୁର ଗଡ଼ ଭୂଖୋଦନ। ଉତ୍କଳୀୟ ନୌବାଣିଜ୍ୟ ସମ୍ପର୍କରେ ଇତିହାସ ଯେଉଁଠି ମୌନ, ସେଠାରେ ମୁଖର ହୋଇ ଉଠିଛି କିମ୍ବଦନ୍ତୀ। ଆମ ସାମାଜିକ ଜୀବନକୁ ରସସିକ୍ତ କରିଛି କୁହୁକ ମଣ୍ଡଳ ଚଢ଼େଇ ଗଳ୍ପ, ଖୁଲଣା ସୁନ୍ଦରୀ ଉପାଖ୍ୟାନ ଓ ଅନେକ ଓଷା ବ୍ରତ। ଓଡ଼ିଆ ସାହିତ୍ୟରେ ବିଶେଷକରି ସାରଳା ଦାସଙ୍କ ମହାଭାରତ, ଅଚ୍ୟୁତାନନ୍ଦଙ୍କ ବୈବର୍ତ୍ତ ଗୀତା, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଓ ପ୍ରେମ ସୁଧାନିଧି, ଦୀନକୃଷ୍ଣଙ୍କ ପ୍ରସ୍ତାବ ସିନ୍ଧୁ, ଶିଶୁ ଶଙ୍କର ଦାସଙ୍କ ଉଷାଭିଳାଷରେ ରହିଛି ନୌବାଣିଜ୍ୟର ମଞ୍ଜୁଳ ଚିତ୍ର। ଫକୀର ମୋହନଙ୍କ 'କମଳାପ୍ରସାଦ ଗୋରାପ' ଗଳ୍ପ ଓ ଆତ୍ମଜୀବନୀ ବି କହେ ବୋଇତ ଯାତ୍ରାର କଥା। ମାୟାଧର ମାନସିଂଙ୍କ ସାଧବ ପୁଅ କେବଳ ପଣ୍ୟ ସାମଗ୍ରୀର ବଣିକ ନୁହେଁ, ସେ ମଧ୍ୟ ପ୍ରେମ ରସପିପାସୁ ସୌଦାଗର। ଆଖିରେ ଆଖି ମିଳାଇ ସେ ଜିଣିପାରେ ହଂସୁଲି ଶେଯରେ ଶୋଉଥିବା ସାଧବ ଝିଅର ମନ। ବାସ୍ତବରେ ନୌବାଣିଜ୍ୟ କୀର୍ତ୍ତି ଏତେ ମନଛୁଆଁ ଥିଲା ଯେ, ସେଥିରେ ବିଭୋର ହୋଇ ଆଧୁନିକ କବି ଗାଇଛି– 'ଯା, ଯାଆରେ ନୌକା ଭାସି ଯାଆ...ଇତ୍ୟାଦି।

ବୋଇତଯାତ୍ରା ଆମ ଐତିହ୍ୟର ଜୟଯାତ୍ରା। ଏ ଯାତ୍ରା ପ୍ରାୟତଃ କ୍ରିୟାଶୀଳ ଥିଲା ନଅଙ୍କ ଦୁର୍ଭିକ୍ଷ ପର୍ଯ୍ୟନ୍ତ। ସେତେବେଳେ ପୁରୀ ଓ ଚାନ୍ଦବାଲି ବନ୍ଦର ବାଟେ ବର୍ମାରୁ ଚାଉଳ ଆଣି ଖୋଲାଯାଇଥିଲା ଅନ୍ନଛତ୍ର। ମାତ୍ର କାଳକ୍ରମେ ଇଂରେଜମାନଙ୍କ ସ୍ୱର୍ଦ୍ଧିତ ବାଣିଜ୍ୟ ଲିପ୍ସା ତଥା ଏକଚାଟିଆ ଆଧିପତ୍ୟ ଆଗରେ ତିଷ୍ଠି ପାରିଲାନି ସାଧବ ପୁଅର ଦରିଆ ପାରି ବଣିଜ। ସେମାନଙ୍କ ଯନ୍ତ୍ରଚାଳିତ(ଷ୍ଟିମର) ଜାହାଜ ଆଗରେ ଆତ୍ମ ସମର୍ପଣ କଲା ପାଣିପାଗକୁ ଅପେକ୍ଷାକରି ରହୁଥିବା ପାଲଟଣା ବୋଇତ। ଫଳରେ ନୌବାଣିଜ୍ୟ ଯୁଗର ଅବସାନ ହେଲା ସତ, ହେଲେ ସେ ମହାନ୍ ପରମ୍ପରାର ବାର୍ତ୍ତାବହ ହୋଇ ରହିଗଲା କଟକର ବାଲିଯାତ୍ରା। ମହାନଦୀ ବକ୍ଷରେ ସମୁଦ୍ର ଅଭିମୁଖେ ଯାତ୍ରା କରିବାର ଅବ୍ୟବହିତ ପୂର୍ବରୁ ବୋଇତ ବନ୍ଦାଣ ଓ ଶୁଭବିଦାୟ ଅବସରରେ ଏକତ୍ରିତ ଜନସମାଗମରୁ ସୃଷ୍ଟି ହୋଇଥିବା ବାଲିଯାତ୍ରା କେବଳ ଏକ ପ୍ରଦର୍ଶନର କ୍ଷେତ୍ର ନୁହେଁ, ଏହା ଆମକଳା, ଭାସ୍କର୍ଯ୍ୟ, ଶିଳ୍ପ, ବାଣିଜ୍ୟିକ ବିଭବ ତଥା ହସ୍ତଶିଳ୍ପର ଗନ୍ତାଘର। ଓଡ଼ିଶା ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରର ମହାନଦୀ ପଠାରେ ଅନୁଷ୍ଠିତ ହେଉଥିବା ଏହି ରାଜ୍ୟସ୍ତରୀୟ ବାର୍ଷିକ ମହୋତ୍ସବ ଆମ ବନ୍ଦର ସଭ୍ୟତା ତଥା ଉତ୍କଳ କଳା କୌଶଳର ମୁଖଶାଳା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ–୯୪୩୮୫୫୦୮୮

# ପରିତାପର ବିଷୟ



ଡ. ମୌସୁମୀ ପରିଡ଼ା

ଆଜିକାଲି କେମିତି ଗୋଟେ ଅଚଳାବସ୍ଥା, ଅସହାୟତା, ଅସ୍ୱସ୍ତିକର ପରିବେଶ ଚାରିଆଡ଼େ। ମାନସିକ ଚାପଗ୍ରସ୍ତ ହୋଇ ଅମୂଲ୍ୟ ସମ୍ପର୍କ ଓ ନୈତିକତା ଭୁଲିବସୁଛେ। ପାରିବାରିକ, ସାମାଜିକ ବା କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ମନକୁ ଅଶାନ୍ତ ରଖୁଛି, ଯାହାର ପ୍ରଭାବ ଆମ ଉପରେ ଏବଂ ସମାଜରେ ପ୍ରତିଫଳିତ ହେଉଛି। ଏଥିରୁ ମୁକୁଳିବାର ଉପାୟ ନାହିଁ। ନା ଆମେ କର୍ମକ୍ଷେତ୍ର ଛାଡ଼ିପାରିବା ନା ପରିବାର ଓ ସମାଜକୁ। ଏସବୁ ଭିତରେ ଉଚିତ ସମନ୍ୱୟ ରଖିବାର କୌଶଳ ଓ ଧୈର୍ଯ୍ୟ କମି କମି ଯାଉଛି ମନମସ୍ତିଷ୍କରୁ। ଫଳରେ ସମସ୍ୟା ଭିତରେ ପେଷିହୋଇ ରୋଗାକ୍ରାନ୍ତ ହେବା ନତୁବା ସବୁଠି ରହି ମଧ୍ୟ କୋଉଠି ବି ନିଜକୁ ଆବିଷ୍କାର ନକରିପାରିବା ଆମ ଦୁଃସ୍ଥିତି ପାଲଟିଯାଇଛି। ଏ ବୈକଲ୍ୟ ପାଇଁ ପାରିପାର୍ଶ୍ୱିକ ଅବସ୍ଥା ଯେତିକି ପରିମାଣରେ ଦାୟୀ ସେ ଅନୁସାରେ ଆମେ ମଧ୍ୟ କମ୍ ଦାୟୀ ନୋହୁଁ। ସବୁବେଳେ ଅନ୍ୟ ଉପରେ ଦୋଷ ଲଦି ସହଜରେ ଖସିଯିବାର ଉପାୟ ଆମେ ଅବଲମ୍ବନ କରୁଛେ, କାରଣ ସତ୍ୟକୁ ସ୍ୱୀକାର କରିବାର ସାହସ କିମ୍ବା ନିଜକୁ ସୁଧାରିବାର ମାନସିକତା ନାହିଁ ଆମମାନଙ୍କ ପାଖେ। ଯେଉଁଥିପାଇଁ ନାନାଦି ସମସ୍ୟା ଆମକୁ ଘେରି ରହିଛି। ନିଜର ଅହଂକାର ଆମ ପାଇଁ ଏତେ ବଡ଼ ହୋଇଯାଇଛି ଯେ ନିଜ ଦୋଷତ୍ରୁଟିକୁ ନ ସୁଧାରି ଅନ୍ୟକୁ ଦୋଷ ଦେଉଛେ।

ଏ କିଛିଦିନ ଭିତରେ ବୃଦ୍ଧ ମା'ବାପାଙ୍କ ଅସହାୟତା–ସମ୍ବଳିତ ଭିଡିଓ ଚିତ୍ର ମନକୁ ଲହୁଲୁହାଣ କରୁଛି। କୋଉଠି ସମ୍ପତ୍ତି ପାଇଁ ବାପାକୁ ନଜରବନ୍ଦୀ ରଖାଯାଉଛି ତ କୋଉଠି ଆର୍ଥିକ ଅନଟନର ଦ୍ୱାହି ଦେଇ ରୁଗ୍‌ଣ ମା'ବାପାଙ୍କୁ ସରକାରୀ ହାସ୍ପାତାଳରେ ମାସ ମାସ ଧରି ଛାଡ଼ିଦେଇ ଘରକୁ ଚାଲିଆସୁଛି ପୁଅ। ଆବଶ୍ୟକତା ଥିବା ସମୟରେ କେହି ଆତ୍ମୀୟ ଜୁଟୁନାହାନ୍ତି ପାଖରେ ରହିବାକୁ। ସରକାରୀ ହସ୍ପାତାଳ ଯାଇ ବୟସ୍କମାନଙ୍କୁ ପଚରାଯାଉ, ଏ କଥାର ସତ୍ୟତା ଜଣାପଡ଼ିବ। ସତରେ ଆମ ଭିତରେ ମାନବିକତା ଅଛି, ମନରେ ପ୍ରଶ୍ନ ଉଠେ! ତା' ପୂର୍ବରୁ ଆଉ କିଛି ପ୍ରଶ୍ନ– ଆଗରୁ କ'ଣ ଏସବୁ ଘଟୁ ନ ଥିଲା ? ଅବଶ୍ୟ ସେତେବେଳେ ମିଡିଆ ନଥିଲା ପ୍ରଚାରିତ ଓ ପ୍ରସାରିତ କରିବାକୁ। ଆଉ ମଧ୍ୟ କିଛି ରକ୍ଷଣଶୀଳ ଘରମାନଙ୍କରେ ଏସବୁ ଘରକଥା ବା ଲୋକଲଜ୍ଜା ମନେକରି କାହାରିକୁ ଜଣାଉନଥିଲେ। ଏଥିପାଇଁ ଦାୟୀ କେଉଁମାନେ ଥିଲେ, ଯାହା କ୍ରମଶଃ ଗଢ଼ିଆସିଛି ବର୍ତ୍ତମାନକୁ?

ଏସବୁ ଚିନ୍ତା କରିବା ପୂର୍ବରୁ ଆମକୁ ପାଖାପାଖି ପଚାଶ ବର୍ଷ ପୂର୍ବକୁ ଫେରିଯିବାକୁ ପଡ଼ିବ। ଯେତେବେଳେ ଗାଁରୁ କିଛି ଶିକ୍ଷିତ ବିଭିନ୍ନ ସହରକୁ ଯାଇ ନିଜ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଉଥିଲେ କିମ୍ବା କୌଣସି ବ୍ୟବସାୟ ଆରମ୍ଭ କରୁଥିଲେ, ସେତେବେଳେ ସମୟ କିପରି ଥିଲା ? ବିବାହ ପରେ ପୁଅମାନେ ନିଜ ସ୍ତ୍ରୀ ପିଲାଙ୍କ ସହ ସହରୀ ଜୀବନ ବିତାଉଥିବାବେଳେ ଗାଁରେ ଥିବା ମା'ବାପାମାନେ ପୁଅ ବିନା କେମିତି ଜିଉଁଥିଲେ। ଗାଁରେ ଥିବା ଅନ୍ୟତମ ପୁଅଟି ସହରୀ ଭାଇର ଆର୍ଥିକ ସମକକ୍ଷ ହୋଇପାରୁ ନଥିବାରୁ ସେ ମଧ୍ୟ ନିଜ ଆକ୍ରୋଶ ସାରୁଥିଲା ମା'ବାପାଙ୍କ ଉପରେ ଅଥବା ମାନବିକତା ଦୃଷ୍ଟିରୁ ସେମାନଙ୍କ ସେବାଶୁଶ୍ରୁଷା କରୁଥିଲା। ପିଲାମାନେ ନ ଚାହିଁଲେ ବି ମା'ବାପା ଶେଷ ସମୟରେ ଚଳିଯାଉଥିଲେ ଜ୍ଞାତିକୁଟୁମ୍ବଙ୍କ ସାହାରା ନେଇ। କେବେକେବେ ଜ୍ଞାତିକୁଟୁମ୍ବମାନେ ହିଁ ପାଟିରେ ତୁଳସୀ ଓ ଗଙ୍ଗାଜଳ ଦେଇ ପିଲାମାନଙ୍କୁ ଖବର ଦେଉଥିଲେ। ଅବଶ୍ୟ ଆଜିକାଲି ସେଭଳି ସମ୍ପର୍କ ବି ମରିଗଲାଣି ମଣିଷ ମନରୁ। ସେଥିପାଇଁ ମଣିଷ ନିଜ ଘର ଭିତରେ ଗୃହବନ୍ଦୀ, ବେଶ୍ ଅସହାୟ ଓ ଏକାକୀ।

ଆଜୀବନ ଅର୍ଥବଳରେ ବେହିସାବ ସ୍ୱାଧୀନତା ଉପଭୋଗ କରିଆସିଥିବା ସେ ସମୟର ପୁଅ ବୋହୂ ଏବେ ବାର୍ଦ୍ଧକ୍ୟରେ ଉପନୀତ ହେଲେ ଚାକିରିଆ ପୁଅ ବୋହୂଙ୍କଠାରୁ ସେବା ଆଶା ରଖନ୍ତି। ସେମାନେ ଚାହାନ୍ତି ପୁଅ ବୋହୂ କିମ୍ବା ବିବାହିତା ଝିଅ ସେମାନଙ୍କ ପାଖକୁ ଆସି ସେବା ଶୁଶ୍ରୁଷା କରନ୍ତୁ। ଯାହା ସେମାନେ ନିଜ ମା'ବାପାଙ୍କ ପାଇଁ କରିନଥିଲେ। ସେପରି ହୋଇଥିଲେ ଫକୀରମୋହନ ଡାକମୁନ୍‌ସୀ ଭଳି ଗପ ଲେଖିନଥାନ୍ତେ। ସେ ସମୟର ସାମାଜିକ ଚିତ୍ର ବୁଝିହେଉଥିଲା କଥାକାରଙ୍କଠାରୁ। କିପରି ଝିଅମାନଙ୍କୁ ବାପଘରେ ଦାନ ସାମଗ୍ରୀ ଓ ଶାଶୁଘରେ ଦାସୀ ଏବଂ ଉପଭୋଗର ସାମଗ୍ରୀ ଭାବେ ବିବେଚନା କରାଯାଉଥିଲା ଆଦି ଅନେକ ସମସ୍ୟାର କଥା!

ଅତୀତରେ ପୁଅଟିଏ ଶିକ୍ଷିତ ହେବା ପରେ ପରିଚୟ, ପ୍ରତିଷ୍ଠା ଓ ଅର୍ଥ ପାଇଁ ବାହାରେ ଚାକିରି କରୁଥିଲା। ମା'ବାପାଙ୍କ କଥା ବୁଝିବାକୁ ସମୟ ନ ଥିଲା। ସ୍ତ୍ରୀ ଓ ପିଲାଙ୍କ ଆବଶ୍ୟକତାବେଳେ କାମରେ ସାହାଯ୍ୟ କରିବାକୁ ବୟସ୍କ ମା'ବାପାଙ୍କୁ ଗାଁରୁ ଡକାଇ ନିଆଯାଉଥିଲା। ନାତିନାତୁଣୀଙ୍କ ସହିତ ସମୟ ବିତେଇ, ବୋହୂକୁ କାମରେ ସାହାଯ୍ୟ କରି ଫେରିଆସୁଥିଲେ ସେମାନେ। ପୁଅ ବୋହୂଙ୍କ ସୁବିଧା ଅନୁସାରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଗାଁରୁ ପୁଅର ବସା, ପୁଣି ପୁଅ ବସାରୁ ଗାଁ ହୋଇ ସରିଯାଉଥିଲା ଆୟୁଷ, ବଳ। ତେବେ ବି ନା ସେମାନେ କାହା ପାଖେ ଅଭିଯୋଗ ବାଢୁଥିଲେ ନା ନିଜ ସ୍ୱାର୍ଥ ହାସଲ ନହୋଇ ପାରିଲେ ଅଭିଶାପ ଦେଉଥିଲେ।

କିନ୍ତୁ ପରିତାପର କଥା ସେ ସହରୀ ପୁଅବୋହୂ ଯେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହେଉଛନ୍ତି, ସେମାନେ ପଛକଥା ମନେପକାଇ ପାରୁନାହାନ୍ତି। ସେମାନେ କେତେ ନିଜ ମା'ବାପା କିମ୍ବା ଶାଶୁ ଶ୍ୱଶୁରଙ୍କ ସେବା କରିଥିଲେ, ଯଦି ବା କରିଥିଲେ ନିଜେ ତାଙ୍କ ପାଖରେ ରହିଥିଲେ ନା ସେମାନଙ୍କୁ ଡକାଇ ପାଖରେ ରଖି କରିଥିଲେ ସେସବୁ ଏବେ ଅତୀତ। କିନ୍ତୁ ସେ କର୍ମଫଳର ଦଶା ଏବେ ଭୋଗିବାକୁ ପାଖରେ ମାନସିକ ବଳ ନାହିଁ। ବୃଦ୍ଧ ବୟସରେ ପିଲାଙ୍କ ପାଖେ ସନ୍ତାନର କର୍ତ୍ତବ୍ୟ ବଖାଣିଲେ କ'ଣ ହେବ ଯଦି ନିଜେ ଭଲ ପୁଅ ବୋହୂ ହୋଇନପାରିଲେ। ଆଜି ଯଦି ସେମାନେ ଏକାକୀ ହୋଇଯାଉଛନ୍ତି ସେଥିପାଇଁ କେତେକାଂଶରେ ସେମାନେ ମଧ୍ୟ ଦାୟୀ। ନିଜ ପିଲାକୁ କିମ୍ବା ନିଜେ ଦେଇଥିବା ସଂସ୍କାରକୁ ଦୋଷ ନଦେଇ ବୋହୂକୁ କାହିଁକି ଦେବା ?

ଯେଉଁମାନେ ଆର୍ଥିକ ଅନଟନ ପାଇଁ ମା'ବାପାଙ୍କୁ ଅନାଥାଶ୍ରମରେ ଛାଡ଼ିଆସୁଛନ୍ତି, ସେମାନଙ୍କ ଅସହାୟତାକୁ ବୁଝାଯାଇପାରେ। କିନ୍ତୁ ଯେଉଁମାନେ ବିରକ୍ତିରେ ବା ଦାୟିତ୍ୱରୁ ମୁକୁଳିବାକୁ ଏଭଳି କରୁଛନ୍ତି, ସେମାନଙ୍କ ପାଇଁ କଠୋର ଦଣ୍ଡବିଧାନ ଆବଶ୍ୟକ। କିନ୍ତୁ ତା ପୂର୍ବରୁ ସେ ବୃଦ୍ଧ ମା'ବାପାଙ୍କୁ ବୁଝିବାକୁ ଆବଶ୍ୟକ ଯେ ସେମାନେ ନିଜ ମା'ବାପାଙ୍କ ପାଇଁ କେତେ ଦାୟିତ୍ୱ କରିଥିଲେ! ପିଲାମାନଙ୍କୁ କି କି ସଂସ୍କାରମାନ ଦେଇ ଗଢ଼ିଥିଲେ। ବେଳ ଥାଇ ସଚେତନ ନ ହେଲେ ସଂସାରର ରୀତିନୀତି ଏମିତି ଭୁଶୁଡ଼ି ପଡୁଥିବ। ଘର ଅପେକ୍ଷା ବୃଦ୍ଧାଶ୍ରମମାନ ବେଶି ଗଢ଼ିଉଠୁଥିବ। ଆମେମାନେ ସେତିକି ସେତିକି ବିଶୃଙ୍ଖଳ ହୋଇଚାଲିଥିବା।

ତେବେ ସହରୀ ବୟସ୍କମାନେ ନିଜକୁ ଦୋଷମୁକ୍ତ କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଏକାନ୍ତରେ ଥରେ ଭାବିବା ଉଚିତ, ସତରେ ସେମାନେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଛନ୍ତି ଅତୀତରେ। ଯଦି ନା, ତେବେ କାହିଁ ନିଜ ବେଳକୁ ଏତେ ନିୟମ ଶୃଙ୍ଖଳାର ଦ୍ୱାହି! ସମୟ ଥିଲାବେଳେ କିଛି ଶୃଙ୍ଖଳା ମାନିଥିଲେ କ'ଣ ଅସୁବିଧା ହୋଇଥାନ୍ତା। ଅନ୍ତତଃ ପରପିଢ଼ି ବୁଝିପାରିଥାନ୍ତା ପରିବାରରେ ବୟୋଜ୍ୟେଷ୍ଠମାନଙ୍କ ସ୍ଥାନ କେତେ ଉଚ୍ଚରେ। ଏ ଲେଖାଟି ସେଇ ବର୍ଗର ଲୋକଙ୍କ ପାଇଁ ଯେଉଁମାନେ ଚାକିରି, ସହରୀ ସୁଖସୁବିଧା ଓ ପରିବାର ଆଳରେ ବୃଦ୍ଧ ମା'ବାପାଙ୍କୁ ଅଣଦେଖା କରିଆସନ୍ତି ଯାବଜ୍ଜୀବନ, ସେମାନଙ୍କଠାରୁ ଅନୁପ୍ରେରିତ ହୋଇ ବର୍ତ୍ତମାନର ଯୁବପିଢ଼ି ଏଭଳି ଭୁଲ୍‌କୁ ନ ଦୋହରାଉ, ଯାହାଫଳରେ ପରିବାରର ମୂଳଦୁଆ ଦୋହଲିଯିବ।

ମୋ–୯୪୩୭୩୧୭୦୨୬

## ଏଇ ଭାରତରେ

ଯୁବପିଢ଼ି ଚାହିଁଲେ ୱେଷ୍ଟ ମ୍ୟାନେଜ୍‌ମେଣ୍ଟକୁ ବ୍ୟାପକ କରିପାରିବେ, ଯାହାର ଦୃଷ୍ଟାନ୍ତ ହେଉଛନ୍ତି ମଧୁର ଏବଂ ତାଙ୍କ ବନ୍ଧୁମାନେ। ମହାରାଷ୍ଟ୍ରର ଅମରାବତୀ ନିବାସୀ ମଧୁର ଏନ୍. ରଥି ଏବଂ ତାଙ୍କର ତିନି ବନ୍ଧୁ ରୋଶନ ପିଦିୟାର୍, ଅଭିଷେକ ମୋଡାକ, ଭୂଷଣ ବୁବ୍ ପ୍ଲାଷ୍ଟିକ ବର୍ଜ୍ୟରୁ ରିସାଇକେଲିଂ ପଦ୍ଧତିରେ ବିଭିନ୍ନ ପ୍ରକାର ଜିନିଷ ପ୍ରସ୍ତୁତ କରୁଛନ୍ତି। ସେମାନେ ରିସାଇକେଲ୍ ବେଲ୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ମାଧ୍ୟମରେ ଘର ଉପକରଣ ପ୍ଲାଷ୍ଟିକ ଜିନିଷ ତିଆରି କରି 'ଇକୋନିଚର' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ମଧୁର ଏହି କମ୍ପାନୀର ସିଇଓ ଓ ତାଙ୍କୁ ବୟସ ଏବେ ୩୩। ଏମ୍‌ବିଏ ପରେ ଅହମ୍ମଦାବାଦ୍‌ରେ ଏକ ୱେଷ୍ଟ ମ୍ୟାନେଜମେଣ୍ଟ କମ୍ପାନୀରେ କାମ କରୁଥିଲେ। ସେଠାରୁ ହାସଲ କରିଥିବା ଅଭିଜ୍ଞତାକୁ ଆଧାର କରି ସେ ତାଙ୍କ ସାଙ୍ଗମାନଙ୍କ ସହଯୋଗରେ ଏହା ଚଳାଇଛନ୍ତି। ଏହିସବୁ ଜିନିଷର ମୂଲ୍ୟ ୩୦୦ଟଙ୍କାରୁ ୨୯୦୦ ଟଙ୍କା ପର୍ଯ୍ୟନ୍ତ ରଖିଛନ୍ତି। ୨୦୧୯ ଅକ୍ଟୋବରରୁ 'ଇକୋନିଚର' ଆରମ୍ଭ କରି ଏବେ ସୁଦ୍ଧା ସେମାନେ ୧୪୦୦ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଉପଯୋଗ କରିସାରିଲେଣି। ସେମାନେ ପ୍ଲାଷ୍ଟିକ ଚେୟାର, ଷ୍ଟୁଲ, ର୍‍ୟାକ୍, ସେଲ୍‌ଭସ ପଟସ୍, ବେଞ୍ଚ ଓ ଟେବୁଲ ଆଦି ତିଆରି କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦୦୦ କେ.ଜି. ୱେଷ୍ଟ ପ୍ଲାଷ୍ଟିକ ଓଜନର ଜିନିଷ ବିକ୍ରି କରି ସାରିଲେଣି। ବର୍ଷକୁ ୧ କୋଟି ଟଙ୍କାର କାରବାର କରୁଛନ୍ତି ମାସକୁ ଲାଭ ପାଉଛନ୍ତି ୧.୫ରୁ ୨ ଲକ୍ଷ ଟଙ୍କା।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୫

- ବର୍ଣ୍ଣବୈଷମ୍ୟବାଦୀ ସରକାରର ପତନ ପରେ ଦକ୍ଷିଣ ଆଫ୍ରିକା ପାଇଁ ପ୍ରସ୍ତୁତ ପ୍ରଥମ ଅସ୍ଥାୟୀ ସମ୍ବିଧାନ ଚିଠା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି।
- ୬୪ କୋଟି ଟଙ୍କାର ହାୱାଲା ମାମଲାରେ ସମ୍ପୃକ୍ତ ଏନ୍‌ଟିପିସି ଏବଂ ନେଭେଲି ଲିଗ୍‌ନାଇଟ୍ କର୍ପୋରେଶନର ତୁଙ୍ଗ ଅଫିସରମାନଙ୍କ ବିରୋଧରେ ସିବିଆଇ ପକ୍ଷରୁ ସ୍ପେଶାଲ ଜଜ୍ ବି.ଭି. ଗୁପ୍ତାଙ୍କ ଇଜିଲାସରେ ଚାର୍ଜସିଟ ଦାଖଲ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଜାତିସ୍ମର

ମହାଶୟ,

ମାତ୍ର ୨୮ମାସର ଶିଶୁଟି ଇଂଲିଶ ଓ ହିନ୍ଦୀ ଶବ୍ଦଗୁଡ଼ିକ ଅତି ସ୍ପଷ୍ଟ ଭାବରେ କହିପାରୁଛି ଜାଣି ଯେ କେହି ଆଶ୍ଚର୍ଯ୍ୟ ହେବେ। ଏହି ବୟସର ଶିଶୁ ଦରୋଟି ଭାବରେ କଥାବାର୍ତ୍ତା କରିବା କଥା। ଅନ୍ୟ ଜଣେ ସେହିଭଳି ପିଲା ୮ ବର୍ଷରେ ପଦାର୍ପଣ କରି ଯେ କୌଣସି ପ୍ରଶ୍ନର ଉତ୍ତର ବିନା ଦ୍ୱିଧାରେ ସଠିକ୍ ଦେବା ପାଇଁ ସକ୍ଷମ ହୋଇପାରୁଛି। ଏତଦ୍ ଭିନ୍ନ ଜଣେ ଅଣହିନ୍ଦୁ ପିଲା ପ୍ରାଞ୍ଜଳ ଭାବ ଗୀତା ଆବୃତ୍ତି କରିପାରୁଛି। ଏକ ଧାର୍ମିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଗୀତା ଜ୍ଞାନ ପ୍ରତିଯୋଗିତାରେ ଜଣେ ଅଣହିନ୍ଦୁ ପିଲା ପ୍ରଥମ ସ୍ଥାନ ଅଧିକାର କରିପାରିଛି। ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଏହା ଜଣାଯାଏ ଏହି ପିଲାମାନେ ନିଶ୍ଚୟ ଜାତିସ୍ମର। ପୂର୍ବ ଜନ୍ମରେ ଆହରଣ କରିଥିବା ସେମାନଙ୍କ ଗଭୀର ଜ୍ଞାନ ଏକ ଏ ଜନ୍ମରେ ପ୍ରତିଫଳିତ ହେଉଛି। ସେହି ମର୍ମରେ ଏବେକାର ବାପା ମା'ଙ୍କୁ ଅନୁରୋଧ ସେମାନେ ନିଜେ ଉତ୍ତମ ମାର୍ଗରେ ଗମନ କରି ଆଧ୍ୟାତ୍ମିକ ଜୀବନଯାପନ କରିବା ସହ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କାର ଦେଇ ଗଢ଼ିତୋଳିବା ପାଇଁ ଯତ୍ନବାନ ହେବା ଆବଶ୍ୟକ। ଥରେ ଭାବି ଦେଖ ଉପରବର୍ଣ୍ଣିତ ଗୁଣଗ୍ରାହୀ ପିଲାମାନଙ୍କର କୃତିତ୍ୱ ପାଇଁ ସେମାନଙ୍କର ମାତାପିତା ଓ ଅଭିଭାବକମାନେ କେତେ ଗର୍ବିତ ହେଉଥିବେ ସତେ ?

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ !
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୮ ଅଭିଯୁକ୍ତ ଗିରଫ, ୧୦ ବନ୍ଧୁକ ଜବତ

ଆସିକା,୨୯।୧୧ (ଡି.ଏନ୍.ଏ.)

■ ଅପରାଧୀ ଧରପଗଡ଼ ଅଭିଯାନ
■ ୫୩ ରାଉଣ୍ଡ ଗୁଳି ସହ ମାରଣାସ୍ତ୍ର ଜବତ



ଜବତ ସାମଗ୍ରୀ।

ଗଞ୍ଜାମ ଜିଲା ପୋଲିସର ସ୍ୱତନ୍ତ୍ର ଅପରାଧୀ ଧରପଗଡ ଅଭିଯାନକୁ ବଡଧରଣର ସଫଳତା ମିଳିଛି। ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ ଭଳି ଏକାଧିକ ସଙ୍ଗୀନ ଅପରାଧରେ ଜଡିତ ୮ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୦ ବନ୍ଧୁକ, ୫୩ ରାଉଣ୍ଡ ଗୁଳି, ୧୨ ବୋମା, ଦୁଇଟି ଖଣ୍ଡା, ଦୁଇଟି ଛୁରି ସମେତ ବହୁ ମାରଣାସ୍ତ୍ର ଜବତ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ପୋଲିସ କଳା ମୁଖା, ଲଙ୍କାଗୁଣ୍ଡ, ୮ଟି ମୋବାଇଲ ଫୋନ୍ ସମେତ ୬ଟି ବାଇକ୍ ମଧ୍ୟ ଜବତ କରାଯାଇଥିବା ଆସିକା ଥାନାରେ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

ଗତ ୧୫ ଦିନ ହେଲା ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଧରପଗଡ ଅଭିଯାନରେ ପୋଲିସକୁ ଏଭଳି ସଫଳତା ମିଳିଥିବାବେଳେ ରାଜ୍ୟରେ ପୋଲିସ ପାଇଁ ଏହା ପ୍ରଥମ ଘଟଣା ହେବ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଧରାକୋଟ ଥାନା ବାହାଡାଗୁଡା ଗ୍ରାମର ମୂରଲିଧର ବିଷୋୟୀ, ଜାହାଡା ଗ୍ରାମର ଭଗବାନ ସ୍ୱାଇଁ ଓରଫ ମୁଗୁଲି, ବିଶ୍ୱଜିତ ନାୟକ, ଗାଙ୍ଗପୁର ଥାନା ବାଡୁଲା ଗ୍ରାମର ଦିଲ୍ଲୀପ କୁମାର ଗୌଡ, ପାଣିବନ୍ଧ ଗ୍ରାମର ଟୁକୁନା ସ୍ୱାଇଁ, କଳାସୂତା ଗ୍ରାମର ମାଧବ ଗୌଡ ଏବଂ ବଡଗଡ ଥାନା ଗାଙ୍ଗପୁର ଗ୍ରାମର ଶଙ୍କର ବିଷୋୟୀ ଓ ବିନୟ ସାହୁ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ଆସିକା ଥାନାରେ ୪ଟି, ଧରାକୋଟ ଥାନାରେ ୨ଟି, ବଡଗଡ ଥାନାରେ ୨ଟି ଓ ହିଞ୍ଜିଳି ଥାନା ଇଲାକାରେ ଘଟିଥିବା ଗୋଟିଏ ମାମଲାରେ ସମ୍ପୃକ୍ତ ଥିବାବେଳେ ପୋଲିସ ସେମାନଙ୍କୁ ଗିରଫ ଲାଗି ଉଦ୍ୟମ ଚଳାଇଥିଲା।

ଗଞ୍ଜାମ ଜିଲାକୁ ଅପରାଧମୁକ୍ତ କରିବା ଦିଗରେ ପୋଲିସର ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ ବୋଲି ସୂଚନା ଦିଆଯାଇଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟଙ୍କ ନିର୍ଦ୍ଦେଶକ୍ରମେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା। ଏଥିରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଧରାକୋଟ ଥାନା ଅଧିକାରୀ ସହଦେବ ମହାପାତ୍ର ଓ ବଡଗଡ ଥାନା ଅଧିକାରୀ ପ୍ରତାପ ତ୍ରିପାଠୀ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସିକା ଥାନାରେ ପ୍ରଶିକ୍ଷଣରେ ଥିବା ଆଇପିଏସ୍ ଅଧିକାରୀ ଜି. ଆର. ରାଘବେନ୍ଦ୍ରଙ୍କ ସମେତ ଏସ୍‌ଡିପିଓ ପ୍ରଧାନ ଏବଂ ଆସିକା, ବଡଗଡ ଓ ଧରାକୋଟ ଥାନା ଅଧିକାରୀ ସାମିଲ ଥିଲେ।

# ରାସ୍ତାରୁ ମିଳିଲା ହାତୀଦାନ୍ତ

ଚିତ୍ରଡ଼ା,୨୯।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା-ବାଘଡ଼ା ରାସ୍ତାରୁ ରବିବାର ବନବିଭାଗ ଦୁଇଟି ଭଙ୍ଗା ହାତୀ ଦାନ୍ତ ଉଦ୍ଧାର କରିଛି। ସେହି ବାଟ ଦେଇ ଯାଉଥିବା ଏକ ଦନ୍ତା ରାଗରେ ଦାନ୍ତ ଦ୍ୱାରା ରାସ୍ତାକୁ ଭୁଷା ମାରିବାରୁ ତାର ଦାନ୍ତ ଭାଙ୍ଗିଯାଇଥିବା ରାସଗୋବିନ୍ଦପୁର ରେଞ୍ଜର ପ୍ରଶାନ୍ତ କୁମାର ବେହେରା କହିଛନ୍ତି। ରାସ୍ତାରେ ହାତୀ ଦାନ୍ତର ଭୁଷା ଚିହ୍ନ ରହିଥିବା ସେ କହିଛନ୍ତି। ଜବତ ଦାନ୍ତ ମଧ୍ୟରୁ ଗୋଟିଏର ଓଜନ ୧୮୫ ଗ୍ରାମ ହୋଇଥିବା ବେଳେ ଅନ୍ୟଟି ୧୮


ବନ ବିଭାଗ ଉଦ୍ଧାର କରିଥିବା ଭଙ୍ଗା ହାତୀ ଦାନ୍ତ।

ଗ୍ରାମ। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ରାତିରେ ୪୩ ଝାଡ଼ଖଣ୍ଡୀ ହାତୀ ବେତନଟୀ ରେଞ୍ଜ ଓ ଡାଙ୍ଗରବିଲା ଦେଇ ଚିତ୍ରଡ଼ା, ଅସ୍ତିଆ, ଘୋଳମୁହାଁ ହୋଇ ପଶ୍ଚିମବଙ୍ଗକୁ ଯାଇଥିଲେ।

# ଆଜି ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

## ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ

ପୁରୀ ଅଫିସ,୨୯।୧୧



କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରବିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ସୋମବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ରତ୍ନସିଂହାସନରେ ମହାପ୍ରଭୁଙ୍କ ଅତ୍ୟନ୍ତ ମନୋରମ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବ। କିନ୍ତୁ କୋଭିଡ୍ କଟକଣା ପାଇଁ ଏହି ଦିବ୍ୟ ବେଶକୁ ଭକ୍ତ ଦର୍ଶନ କରିପାରିବେ ନାହିଁ। ତେବେ ଭକ୍ତମାନେ ପତିତପାବନଙ୍କ ଦର୍ଶନ କରିପାରିବେ।

ରବିବାର ଅବକାଶ ନୀତି ପରେ ଦାରୁବିଗ୍ରହଙ୍କୁ ଲକ୍ଷ୍ମୀନୃସିଂହ ବେଶ କରାଯାଇଥିଲା। ଏହି ବେଶରେ ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ପ୍ରଭୁ ବଳଭଦ୍ର ସୁବର୍ଣ୍ଣର ହଳମୂଷଳ ଏବଂ ଜଗନ୍ନାଥ ମହାପ୍ରଭୁ ରୁପାଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ଚୁଳରେ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ଠାକୁରମାନେ ସୋଲ ଓ ଜରି ନିର୍ମିତ ବିଭିନ୍ନ ସୁବାସିତ ପୁଷ୍ପ ସମେତ ପାଟବସ୍ତ୍ରରେ ବିଭୂଷିତ ହୋଇଥିଲେ।

# ଡକାୟତ ଗ୍ୟାଙ୍ଗ-ଗ୍ରାମବାସୀ ମୁହାଁମୁହିଁ

ସୋର, ୨୯।୧୧(ଡି.ଏନ.ଏ.)

## ୪ ଗ୍ରାମବାସୀ ଆହତ, ଜଣେ ଡକାୟତଙ୍କୁ ପୋଲିସ ଜିମା

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର-କୁପାରୀ ରାସ୍ତା ପିତାକାଳିଆ ଛକଠାରେ ଶନିବାର ବିଳମ୍ବିତ ରାତିରେ ଡକାୟତ ଗ୍ୟାଙ୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ୪ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ଡକାୟତ ଗ୍ୟାଙ୍ଗରୁ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି।

ରାତି ପ୍ରାୟ ୨ଟା ୧୫ ମିନିଟ୍ ସମୟରେ ହରିଡ଼ାପଡ଼ା ଗ୍ରାମର ସୁଦାମ ଚରଣ ବାଉରୀ ଘରକୁ ଫେରୁଥିବା ବେଳେ ୭ଜଣ ଡକାୟତ ତାଙ୍କୁ ଅଟକାଇ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀ ଓ ଡକାୟତମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଗ୍ରାମବାସୀ ଡକାୟତମାନଙ୍କ ମଧ୍ୟରୁ ଜଣଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଅନ୍ୟ ଡକାୟତମାନେ ଚାଷ ଜମି ଭିତରେ ପଶି ପଳାଇଯାଇଥିଲେ। ସୋର ପୋଲିସ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅନ୍ୟ ଡକାୟତମାନଙ୍କ ପତ୍ତା ପାଇ ନ ଥିଲେ। କାବୁ କରାଯାଇଥିବା ଡକାୟତ ହେଲେ କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ପ୍ରଦ୍ୟୁମ୍ନ ସେନାପତି। ଆକ୍ରମଣରେ ଆହତ ବ୍ୟକ୍ତିମାନଙ୍କୁ ସୋର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଆହତମାନେ ହେଲେ ସୁଦାମ ଚରଣ ବାଉରି, ଅଜୟ କୁମାର ବେହେରା, ପ୍ରଦୀପ କୁମାର ମହାକୁଡ଼।































**୨୫ ପଜିଟିଭ୍ ଚିହ୍ନଟ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲ୍ଲାରୁ ରବିବାର ୨୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୦,୮୭୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳରୁ ୧୨, ଛେଣ୍ଡିପଦାରୁ ୬, କଣିହାଁରୁ ୩, ବଅଁରପାଳରୁ ୨, କିଶୋରନଗରରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ଅଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୯୫ ଜଣ ସୁସ୍ଥ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର-ବାଇକ୍ ଧକ୍କା, ଜଣେ ମୃତ

**ବଇଣ୍ଡା, ୨୯।୧୧(ଡି.ଏନ.ଏ.):** ଠାକୁରଗଡ ଥାନା ସାନହୁଲା-ପାଇକସାହି ରାସ୍ତାର ବନ୍ତୁଲୁ ଧୋବାତୁଠ ପରିସରରେ ଶନିବାର ରାତି ୮ଟାରେ ଏକ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ସାପଘରା ଗ୍ରାମର ଅଭିରାମ ନାୟକ(୨୬)ଙ୍କ ମୃତ୍ୟୁ ହୋଇଛି। ବାଇକ୍‌ରେ ବସିଥିବା ସେହି ଗ୍ରାମର ରଞ୍ଜନ ନାୟକ, ବିକ୍ରମ ନାୟକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ।

### ଯୁବକଙ୍କୁ ଆକ୍ରମଣ

**ବଇଣ୍ଡା, ୨୯।୧୧(ଡି.ଏନ.ଏ.):** ଠାକୁରଗଡ ଥାନା ବରହ୍ମ ଗ୍ରାମର ବନ ପ୍ରଧାନଙ୍କୁ ସେହି ଗ୍ରାମର ସୁମନ୍ତ ପ୍ରଧାନ, ନିଶୋଇ ପ୍ରଧାନ, ରମ୍ଭା ପ୍ରଧାନ, କୁମାରୀ ପ୍ରଧାନ ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ବନଙ୍କ ଅଭିଯୋଗ ମୁତାବକ, ସୁମନ୍ତଙ୍କ ବାପାଙ୍କ ଜମି ସେ କିଣିଥିଲେ। ସେହି ଜମିକୁ କେନ୍ଦ୍ର କରି ସୁମନ୍ତଙ୍କ ସହଯୋଗୀ ତାଙ୍କୁ ମାଡ଼ ମାରିଛନ୍ତି। ଏ ନେଇ ନଂ. ୨୩୦/୨୦ରେ ଏକ ମାମଲା ରୁଜୁ ହୋଇଛି।

### ପୋଷ୍ଟଅଫିସରୁ ଚୋରି ଉଦ୍ୟମ

**ଭୁବନ, ୨୯।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଗଡ଼ନୃସିଂହପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ପୋଷ୍ଟଅଫିସରୁ ଶନିବାର ରାତିରେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଅଫିସ ତାଲାକାଟି ଭିତରେ ପଶିଥିଲେ। ଲକରକୁ ଉଠାଇ ନେଇ ଭାଙ୍ଗିଦେବା ସହ କାର୍ଯ୍ୟାଳୟଠାରୁ ୧୦୦ ମିଟର ଦୂରରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ଘଟଣା ଜଣାପଡ଼ିବା ପରେ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହ ଘଟଣା ବିଷୟରେ ପୋଷ୍ଟମାଷ୍ଟର ଚନ୍ଦ୍ରକାନ୍ତ ଖୁଣ୍ଟିଆଙ୍କୁ ଜଣାଇଥିଲେ। ଡାକଘର କବାଟରେ ପଡ଼ିଥିବା ୨ଟି ତାଲା କଟାଯାଇଥିବାବେଳେ କାଗଜପତ୍ର ବିଛାଡ଼ି ହୋଇ ପଡ଼ିଥିଲା। ଲକରରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସୁରକ୍ଷିତ ରହିଛି। ଏ ସଂକ୍ରାନ୍ତରେ ପୋଷ୍ଟମାଷ୍ଟରଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୩୪୮/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ଦୁର୍ଘଟଣାରେ ମହିଳା ଗୁରୁତର

**ଯୋଡା, ୨୯।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ସହର ବଜାରରେ ରବିବାର ଅପରାହ୍ନ ସମୟରେ ଏକ ଟ୍ରକ ଜଣେ ମହିଳାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି। ଯୋଡା ସହିଦ ନଗରର ନାଗି ସରଦାର ନାମକ ଜଣେ ମହିଳା ଯୋଡା ବଜାରରେ ଥିବା ସୁନା ନଦୀ ପୋଲ ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ତାଙ୍କ ଗୋଡ ଉପରେ ଚଢ଼ିଯାଇଥିଲା। ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଟାଟା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବାସହ କିଛି ସମୟ ପାଇଁ ରାସ୍ତା ଅବରୋଧ କରାଯାଇଥିଲା।

### ଟ୍ରକ୍ ଧକ୍କାରେ ଡାକ୍ତରଙ୍କ ମୃତ୍ୟୁ

**ଖଇରା, ୨୯।୧୧(ଡି.ଏନ.ଏ.):** କଟକ ବଡ ଡାକ୍ତରଖାନାରେ କାର୍ଯ୍ୟରତ ଆୟୁଷ ଡାକ୍ତର ସତ୍ୟବ୍ରତ ବାରିକ(୨୮)ଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସତ୍ୟବ୍ରତଙ୍କ ଘର ଖଇରା ବ୍ଲକ ଅଧୀନ ଅନ୍ତରା ଗ୍ରାମରେ। ୨ବର୍ଷ ପୂର୍ବରୁ ସେ ନିଯୁକ୍ତ ହୋଇଥିଲେ। ସେ ଶନିବାର ରାତିରେ ଡ୍ୟୁଟି ସାରି ନିଜ ବସାକୁ ଫେରୁଥିବା ବେଳେ ଏକ ଟ୍ରକ ଧକ୍କା ଦେଇଥିଲେ। ତାଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଯୋଡ଼ା, ୨୯।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବନ୍ଧୁଆବେଡା ଗ୍ରାମ ନିକଟରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କମଳପୁର ଗ୍ରାମର ମାନ ମୁଣ୍ଡା(୨୪)। ସେ ରବିବାର ଜୁରୁଡି ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ସେ ଛିଟିକି ପଡିଥିଲେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଗାଡିଟି ସେଠାରୁ ଦ୍ରୁତ ଗତିରେ ପଳାଇ ଯାଇଥିଲା। ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି।

# ରାତିରେ ପଶିଲେ ହାତୀପଲ

- ୫୦ ଏକର ଫସଲ ନଷ୍ଟ କଲେ
- ପ୍ରଶାସନ ପହଞ୍ଚିଲାନି, ଗ୍ରାମବାସୀ ନାକେଦମ୍

**ରୂପ୍‌ସା, ୨୯।୧୧(ଡି.ଏନ.ଏ.)**



ନଦୀ ପାର ହେଉଥିବା ହାତୀପଲ।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା, ପଶ୍ଚିମସିମୁଳିଆ, ଜହତା, ଓଡ଼ିଆଶାସନ ଆଦି ମୌଜାରେ ହାତୀପଲ ପଶି ଶନିବାର ରାତିରେ ୫୦ଏକରରୁ ଉର୍ଦ୍ଧ୍ୱ ଏକର ଧାନ, ଆଖୁ ଓ କଦଳୀ ଫସଲ ନଷ୍ଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ବଡ଼ଗୁମା ଓ ଅଁଳା ଦେଇ ମୟୂରଭଞ୍ଜପଟୁ ବାଲେଶ୍ୱର ଜିଲାର ଏସବୁ ଅଞ୍ଚଳକୁ ୪୦ରୁ ଉର୍ଦ୍ଧ୍ୱ ହାତୀକୁ ଘଉଡ଼ାଇ ଦିଆଯାଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ପାଚିଲା ଧାନକ୍ଷେତରେ ହାତୀପଲ ପଶିଥିବା ଖବରପାଇ ସ୍ଥାନୀୟ ଚାଷୀମାନେ ଏକଜୁଟ୍ ହୋଇଥିଲେ। ବାଲେଶ୍ୱର ବନବିଭାଗ ଓ ରୂପ୍‌ସା ଥାନା ପୋଲିସକୁ ଖବର ଦିଆଯାଇଥିଲେ ହେଁ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ରାତିତମାମ୍ ଗ୍ରାମବାସୀ ହାତୀ ଘଉଡ଼ାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ବିଫଳ ହୋଇଥିଲେ। ଶେଷରେ ମୟୂରଭଞ୍ଜ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ ହେଁ ହାତୀ ଘଉଡ଼ାଇ ନ ପାରି ଫେରିଯାଇଥିଲେ। ରବିବାର ସକାଳେ ନଦୀ ପାଖ ଜଙ୍ଗଲରୁ କେତେକ ହାତୀକୁ ପାଇ ଗ୍ରାମବାସୀ ମୟୂରଭଞ୍ଜ ସୀମା ଭିତରକୁ ଘଉଡ଼ାଇବାକୁ ସମର୍ଥ ହୋଇଥିଲେ। ଅମଳ ସମୟରେ ଧାନ, ଆଖୁ, କଦଳୀ ଫସଲ ବ୍ୟାପକ ନଷ୍ଟ ହୋଇଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# କୃଷି ଆଇନ ବାତିଲ ଦାବି




ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଆନ୍ଦୋଳନ କରାଯାଉଛି।

**ଅନୁଗୋଳ ଅଫିସ, ୨୯।୧୧**

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ଅନୁଗୋଳ ଜିଲା କମିଟି ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ରବିବାର ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ସମାଲୋଚନା କରାଯାଇଥିଲା। କୃଷି ଆଇନ ସମ୍ପୂର୍ଣ୍ଣ ବାତିଲ, ଘରୋଇ ମଣ୍ଡି ପ୍ରତିଷ୍ଠା ବନ୍ଦ କରିବାକୁ ଦାବି କରାଯାଇଥିଲା। ଜିଲା ସମ୍ପାଦକ ସୁବାସ ପ୍ରଧାନ, ଚାଷୀନେତା ରଣଜିତ ପ୍ରଧାନ, ସଞ୍ଜୟ ସାହୁ, କୁମର ସାହୁଙ୍କ ସମେତ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଉପସ୍ଥିତ ଥିଲେ।

# ସମ୍ବିଧାନ ଦିବସରେ ବୁଦ୍ଧିଜୀବୀ ସମ୍ମିଳନୀ



ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ, ୨୯।୧୧**

ସମ୍ବିଧାନ ଦିବସ ଅବସରରେ ବାଲେଶ୍ୱର ଜିଲା ଭାଜପା ତରଫରୁ ରବିବାର ଜିଲା କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସମ୍ବିଧାନ ପ୍ରଣେତାଙ୍କ ମୁଖ୍ୟ ବାବା ସାହେବ ବି.ଆର୍. ଆମ୍ବେଦକରଙ୍କ ଦେଶ ପାଇଁ ତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଆଶିଷ ଦାସ ଯୋଗଦେଇ ଲୋକଙ୍କ ସାମ୍ବିଧାନିକ ଅଧିକାର, ଲୋକଙ୍କ ରାଷ୍ଟ୍ରୀୟ କର୍ତ୍ତବ୍ୟ, ରାଷ୍ଟ୍ରର ନାଗରିକଙ୍କ ପ୍ରତି ଉତ୍ତରଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀକୁ ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ରଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମଗ୍ର ଜିଲାରେ ଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ଯୋଡ଼ାଯାଇଥିଲା। ସମ୍ମିଳନୀରେ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଭୋଗରାଇ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପୂର୍ବତନ ଜିଲାସଭାପତି ଲମ୍ବୋଦର ନାୟକ, ଚନ୍ଦ୍ରଶେଖର ନନ୍ଦ, ପର୍ଶୁରାମ ପରିଡ଼ା, ରଞ୍ଜିତ କୁମାର ପ୍ରଧାନ, ବିକାଶ ପାଢ଼ୀ, ପିକେ କମିଳା ଓ କମଲଲୋଚନ ଦାସ, ସୁଶାନ୍ତ ବେରା, ସୁବୋଧ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଡ଼ି ହୋଇଥିଲେ। ଶେଷରେ ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୨ ମୃତ

**ବାରିପଦା ଅଫିସ, ୨୯।୧୧**

ମୟୂରଭଞ୍ଜ ଜିଲାର ବଡ଼ସାହି ଓ ସଦରଥାନା ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ମାଣତ୍ରୀ-ବେତନଟୀ ରାସ୍ତାର ଗୌଡ଼ଗାଁ ନିକଟରେ ଏକ ମାଲବାହୀ ଅଟୋ ଧକ୍କା ଦେବାରୁ ସଚ୍ଚିଦ୍ର ନାୟକ(୫୬) ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦେଉଳିଆ ଶାଖାର କ୍ୟାସିଅର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ରାତି ୧୦ଟାରେ ଶ୍ୱଶୁର ଓ ଜ୍ୱାଇଁ ନୂଆଡ଼ିହି ଗ୍ରାମକୁ ଫେରୁଥିବା ବେଳେ ସଦର ଥାନା ଅଧୀନ ଯତିପୁର ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ସେମାନଙ୍କ ବାଇକ୍ ଧକ୍କା ହେବାରୁ ଜ୍ୱାଇଁ ବଙ୍କିମ ମହାନ୍ତ(୨୪)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମାସ୍କ ନ ପିନ୍ଧି ଗଣିଲେ ଦଣ୍ଡ



ଏକ ଦୋକାନରେ ଚଢ଼ାଉ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୯।୧୧**

ଢେଙ୍କାନାଳ ଜିଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଆସିବା ପରେ ରବିବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ମୋଟ୍ ୬୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ପୋଲିସ ଉପସ୍ଥିତିରେ ଏହି ଚଢ଼ାଉ ହୋଇଥିଲା।

# ୨୧୯ ଏଏନ୍‌ଏମ୍‌ଙ୍କୁ ଛଟେଇ ନୋଟିସ

**ଭଦ୍ରକ ଅଫିସ, ୨୯।୧୧**

କରୋନା ମହାମାରୀ ମୁକାବିଲା ପାଇଁ କିଛିମାସ ତଳେ ନିଯୁକ୍ତି ଦିଆଯାଇଥିବା ଏଏନ୍‌ଏମ୍‌ଙ୍କୁ ଏବେ ଛଟେଇ ନୋଟିସ୍ ଦିଆଯାଇଛି। ୩ ମାସର ପାରିଶ୍ରମିକ ନ ମିଳୁଣୁ ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗର ଛଟେଇ ନୋଟିସ୍ ବ୍ୟଥିତ କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଗତ ଅଗଷ୍ଟରେ ୩ ମାସ ପାଇଁ ଅସ୍ଥାୟୀ ଭାବେ ୨୧୯ କୋଭିଡ୍ କେନ୍ଦ୍ର ପାଇଁ ୨୧୯ଜଣ ଏଏନ୍‌ଏମ୍‌ଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପ୍ରଦାନ କରିଥିଲା। ଏବେ କରୋନା ସଙ୍କଟ ଟଳିନି କିନ୍ତୁ ଏହି ଏଏନ୍‌ଏମ୍‌ମାନଙ୍କୁ ଛଟେଇ ପାଇଁ ନୋଟିସ୍ ଜାରି କରାଯାଇଛି। ଛଟେଇ ହେବାକୁ ଯାଉଥିବା ୨୧୯ ତାଲିମପ୍ରାପ୍ତ ଏଏନ୍‌ଏମ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଗତ ଅଗଷ୍ଟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୈନିକ ମଜୁରି ୩୮୮ ଟଙ୍କା ଓ କୋଭିଡ୍ ପ୍ରୋତ୍ସାହନ ରାଶି ବାବଦକୁ ୪୬୨ ଟଙ୍କା ଏହିପରି ଦୈନିକ ମୋଟ ୮୫୦ ଟଙ୍କା ପାରିଶ୍ରମିକ ପାଇ ନ ଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସନ୍ତୋଷ ପାତ୍ର ଗତ ୨୬ ତାରିଖ ଆଦେଶ ନଂ ୧୦୨୩୪ ରେ ନିଯୁକ୍ତି ପାଇଥିବା ସମସ୍ତ ତାଲିମପ୍ରାପ୍ତ ଏଏନ୍‌ଏମ୍‌ଙ୍କୁ ନଭେମ୍ବର ୩୦ ପରେ ସେମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରାଯାଇଥିବା ନୋଟିସ୍ ଜାରି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡ. ପାତ୍ର କହିଛନ୍ତି ଯେ, ସେମାନଙ୍କ ପାରିଶ୍ରମିକ ୩ ମାସ ମଧ୍ୟରୁ ମାସକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦିଆଯିବ ଓ ଅନ୍ୟ ଦୁଇ ମାସ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦେବ। ଏବେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦରମା ଦେବା ପାଇଁ ସେମାନଙ୍କ ବ୍ୟାଙ୍କ ପାସ୍‌ବୁକ୍ ନକଲ ମଗାଯାଇଛି। ଏଣୁ ଏକ ସପ୍ତାହ ମଧ୍ୟରେ ମାସକର ଦରମା ସେମାନେ ପାଇଯିବେ ଓ ଅନ୍ୟ ଦୁଇ ମାସର ରାଜ୍ୟ ବିଭାଗ ପକ୍ଷରୁ ଆସିଲେ ଦିଆଯିବ। ଚୁକ୍ତି ମୁତାବକ ୩ ମାସ କାମ ପାଇଁ ନିଯୁକ୍ତି ଦିଆଯାଇଥିଲା। ୩ ମାସ କାମ କଲା ପରେ ସେମାନଙ୍କୁ ଛଟେଇ କରି ଦିଆଯାଇଥିବା ସେ କହିଛନ୍ତି।

# ଅଭୟାରଣ୍ୟରୁ ମିଳିଲା ଯୁବତୀଙ୍କ କ୍ଷତାକ୍ତ ମୃତଦେହ

**ବଳାତ୍କାର ପରେ ହତ୍ୟା ସନ୍ଦେହ**

**ବନ୍ତଲା, ୨୯।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ଥାନା ଟାଇଁସି ପଞ୍ଚାୟତ ହିଞ୍ଚାଡୋଲି ଗ୍ରାମ ସୋରିଷପାଳ ଘାଟି ଜଙ୍ଗଲରୁ ରବିବାର ଅପରାହ୍ନରେ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳିପାରିନି। ପାରିପାର୍ଶ୍ୱିକ ସ୍ଥିତିରୁ ଯୁବତୀଙ୍କୁ ପ୍ରଥମେ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ଗୋରୁ ଚରାଇବାକୁ ଯାଇଥିବା ବେଳେ ଯୁବତୀ ଜଣକ ମୁହଁମାଡ଼ି ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ନାଲି ରଙ୍ଗର ଡ୍ରେସ୍ ପିନ୍ଧିଥିବାବେଳେ ବାମହାତରେ ଏକ ଭ୍ୟାନିଟି ବ୍ୟାଗ୍ ଧରିଥିବା ଦେଖିବାକୁ ମିଳିଥିଲା। କିଛି ଦୂରରେ ଚପଲ ଏଣେତେଣେ ପଡ଼ିଥିଲା। ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ପୁରୁଣାକୋଟ ଥାନାଧିକାରୀ ବିକର୍ମ ବିହାରୀ ଜୟପୁରିଆ ପହଞ୍ଚି ମୃତଦେହ ଜବତ କରିଛନ୍ତି।

# ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ

**ଆଠମଲ୍ଲିକ, ୨୯।୧୧ (ଡି.ଏନ.ଏ.)**

ଆଠମଲ୍ଲିକର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢିଙ୍କୁ ଶନିବାର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଠାକୁରଗଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହ ଉକ୍ତ କାର୍ଯ୍ୟକ୍ରମରେ ଆଠମଲ୍ଲିକର ବିଦାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋପାଳଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ବିକ୍ରମ ରଣଭେଁସା, ସଦାଶିବ ଦଳବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଠାକୁରଗଡ ସିଆରସିସି ପ୍ରଦୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହୀ ସମ୍ପାଦକ ସୁଧାଂଶୁ ଭୂଷଣ ନାୟକ ଉପପସ୍ଥିତ ଥିଲେ। ଆଠମଲ୍ଲିକ ସଙ୍ଗଠନ ସଭାପତି ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦ୍ରମଣି ମାଝି, ତରୁଣ କୁମାର ପ୍ରଧାନ, ଖଗେଶ୍ୱର ନାୟକ, ଅନଙ୍ଗ କୁମାର ସେଠୀ, ରୀତାରାଣି ବେହେରା, ଭାସ୍କର ପ୍ରଧାନ, ଯୁଗୋଳ କିଶୋର ନାୟକ, ଅନିଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଠାକୁରଗଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାଗତ ଉତ୍ସବ।

## ସିଏସ୍‌ସି ଗ୍ରାମୀଣ ଇ-ଷ୍ଟୋର୍ ଉଦ୍‌ଘାଟିତ

**ଜଳେଶ୍ୱର, ୨୯।୧୧(ସ୍ୱ.ପ୍ର.)**

ଲୋକଙ୍କ ନିକଟରେ ଖୁବ୍ କମ୍ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପହଞ୍ଚାଇବା ଲାଗି ସରକାର ସିଏସ୍‌ସି ଗ୍ରାମୀଣ ଇ-ଷ୍ଟୋର ଯୋଜନାର ପ୍ରଚଳନ କରିଛନ୍ତି। ଫଳରେ ଓଡ଼ିଶାର ୩୧୪ଟି ବ୍ଲକରେ ଏହି ସୁବିଧା ଉପଲବ୍ଧ ହୋଇଛି। ଶନିବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର କାଶିଡ଼ିହାଠାରେ ବିଡିଓ ଦୀପ୍ତିରଞ୍ଜନ ସେଠୀ ଓ ସିଇଓ ଡ. ଦିନେଶ ତ୍ୟାଗୀ ଅନ୍‌ଲାଇନ୍ ଜରିଆରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ସରପଞ୍ଚ ଦିନେଶ ଜେନା, ସିଏସ୍‌ସିର ଜିଲା ମୁଖ୍ୟ ଦେବପ୍ରସାଦ ମହାନ୍ତି, ଅନୁପମା ରାଜ, କାଳିଚରଣ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ନିକଲସନ ବନ ବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ ଓ ଅତିଥି।

**ଚମ୍ପୁଆ, ୨୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ନିକଲସନ ବନ ବିଦ୍ୟାଳୟର ୧୦୧ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଫ କର୍‌ଭେଟର ଅଫ ଫରେଷ୍ଟ ଟ୍ରେନିଙ୍ଗ ଆଣ୍ଡ ଡେଭେଲପମେଣ୍ଟ, କଟକର ଅକ୍ଷୟ କୁମାର ପଟ୍ଟନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିସିଏଫ ନଳିନୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି ରେଞ୍ଜର୍ ବିଜୟ କୁମାର ମହାନ୍ତ, ବରିଷ୍ଠ ପ୍ରଶିକ୍ଷକ ସତ୍ୟବ୍ରତ ମହାନ୍ତି ପରିଚାଳନା କରିଥିଲେ। ୧୮ଟି ଡିଭିଜନର ୪୭ ଜଣ ପ୍ରଶିକ୍ଷାର୍ଥୀଙ୍କ ଏଥିରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବା ବେଳେ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ପାଇଁ ତାଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ଜ୍ୟୋତିର୍ମୟୀ ସାମନ୍ତରାୟଙ୍କୁ ନିକଲସନ ମେଡାଲ, ସାମଗ୍ରିକ କୃତିତ୍ୱ ପାଇଁ ମାନସ ରଞ୍ଜନ ସାହୁ, ଇଞ୍ଜିନିୟରିଙ୍ଗ ସର୍ଭେ ପାଇଁ ହେମସାଗର ସାହୁ, ବ୍ୟବହାରିକ ଦକ୍ଷତା ପାଇଁ ଜ୍ୟୋତିର୍ମୟୀ ସାମନ୍ତରାୟ, ଜଙ୍ଗଲ ନିୟମ ପାଇଁ ରମେଶ କୁମାର ପ୍ରଧାନ, ଲୋକ ସମ୍ପର୍କ ପାଇଁ ସଞ୍ଜୟ କୁମାର ମଲ୍ଲିକଙ୍କୁ ମୁଖ୍ୟ ଅତିଥି ମେଡାଲ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅଫିସ ବିଲଡିଙ୍ଗ, ନବ ନିର୍ମିତ ଛାତ୍ରାବାସ ଓ ନୂତନ ଶ୍ରେଣୀ କକ୍ଷ ଉଦ୍‌ଘାଟନ କରାଯାଇଥିଲା।

## ସଂକ୍ଷେପରେ

### ମହିମା ଗୁମ୍ଫାରେ କାର୍ତ୍ତିକ ଚତୁର୍ଦ୍ଦଶୀ

ବଅଁରପାଳ,୨୯।୧୧(ଡି.ଏନ.ଏ.): ବଅଁରପାଳସ୍ଥିତ କୁଲାଡ ମହିମା ଗୁମ୍ଫାରେ କାର୍ତ୍ତିକ ଚତୁର୍ଦ୍ଦଶୀ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ କେବଳ ବିଧିରକ୍ଷା ପୂର୍ବକ ଶୂନ୍ୟ ମନ୍ଦିରରେ ନୀତିକାର୍ଯ୍ୟ ସହ ଅଖଣ୍ଡବତି ପ୍ରଜ୍ୱଳନ ଓ ବ୍ରହ୍ମଧୁନି ସ୍ଥାପନ କରାଯାଇଥିଲା। କମ୍ ସଂଖ୍ୟକ ସାଧୁସନ୍ଥ ଓ ଭକ୍ତଙ୍କୁ ନେଇ ଭଜନ ପରିବେଷଣ ହୋଇଥିଲା। ବାବା ରବିଦାସ ଧୁନିରେ ଘୃତାହୁତି ଦେଇ ବିଶ୍ୱବ୍ରହ୍ମାଣ୍ଡର ମଙ୍ଗଳ କାମନା କରିଥିଲେ। ପୂର୍ବାହ୍ନ ବ୍ରାହ୍ମ ମୁହୂର୍ତ୍ତରେ ଅହ୍ଲିଣିଆ ଅର୍ପଣ କରାଯାଇଥିଲା। କର୍ମକର୍ତ୍ତା ପ୍ରେମାନନ୍ଦ ସେଠ, ରାଜେଶ ଜେନା, ବୈରାଗୀ ସେଠ, ପରେଶ ଜେନା, ପ୍ରଣବ ଜେନା, ସୁଜିତ ସେଠ, ଭୂତେଶ ଜେନା, କରୁଣାକର ସେଠ, ମନୋଜ ଜେନା, ପୃଥ୍ୱୀରାଜ ଜେନା, ପ୍ରକାଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୃଷିମିତ୍ର ଚୟନରେ ଅନିୟମିତତା ଅଭିଯୋଗ

ଛେଣ୍ଡିପଦା,୨୯।୧୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତରେ ପ୍ରାଣୀମିତ୍ର ଚୟନରେ ଅନିୟମିତତା ହୋଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ସବିତାରାଣୀ ସାହୁ ଦର୍ଶାଇଛନ୍ତି, ସେ ଜଣେ ଭିନ୍ନକ୍ଷମ, ଅବିବାହିତ ଓ ତାଲିମଧାରୀ ହୋଇଥିବା ସତ୍ତ୍ୱେ ତାଙ୍କ ପ୍ରତି ଅବିଚାର କରାଯାଇଛି। ସେହିପରି ବିଭିନ୍ନ ପଞ୍ଚାୟତରେ ହୋଇଥିବା ଏପରି ଅନିୟମିତତା ନେଇ ୪୦ରୁ ଅଧିକ ଆବେଦନକାରୀ ଜିଲାପାଳ ଓ ବିଡିଓଙ୍କ ଠାରେ ଅଭିଯୋଗ କରିଛନ୍ତି। ଜୀବିକାମିଶନ ପକ୍ଷରୁ ସରକାରଙ୍କ ନିର୍ଦ୍ଧାରିତ ଗାଇଡ୍‌ଲାଇନ ଅନୁଯାୟୀ ଚୟନ କରାଯାଇ ନ ଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଡିଓ ବିଶ୍ୱନାଥ ସାହୁଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଡିଓ ସାହୁ କହିଛନ୍ତି, ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏଯାଏ ରିପୋର୍ଟ ଆସିନାହିଁ। ଉକ୍ତ ରିପୋର୍ଟ ପାଇବା ପରେ ତାହାକୁ ଯାଞ୍ଚ କରାଯିବ।

### ଶକ୍ତି ସଙ୍କଟ ସମାଧାନ କରିବ ରସାୟନ ବିଦ୍ୟା

ଢେଙ୍କାନାଳ ଅଫିସ, ୨୯।୧୧: କୋଭିଡ୍-୧୯ ବିଶ୍ୱକୁ ଭୟଭୀତ କରି ରଖିଛି। ଏଭଳି ସମୟରେ ରସାୟନ ବିଦ୍ୟା ଆଶାର କିରଣ ପାଲଟିଛି। ରସାୟନ ବିଦ୍ୟା ହିଁ ବିଶ୍ୱ ଶକ୍ତି ସଙ୍କଟର ମୁକାବିଲାକାରୀ। ଏ କ୍ଷେତ୍ରରେ ନିଯୁକ୍ତିର ଅନେକ ସମ୍ଭାବନା ରହିଛି। ଛାତ୍ରୀଛାତ୍ରମାନେ ଏହାକୁ ହୃଦୟଙ୍ଗମ କରିବା ଉଚିତ ବୋଲି କହିଛନ୍ତି ଓଡ଼ିଶା ରସାୟନ ପରିଷଦ ସଭାପତି ଶଶଧର ସାମଲ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ଦ୍ୱାରା ଅନଲାଇନ୍‌ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହି ମତ ରଖିଛନ୍ତି। ଜୁମ୍ ଆପ୍‌ରେ ଅନୁଷ୍ଠିତ ଏହି ୨ଦିନିଆ କାର୍ଯ୍ୟକ୍ରମରେ ପ୍ରଫେସର ଦେଶବିଦେଶର ୫୭୫ ଅଧ୍ୟାପିକାଅଧ୍ୟାପକ, ଗବେଷକ, ବୈଜ୍ଞାନିକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଫେସର ସୁବାସିନୀ ଲେଙ୍କା, ସତ୍ୟବାନ ଜେନା, ବିଜୟ ମିଶ୍ର, ଭୀଷ୍ମ ପଟେଲ, ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ର, କଲେଜ ରସାୟନ ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚଢ଼ାଉ, ୭ ଗିରଫ

କଣିହାଁ,୨୯।୧୧(ଡି.ଏନ.ଏ.): ଅନୁଗୋଳ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଶନିବାର ବିଳମ୍ବିତ ରାତିରେ ସମଲ ଥାନା ଅଞ୍ଚଳର କୋଇଲା ଚୋରାଚାଲାଣକାରୀଙ୍କ ଉପରେ ଚଢ଼ାଉ କରିଛି। ଏଥିରେ ୨୦ ଟନ୍‌ରୁ ଅଧିକ କୋଇଲା ସହ ୫ଟି ଗାଡ଼ି ଜବତ କରାଯାଇଛି। ଚାଳକ ଓ ଚୋରା ଚାଲାଣକାରୀଙ୍କୁ ମିଶାଇ ମୋଟ୍ ୭ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖମାର ଥାନା ଇଞ୍ଜିଡ ଗ୍ରାମର ନିରଞ୍ଜନ ସାହୁ, କଣିହାଁ ଥାନା ଗଣ୍ଡବେରେଣାର ଯୋଗେଶ୍ୱର ପରିଡା, ସମଲ ଅଞ୍ଚଳର ମିଥୁନ ମହାନ୍ତି, ପଞ୍ଚାନନ ଖିଲାର, କଟରାପଡାର ସିପୁନ ପ୍ରଧାନ, ଗୁଟୁଭୂଇଁର ଜିତୁ ଗୋଛାୟତ ଓ ଡୁମୁଗୋଲା ଗ୍ରାମର ଅନିଲ ଭୁକ୍ତା ବୋଲି ସ୍ୱତନ୍ତ୍ର ସ୍କ୍ୱାଡ୍ ଅଧିକାରୀ ଦୀନକୃଷ୍ଣ ମିଶ୍ର ପ୍ରକାଶ କରିଛନ୍ତି। ଏ ନେଇ ସମଲ ଥାନାରେ ନଂ. ୨୨୭/୨୦୨୦ରେ ମାମଲା ରୁଜୁ କରାଯାଇଛି।

# ସହାୟତା ଡେସ୍କରୁ ମିଳୁନି ସହଯୋଗ

- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
- ସହଯୋଗ ମିଳୁ ନ ଥିବା ନେଇ ରୋଗୀ କରୁଛନ୍ତି ଅଭିଯୋଗ
- ସବୁ ଜାଣି ମଧ୍ୟ ନୀରବ ରହୁଛନ୍ତି ମେଡିକାଲ କର୍ତ୍ତୃପକ୍ଷ

ଅନୁଗୋଳ ଅଫିସ, ୨୯।୧୧

ମେଡିକାଲ ଆସିଥିବା ରୋଗୀଟିଏ ଉପଯୁକ୍ତ ଚିକିତ୍ସା ସେବା ପାଇପାରୁ ନ ଥିବା ଅନେକ ସମୟରେ ଦେଖାଯାଇଥାଏ। ଏପରି କି ବିଭାଗୀୟ ଡାକ୍ତରଙ୍କ ନିକଟରେ ସେ କିପରି ତୁରନ୍ତ ପହଞ୍ଚିପାରିବ ତାହା ମଧ୍ୟ ଜାଣି ନ ଥାଏ। ଏପରି ରୋଗୀଙ୍କୁ ତତ୍କାଳ ସହାୟତାର ହାତ ବଢ଼ାଇବା ସହ କେମିତି ଆବଶ୍ୟକ ଚିକିତ୍ସା ସେବା ମିଳିପାରିବ ତାହା ମେଡିକାଲରେ ଥିବା ହେଲ୍ପ ଡେସ୍କ କର୍ମଚାରୀମାନେ ବୁଝିବା କଥା। କିନ୍ତୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ହେଲ୍ପ ଡେସ୍କର କେତେଜଣ କର୍ମଚାରୀ ରୋଗୀଙ୍କୁ ସାହାଯ୍ୟ ସହଯୋଗ କରୁ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ସହ ଜିଲାର ଅନ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ବିଭିନ୍ନ ସହଯୋଗ ଯୋଗାଇ ଦେବାକୁ ହେଲ୍ପ ଡେସ୍କରେ ୪୦ରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ୧୪ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁଛନ୍ତି। ଦୈନିକ ବିଭିନ୍ନ ୱାର୍ଡ ବୁଲି ମିଳୁଥିବା ସେବା ସମ୍ପର୍କରେ ରୋଗୀଙ୍କଠାରୁ ମତାମତ ସଂଗ୍ରହ କରି ସରକାରଙ୍କ ୫-ଟି ବିଭାଗକୁ ପଠାଇବା ସେମାନଙ୍କ ମୁଖ୍ୟ କାର୍ଯ୍ୟ। ଏଥିସହ ଡାକ୍ତର-ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ରୋଗୀଙ୍କୁ ବିଭିନ୍ନ ୱାର୍ଡକୁ ନେବା ଆଣିବାରେ ସହଯୋଗ କରିବା, ଅଜଣା ରୋଗୀ ଆସିଲେ ସେମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବା ହେଲ୍ପ ଡେସ୍କ କର୍ମଚାରୀଙ୍କ କାର୍ଯ୍ୟ। କିନ୍ତୁ ଜିଲାର ଅନ୍ୟ ଡାକ୍ତରଖାନା କଥା ଛାଡ଼ନ୍ତୁ, ମୁଖ୍ୟ ଚିକିତ୍ସାଳୟରେ ଥିବା ଏହି ହେଲ୍ପ ଡେସ୍କ କର୍ମଚାରୀମାନେ ଅନେକ ସମୟରେ ରୋଗୀଙ୍କୁ ସାହାଯ୍ୟ ସହଯୋଗ ଯୋଗାଉ ନ ଥିବା ଅଭିଯୋଗ ହେଉଛି। ରବିବାର ଏହାର ଏକ ଉଦାହରଣ ମଧ୍ୟ ଦେଖିବାକୁ ମିଳିଛି। ଜଣେ ଅସୁସ୍ଥ ମହିଳାଙ୍କୁ ଧରି ତାଙ୍କ ସ୍ୱାମୀ ଓ କୁନି ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେମାନେ ପ୍ରଥମେ ବହିର୍ବିଭାଗକୁ ଯାଇଥିଲେ। ହେଲେ ସେଠାରୁ ମହିଳାଙ୍କୁ ଓପିଡିରେ ଡାକ୍ତରଙ୍କ ନିକଟକୁ ଯିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ମହିଳାଙ୍କୁ ସେଠାକୁ ଷ୍ଟ୍ରେଚରରେ ନେବାକୁ କେହି ନ ଥିଲେ। ହେଲ୍ପ ଡେସ୍କ କର୍ମଚାରୀମାନଙ୍କ ମଧ୍ୟ ଦେଖା ନ ଥିଲା। ଉପାୟ ଶୂନ୍ୟ ହୋଇ ସ୍ୱାମୀ ଓ କୁନି ଶିଶୁ ଉକ୍ତ ଷ୍ଟ୍ରେଚରକୁ ଠେଲି ଠେଲି ଓପିଡିଯାଏ ନେଉଥିବା ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। କେବଳ ଏହି ଗୋଟିଏ ନୁହେଁ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏପରି ଦୃଶ୍ୟ ଦୈନିକ ଦେଖିବାକୁ ମିଳୁଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଡାକ୍ତର, ମ୍ୟାନେଜରଙ୍କ ଯାଏ ସମସ୍ତେ ଏପରି ଅଭିଯୋଗ ସମ୍ପର୍କରେ ଅବଗତ ରହୁଥିଲେ ମଧ୍ୟ ହେଲ୍ପ ଡେସ୍କ କର୍ମଚାରୀଙ୍କୁ କିଛି କହୁ ନ ଥିବା ରୋଗୀମାନେ ଅଭିଯୋଗ କରୁଛନ୍ତି।



ଜଣେ ଅସୁସ୍ଥ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ପୁଅ ଷ୍ଟ୍ରେଚରରେ ଠେଲି ଠେଲି ନେଉଛନ୍ତି।

### ଉପଯୁକ୍ତ ପ୍ରଶିକ୍ଷଣର ଅଭାବ



"ହେଲ୍ପ ଡେସ୍କ କର୍ମଚାରୀ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସହଯୋଗ ମନୋବୃତ୍ତିର ଅଭାବ ଦେଖିବାକୁ ମିଳୁଛି। ତେଣୁ ଠିକ୍ ଭାବେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ନାହିଁ। ଏପରି ମାନସିକତା ପରିବର୍ତ୍ତନ ପାଇଁ କାଉନସେଲିଂ କରାଯିବା ଜରୁରୀ। ଏହାଛଡ଼ା ଆବଶ୍ୟକ ଅନୁସାରେ ହେଲ୍ପ ଡେସ୍କରେ ନିଯୁକ୍ତି ମଧ ଦିଆଯାଉ ନାହିଁ।

-ରଶ୍ମି ରଞ୍ଜନ ସାହୁ, ଅନୁଗୋଳ

### କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର



"ରୋଗୀଙ୍କୁ ସହଯୋଗ କରିବା ପାଇଁ ହେଲ୍ପ ଡେସ୍କ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲେ ମଧ ଅନେକ ସମୟରେ ସୁଇପରମାନେ ରୋଗୀଙ୍କୁ ସାହାଯ୍ୟ କରୁଥିବା ଦେଖାଯାଉଛି। ମେଡିକାଲ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସମ୍ପୃକ୍ତ କର୍ମଚାରୀମାନେ ଢିଲା ମାରୁଛନ୍ତି। ତେଣୁ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡିତ କରାଯାଉ।

- ପ୍ରଦୀପ ଦେବତା, ଆଇନଜୀବୀ

### କର୍ତ୍ତୃପକ୍ଷ ତଦାରଖ କରିବା ଆବଶ୍ୟକ



"ଗ୍ରାମାଞ୍ଚଳରୁ ଆସୁଥିବା ଅନେକ ରୋଗୀ କେଉଁଠିକୁ ଯାଇ କିପରି ବିଭାଗୀୟ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେବେ ତାହା ଜାଣି ନ ଥାନ୍ତି। ଏ କ୍ଷେତ୍ରରେ ହେଲ୍ପ ଡେସ୍କ କର୍ମଚାରୀଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ତଦାରଖ କରୁ ନ ଥିବାରୁ କର୍ମଚାରୀମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି।

- ମାନସ ପାଳ, ଅନୁଗୋଳ

### ଘଟଣାର ଅନୁଧ୍ୟାନ କରାଯିବ



"ମେଡିକାଲରେ ରୋଗୀଙ୍କୁ ସହଯୋଗ କରିବା ପାଇଁ ହେଲ୍ପ ଡେସ୍କ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ଅସହାୟ ରୋଗୀଙ୍କୁ ସହଯୋଗ ନ ମିଳିବା ଦୁର୍ଭାଗ୍ୟଜନକ। ମହିଳା ରୋଗୀଙ୍କୁ ଷ୍ଟ୍ରେଚରରେ ତାଙ୍କ ସ୍ୱାମୀ ଓ ଶିଶୁ ଠେଲି ଠେଲି ନେବା ଅତ୍ୟନ୍ତ ନିନ୍ଦନୀୟ। ଯଦି ଏପରି ହୋଇଥିବ ତା'ହେଲେ ଘଟଣାର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ।

-ବିଶ୍ୱ ବିହାରୀ ମହାନ୍ତି, ଏଡିଏମ୍‌ଓ (ମେଡିକାଲ), ଅନୁଗୋଳ

### ପରିଚାଳନା କମିଟି ବୈଠକ

ବନ୍ତଳା,୨୯।୧୧(ଡି.ଏନ.ଏ.)

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ଚେୟାରମ୍ୟାନ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସଦସ୍ୟ ତଥା ଏମ୍‌ପି ମହେଶ ସାହୁ, ବିଦ୍ୟାଳୟ ଅଧକ୍ଷ ରୁଦ୍ର ପ୍ରସାଦ ସାହୁ, ଉପାଧକ୍ଷା ଗୀତା ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ବିଶ୍ୱବିହାରୀ ମହାନ୍ତି, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ଦିଲୀପ କୁମାର ସାହୁ, ଉପଜିଲାପାଳ ସରିତା ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ କଳ୍ପନା କୁମାରୀ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଆର୍.ପି. ଦ୍ୱିବେଦୀ ଓ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ବିଦ୍ୟାଳୟ ଖୋଲିବା ସହ ଶୈକ୍ଷିକ ବାତାବରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟାଳୟକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଏମ୍‌ପି ଓ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଉପାଧକ୍ଷା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କଣିହାଁ,୨୯।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ଝୁଲାଖୁଣ୍ଟିଆ ଗ୍ରାମର ନୀଳମଣି ସାମଲ(୭୭) ରବିବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ପୂର୍ବାହ୍ନ ୧୦ଟା ବେଳେ ନୀଳମଣି ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ସମଲ ପୋଲିସ ମୃତଦେହ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୬ ମାସ ଗଲାନି ପିଚୁ

ବଇଣ୍ଡା,୨୯।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତର ରାମଗଡ଼ଠାରୁ ବାତ୍ରାଖୋଳ ଯାଏ କରାଯାଇଥିବା ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ରାମଗଡ଼ ଓ ରାଇନାଳୀ ଗ୍ରାମବାସୀ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ଏହି ୮ କିଲୋମିଟର ମାଟି ରାସ୍ତାକୁ ପିଚୁ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ପାଣ୍ଠିରୁ ୩ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। କିନ୍ତୁ ୬ ମାସ ନ ପୂରୁଣୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଥିବା ଦେଖାଯାଉଛି। ବିଭାଗୀୟ ଯନ୍ତ୍ରୀ ଠିକ୍ ଭାବେ ତଦାରଖ କରି ନ ଥିବାରୁ ଏପରି ନିମ୍ନମାନର କାର୍ଯ୍ୟ ହୋଇଛି। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ରାଇନାଳୀ ଗ୍ରାମର ରସାନନ୍ଦ ନାୟକ, ଚିନ୍ତାମଣି ଦେହୁରୀ, ବଳରାମ ଶତପଥୀ, ରାମଗଡ଼ ଗ୍ରାମର ସୁବ୍ରତ ପ୍ରଧାନ, ଗୋକୁଳାନନ୍ଦ ନାୟକ, ବନବିହାରୀ ନାୟକ, ବନବାସୀ ଦେହୁରୀ, ମାଳତୀ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଠମଲ୍ଲିକର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ଦାସ କହିଛନ୍ତି, ନୂଆକରି ବଇଣ୍ଡା ସେକ୍ସନର ଦାୟିତ୍ୱ ବିଭାଗ ପକ୍ଷରୁ ଦିଆଯାଇଛି। ଉକ୍ତ ଅଭିଯୋଗ ସମ୍ପର୍କରେ ଖୁବ୍‌ଶୀଘ୍ର ତଦନ୍ତ କରାଯିବ।


ରାସ୍ତାରୁ ପିଚୁ ଉଠିଯାଇଛି।

## ଡିଆଇପିଆର୍‌ଓଙ୍କ ମୃତ୍ୟୁ କରୋନାଜନିତ

ଢେଙ୍କାନାଳ ଅଫିସ,୨୯।୧୧

ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଗତ ସେପ୍ଟେମ୍ବର ୨ରେ ଭୁବନେଶ୍ୱର ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ରଞ୍ଜନ କୁମାର ରାଉତଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଷ୍ଟେଟ୍ ଡେଥ୍ ଅଡିଟ୍ ଟିମ୍ କରୋନାଜନିତ ବୋଲି ସ୍ପଷ୍ଟ କରିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନା ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ଅନ୍ୟପଟେ ରବିବାର ପରଜଙ୍ଗ ବ୍ଲକର ୩, ଢେଙ୍କାନାଳ ପୌରାଞ୍ଚଳରୁ ୧, ଗଁଦିଆରୁ ୧, କାମାକ୍ଷାନଗରରୁ ୧, ଭୁବନରୁ ୧ ଏବଂ ସଦର ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୮ଜଣ ସୁସ୍ଥ ହୋଇଛନ୍ତି।

### ଫଟୋରେ ଖବର


କୋଭିଡ୍ କଟକଣା ଯୋଗୁ ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ପ୍ରସିଦ୍ଧ ଶୈବପୀଠ ଦେଉଳଝରୀ ମୁଖ୍ୟ ଦ୍ୱାରରେ ରବିବାର ତାଲା ପଡ଼ିଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ବାହାରେ ଦୀପଦାନ କରାଯାଇଛି।

## ବୋଇତ ବନ୍ଦାଣ ଉତ୍ସବ

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳର ସର୍ବପୁରାତନ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ୩୫ତମ ବୋଇତ ବନ୍ଦାଣ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ପାରମ୍ପରିକ ସଙ୍ଗୀତ ଗାନ ସହ କରୋନାରେ ପ୍ରାଣ ହରାଇଥିବା ପ୍ରତିଟି କଳାକାରଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଅନୁଗୋଳର ଜଣେ ଡଙ୍ଗା କାରିଗର ରଶ୍ମି ରଞ୍ଜନ ମହାରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସମ୍ପାଦକ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରାଯାଉଛି।

# ସୀମା ଜଗିବ ସିସିଟିଭି

- ସୀମାନ୍ତ ଦେଇ ବଢୁଛି କାଠ ଚୋରାଚାଲାଣ
- ରେକୁଟି ଚେକ୍‌ଗେଟ୍‌ରେ ଲାଗିବ କ୍ୟାମେରା
- ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗର ବ୍ଲୁପ୍ରିଣ୍ଟ

ଢେଙ୍କାନାଳ ଅଫିସ, ୨୯।୧୧

ମୁକୁଳା ପଡ଼ିଛି ବିସ୍ତୀର୍ଣ୍ଣ ସୀମା। ଗଳାବାଟ ଦେଇ ଦୈନିକ ଚୋରାଚାଲାଣ ହେଉଛି ମୂଲ୍ୟବାନ କାଠ। ବଢୁଛି ବନ୍ୟଜନ୍ତୁ ଶିକାର। କାଠଚୋରଙ୍କ ପ୍ରାଦୁର୍ଭାବରୁ ଘଞ୍ଚ ଜଙ୍ଗଲ ପଦା ହେବାକୁ ବସିଲାଣି। ଏହାଦ୍ୱାରା ଜୈବ ବିବିଧତା ଏବଂ ବନ୍ୟ ଜୀବନ ପ୍ରଭାବିତ ହେବାରେ ଲାଗିଛି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ଏହାକୁ ରୋକିବା ଲାଗି ଅଣ୍ଟା ଭିଡ଼ିଛନ୍ତି ଢେଙ୍କାନାଳ ଏବଂ ପଡ଼ୋଶୀ କେନ୍ଦୁଝର ଜିଲାର ବନ ବିଭାଗ। ଏ ସଂକ୍ରାନ୍ତରେ ବିଧିବଦ୍ଧ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଉଭୟ ଜିଲାର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆଲୋଚନା କରିଛନ୍ତି। ତଦନୁଯାୟୀ ଦୁଇଜିଲା ସୀମାନ୍ତ ରେକୁଟି ଚେକ୍‌ଗେଟରେ ସିସିଟିଭି କ୍ୟାମେରା ଖଞ୍ଜାଯିବା ସହ ଅଧିକ କର୍ମଚାରୀ ମୁତୟନ କରିବାକୁ ନିଷ୍ପତ୍ତି ହୋଇଛି।

କଙ୍କଡ଼ାହାଡ଼ ଥାନା ରେକୁଟିସ୍ଥିତ ଚେକ୍‌ଗେଟ ଦେଇ ରାତିଅଧିଆ ବ୍ୟାପକ ପରିମାଣରେ କାଠ ଚୋରାଚାଲାଣ ହେଉଛି। କାଠ ମାଫିଆମାନେ ଜଙ୍ଗଲରୁ ମୂଲ୍ୟବାନ ଶାଳ, ପିଆଶାଳ, ଶାଗୁଆନ ଗଛ କାଟି ଟ୍ରକ୍, ଭ୍ୟାନ ସହାୟତାରେ ଚାଲାଣ କରୁଛନ୍ତି। ମାସକ ତଳେ କେନ୍ଦୁଝର ପଟୁ ଚେକ୍‌ଗେଟ ଦେଇ ଚାଲାଣ ହେଉଥିବା ଏକ କାଠଭର୍ତ୍ତି ପିକ୍‌ଅପ୍ ଭ୍ୟାନକୁ ଭୁବନ ଅଞ୍ଚଳରୁ ବନ କର୍ମଚାରୀ ଜବତ କରିଥିଲେ। ଏଭଳି ଅନେକ ଘଟଣା ଘଟୁଛି। ହେଲେ ଅଧିକାଂଶ ସମୟରେ ଅପରାଧୀ ଧରାପଡୁନାହାନ୍ତି। ଏହାଦ୍ୱାରା ଉଭୟ ଢେଙ୍କାନାଳ ଏବଂ କେନ୍ଦୁଝର ଜିଲାର ଜଙ୍ଗଲ ସମ୍ପଦ ଉପରେ ବିପଦ ଘନେଇବାରେ ଲାଗିଛି। ରେକୁଟି ଚେକ୍‌ଗେଟ୍ କେନ୍ଦୁଝର ବନ ବିଭାଗ ଅଧୀନରେ ରହିଛି। ଉକ୍ତ ସ୍ଥାନରୁ କାଠଚୋରଙ୍କ ଉପରେ ନଜର ରଖିବାକୁ ସିସିଟିଭି କ୍ୟାମେରା ଲଗାଇବା ସହିତ ସପ୍ତାହଓ୍ୱାରି ଅଧିକ ସଶସ୍ତ୍ର କର୍ମଚାରୀ ନିୟୋଜିତ କରିବା ପାଇଁ ଢେଙ୍କାନାଳ ଡିଏଫ୍‌ଓ କେନ୍ଦୁଝର ଡିଏଫ୍‌ଓଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ସହଯୋଗ ଏବଂ ସମନ୍ୱୟ ରକ୍ଷା କରି କାଠ ଚୋରାଚାଲାଣ ରୋକିବା ଦିଗରେ କାର୍ଯ୍ୟକରିବେ ବୋଲି ଦୁଇ ଜିଲାର ଅଧିକାରୀ ସହମତି ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ରେକୁଟି ଚେକ୍ ଗେଟ୍ କେନ୍ଦୁଝର ବନଖଣ୍ଡ ଅଧୀନରେ ରହଛି। ଏହି ରାସ୍ତା ଦେଇ ଉଭୟ ଜିଲାରୁ ବ୍ୟାପକ ପରିମାଣର କାଠ ଚୋରାଚାଲାଣ ହେଉଛି। ଏହାକୁ ରୋକିବାକୁ ସିସିଟିଭି କ୍ୟାମେରା ଲଗାଇବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସପ୍ତାହଓ୍ୱାରି ଉଭୟ ଜିଲାର ବନ କର୍ମଚାରୀଙ୍କୁ ଚେକ୍‌ଗେଟରେ ନିୟୋଜିତ କରାଯିବ। ଡିସେମ୍ବର ପ୍ରଥମ ସପ୍ତାହରୁ ଢେଙ୍କାନାଳ ବନଖଣ୍ଡ ତରଫରୁ ରେକୁଟି ଚେକ୍‌ଗେଟ୍‌ରେ କର୍ମଚାରୀ ନିୟୋଜିତ ହେବେ ବୋଲି ଡିଏଫ୍‌ଓ ଗୋଗିନେନି ସୂଚନା ଦେଇଛନ୍ତି।


କେନ୍ଦୁଝର ସୀମାନ୍ତ ରେକୁଟି ଚେକ୍‌ଗେଟ୍।

# ୨୫ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ



ଜବତ ଗୁଟ୍‌ଖା ସହ ଗିରଫ ରବି କୁମାର।

**ରାୟଗଡ଼ା ଅଫିସ,୨୯।୧୧**

ରାୟଗଡ଼ା ଜିଲାରେ ବେଧଡ଼କ ଗୁଟ୍‌ଖା କାରବାର ଚାଲିଛି। ସହରର ୩ଗୋଦାମ୍‌ରୁ ୨୫ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ ହୋଇଛି। ଗୋଦାମ୍‌ରେ ବେଆଇନଭାବେ ଗୁଟ୍‌ଖା ଗଚ୍ଛିତ ରଖି ବିକ୍ରି ଚାଲିଥିବା ଶନିବାର ରାତିରେ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏସ୍‌ପି ଶର୍ବଣା ବିବେକ୍ ଏମ୍‌ଙ୍କ ନିର୍ଦ୍ଦେଶରେ ରାୟଗଡ଼ା ଟାଉନ ଥାନାଧିକାରୀ ନୀହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗୋଦାମଗୁଡ଼ିକ ଉପରେ ଚଢ଼ାଉ କରିଥିଲା। ସହରର ସାଇପ୍ରିୟା ନଗର ସମେତ ୩ ଗୋଦାମ୍‌ରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରାଯାଇଥିଲା। ପୂର୍ବରୁ ଚାନ୍ଦିଲି ଥାନା ଅଞ୍ଚଳର ୨ ସ୍ଥାନରେ ଚଢ଼ାଉ କରାଯାଇ ୩୩୦ ବସ୍ତା ଗୁଟ୍‌ଖା ଜବତ କରାଯାଇଥିଲା। ସମସ୍ତ ମାମଲାରେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର କିଙ୍ଗ୍‌ପିନ୍ ଆଇ. ରବି କୁମାର ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ତଦନ୍ତ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।


# ସଂସ୍କୃତ କଲେଜରେ ଚାକିରିଆ ଛାତ୍ର

- ବିନା ରସିଦରେ ଅର୍ଥ ଆଦାୟ ଅଭିଯୋଗ
- ଅଧକ୍ଷାଙ୍କୁ ରିପୋର୍ଟ ତଲବ

**ଯାଜପୁର ଅଫିସ,୨୯।୧୧**

ଯାଜପୁର ଜିଲା ସୀମାନ୍ତବର୍ତ୍ତୀ କଟକ ଜିଲା ମାହାଙ୍ଗା ବ୍ଲକ ଅଧୀନ କଇଥା ତ୍ରିନାଥପୁର ମୀରାଦେବୀ ସଂସ୍କୃତ କଲେଜରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରଙ୍କଠାରୁ ବିନା ରସିଦରେ ଅର୍ଥ ଆଦାୟ ଏବଂ କେତେଜଣ ବାହାରେ ଚାକିରି କରି ଏହି କଲେଜରେ ନିୟମିତ ଭାବେ ପାଠ ପଢୁଥିବା ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଚ୍ଚଶିକ୍ଷା ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଅଭିଯୋଗ ଆଧାରରେ ଉଚ୍ଚଶିକ୍ଷା ବିଭାଗର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଗତ ୨୪ ତାରିଖରେ ୧୦ ଦିନ ମଧ୍ୟରେ ତଥ୍ୟ ଭିତ୍ତିକ ରିପୋର୍ଟ ପ୍ରଦାନ କରିବାକୁ କଲେଜ ଅଧକ୍ଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ ୧୯୯୭ ମସିହାରେ ମୀରାଦେବୀ ସଂସ୍କୃତ କଲେଜ ପ୍ରତିଷ୍ଠା ହୋଇଛି। ଛାତ୍ରୀଛାତ୍ରମାନଙ୍କ ଆଡ୍‌ମିଶନ ସମୟରେ ଯୁକ୍ତ୨ରେ ସର୍ବନିମ୍ନ ୮ ହଜାର ଟଙ୍କା ବଦଳରେ ୧୦ ହଜାର ଟଙ୍କା ଆଦାୟ କରାଯାଉଛି। କୌଣସି ପିଲାଙ୍କୁ ରସିଦ ଦିଆଯାଉନାହିଁ। ଯଦି କୌଣସି ଛାତ୍ରୀଛାତ୍ର ରସିଦ ମାଗନ୍ତି, ପରୀକ୍ଷାରେ ଫେଲ କରିଦେବୁ ବୋଲି ଧମକ ଦିଆଯାଉଛି। ଏହାସହ ଯୁକ୍ତ୨ ପରୀକ୍ଷା ସମୟରେ ୪୦୦ରୁ ୫୦୦ ଟଙ୍କା ଏବଂ ବାର୍ଷିକ ପରୀକ୍ଷା ସମୟରେ କେନ୍ଦ୍ରରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ରସିଦରେ ଆଦାୟ କରାଯାଉଛି। ଶିକ୍ଷାନୀତିରେ ପୂଜାପାର୍ବଣରେ ଚାନ୍ଦା ଆଦାୟ କରିବାର ନିୟମ ନ ଥାଇ ମଧ୍ୟ ପ୍ରତ୍ୟେକ ପିଲାଙ୍କଠାରୁ ୨୦୦ ଟଙ୍କା ଲେଖାଏ ଆଦାୟ ହେଉଛି। ସବୁଠୁ ବଡ଼ ଅଭିଯୋଗ ହେଲା, କେତେଜଣ ଛାତ୍ର ବାହାରେ ଚାକିରି କରୁଥିବାବେଳେ ଏହି କଲେଜରେ ରେଗୁଲାର କୋର୍ସ କରୁଛନ୍ତି। ସେମାନଙ୍କଠାରୁ ପ୍ରାୟ ୧୫ରୁ ୨୦ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇ ମିଥ୍ୟା ଶ୍ରେଣୀ ଉପସ୍ଥାନ ଦର୍ଶାଯାଉଛି। ଅଭିଯୋଗରେ କଟକ ସିଟି ହସ୍ପିଟାଲରେ କାର୍ଯ୍ୟରତ ୨ ଜଣ ଛାତ୍ରଙ୍କ ନାମ ଉଦାହରଣ ଭାବେ ଦର୍ଶାଯାଇଛି। ଛାତ୍ରୀଛାତ୍ରମାନଙ୍କଠାରୁ ଆଦାୟ ହେଉଥିବା ଟଙ୍କା କଲେଜ ଆକାଉଣ୍ଟକୁ ଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା କପିଳେଶ୍ୱର ପାଲ, ଅକ୍ଷୟ କୁମାର ପାଲ, ମଞ୍ଜୁଲତା ପାଲ, ସୁଦର୍ଶନ ପାଲ, କ୍ଷୀରୋଦ ପାତ୍ର, ଶ୍ରୀଧର ବେହେରା ପ୍ରମୁଖଙ୍କ ପକ୍ଷରୁ ସ୍ୱାକ୍ଷର ସମ୍ବଳିତ ଅଭିଯୋଗ ପତ୍ର ବିଭାଗୀୟ ମନ୍ତ୍ରୀ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଏହିସବୁ ଅଭିଯୋଗ ସମ୍ପର୍କରେ କଲେଜ ଅଧକ୍ଷାଙ୍କୁ ରିପୋର୍ଟ ମଗାଯାଇଥିବାବେଳେ ସେଥିରେ ଅଭିଯୋଗକାରୀମାନେ ସନ୍ତୁଷ୍ଟ ନାହାନ୍ତି। କଲେଜ କର୍ମଚାରୀ କିମ୍ବା କଲେଜ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାଦ୍ ଦେଇ ଅନ୍ୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବାକୁ ଅଭିଯୋଗକାରୀମାନେ ଦାବି କରିଛନ୍ତି।



OFFICE OF THE REGIONAL DIRECTOR OF EDUCATION, UNIT-II, BHUBANESWAR-751009

Tele Fax-0674-2533284,Email-rd...sr@rediffmail.com
Letter No. 7977 /RDE.BBSR.DATE: 24-11-20

To

The Principal,
Trinathpur Meeradevi Sanskrit Mahavidyalaya,
Kaitha, Mahanga, Dist-Cuttack.

Sub: Allegation against the principal of the college.


Sir/Madam,

I am directed to invite a reference to the subject cited above and enclose herewith a copy of the allegation petition filed by Sri Kapileswar Pal & others of kaitha (Nalberi) Mahanga. you are requested to submit a factual report along with supporting documents in response to the allegations within ten days of the issue of this letter.

Encl: As above

Yours faithfully,

Deputy Director 24-11-20
Regional Directorate of Education
Bhubaneswar


























କରୋନା ମହାମାରୀର ଜଟିଳ ପରିସ୍ଥିତିରେ ସାଧାରଣ ଲୋକଙ୍କ ସହିତ ସହଯୋଗର ହାତ ବଢ଼ାଇ ଆସୁଥିବା ଏହି ଲୋଡିଂ ଏଜେନ୍ସି ସଦାସର୍ବଦା ଶୁଆକାଟି ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଇଛି। ଲୋଡିଂ ଏଜେନ୍ସି ଦ୍ୱାରା ନିଆଯାଇଥିବା ପଦକ୍ଷେପ:

- ଶିକ୍ଷା ସାଥି ନିଯୁକ୍ତି ଦେଇ ଗରିବ ପିଲାଙ୍କୁ ପାଠ ପଢ଼ାଇବା ଉଦ୍ୟମ।
- ଶୁଆକାଟି ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ଡଷ୍ଟବିନ୍ ବିତରଣ।
- ଶୁଆକାଟି ଅଞ୍ଚଳର ବେକାର ଯୁବତୀ ଓ ଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇବା କାର୍ଯ୍ୟକରି ଆଦର୍ଶ ସଂଗଠନର ଭୂମିକା ତୁଲାଇଛି।
- ଆଗାମୀ ଦିନରେ ସମଗ୍ର ଶୁଆକାଟି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଗେଇ ଚାଲିଛି।
- ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ସଭାପତି ସମ୍ପାଦକ

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏଣ୍ଡ ଟ୍ରାନ୍ସପୋର୍ଟ କୋପରେଟିଭ୍ ସୋସାଇଟି ଲିଃ.
ଶୁଆକାଟି, କେନ୍ଦୁଝର









## ସଂକ୍ଷେପରେ

### ବିନ୍ଦୁସାଗରରେ ୧୪୪ ଧାରା ଜାରି

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କାର୍ତ୍ତିକ ପୂର୍ଣ୍ଣିମା ପାଇଁ ସରକାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରିଥିବାବେଳେ ନଦୀ, ପୋଖରୀ ଓ ଜଳାଶୟରେ ଡଙ୍ଗା ଭସା ଉପରେ କଟକଣା ଲଗାଯାଇଛି। ତେବେ ଉକ୍ତ ଗାଇଡ୍‌ଲାଇନ୍ ଅନୁସାରେ କମିଶନରେଟ ପୋଲିସ ପବିତ୍ର ବିନ୍ଦୁ ସାଗରରେ ଡଙ୍ଗା ଭସାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଶ୍ରଦ୍ଧାଳୁଙ୍କ ସମାଗମକୁ ଏଡ଼ାଇବା ପାଇଁ ସୋମବାର ଭୋର୍‌ରୁ ସେଠାରେ ୧୪୪ଧାରା ଜାରି କରାଯାଇଛି। ମଧ୍ୟାହ୍ନ ପର୍ଯ୍ୟନ୍ତ ଉକ୍ତ ପୁଷ୍କରିଣୀ ଚାରିପାଖରେ ୨ ପ୍ଲାଟୁନ୍ ଫୋର୍ସ ସହ ୧୦ ଜଣ ଅଫିସରଙ୍କୁ ନିୟୋଜିତ କରାଯାଇଛି ବୋଲି ଲିଙ୍ଗରାଜ ଥାନାଧିକାରୀ ଶରତଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ କଟକଣାକୁ ମାନି ଲୋକେ ପୋଲିସକୁ ସହଯୋଗ କରିବାକୁ ଥାନାଧିକାରୀ ପାତ୍ର ଲୋକଙ୍କୁ ନିବେଦନ କରିଛନ୍ତି। ଠାକୁରଙ୍କ ଦର୍ଶନ ସହ ବିନ୍ଦୁସାଗରକୁ ନ ଆସିବା ପାଇଁ କହିଛନ୍ତି।

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ

ପିପିଲି,୨୯।୧୧(ସ୍ୱ.ପ୍ର.): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପିପିଲି ଓଭର ବ୍ରିଜ ନିକଟରେ ରବିବାର ସକାଳେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସତ୍ୟବାଦୀ ଥାନା ଗବକୁଣ୍ଡ ଅଞ୍ଚଳର ସୁବାସ ଦଲେଇ। ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିବା ସହ କାର ଚାଳକଙ୍କୁ ଅଟକ ରଖିଛି। ପୋଲିସ ସୂଚନା ମୁତାବକ, ରବିବାର ସକାଳ ୯ଟା ୩୦ରେ ସୁବାସ ଏକ ବାଇକ(ଓଆର ୦୪ଡି ୦୭୭୦) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଠିକ୍ ପିପିଲି ଓଭରବ୍ରିଜ ନିକଟରେ ପଛପଟୁ ଏକ ଦ୍ରୁତଗାମୀ କାର(ଓଡି ୦୨ଟି ୫୭୦୨) ଆସି ବାଇକକୁ ଜୋରରେ ଧକ୍କା ଦେବାରୁ ସୁବାସ ଛିଟିକି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ସୁବାସଙ୍କୁ ଉଦ୍ଧାର କରି ପ୍ରଥମେ ପିପିଲି ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପିପିଲି ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

### ନନ୍ଦନକାନନ: କୃଷ୍ଣସାର ମୃଗ ମୃତ

ବାରଙ୍ଗ୨୯।୧୧(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୫ ଏନକ୍ଲୋଜାରରେ ଥିବା ଏକ ଅଣ୍ଡିରା କୃଷ୍ଣସାର ମୃଗର ରବିବାର ସକାଳେ ମୃତ୍ୟୁ ହୋଇଛି। ଶନିବାର ଅନ୍ୟ ସାଥୀମାନଙ୍କ ସହ ଖାଇବାକୁ ନେଇ ଗଣ୍ଡଗୋଳ ଯୋଗୁ ଏନ୍‌କ୍ଲୋଜରର ଜାଲିମାଡ଼ ହୋଇ ଏହି ମୃଗଟି ଗୁରୁତର ହୋଇଥିଲା। ଫଳରେ ତାକୁ ଡାକ୍ତରଖାନା ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ନନ୍ଦନକାନନର ବିଶେଷଜ୍ଞ ଡାକ୍ତର ଚିକିତ୍ସା କରିଥିଲେ ମଧ ରବିବାର ସକାଳେ ମୃତ୍ୟୁ ହୋଇଥିଲା। ଫଳରେ ନନ୍ଦନକାନନରେ କୃଷ୍ଣସାର ମୃଗ ସଂଖ୍ୟା ହ୍ରାସ ପାଇ ୩୯ରେ ପହଞ୍ଚିଛି। ସେଥିମଧ୍ୟରେ ଅଣ୍ଡିରା ୧୨, ମାଈ ୧୭ ଓ ୧୦ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

# ଅପମିଶ୍ରିତ ଘିଅ, ତେଲ କାରଖାନା ଠାବ

**୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଜବତ, କର୍ମଚାରୀ ଅଟକ**

କଟକ ସଦର,୨୯।୧୧(ଡି.ଏନ୍.ଏ.)

କଟକ ସଦର ଥାନା ଅଧୀନ ୪୨ ମୌଜା ଶ୍ରୀରାମ ଗ୍ରାମରେ ଥିବା ଅପମିଶ୍ରିତ ଘିଅ ଓ ତେଲ କାରଖାନାକୁ ରବିବାର ପୋଲିସ ଠାବ କରିଛି। ସେଠାରେ ଚଢ଼ାଉବେଳେ ନାମୀଦାମୀ କମ୍ପାନୀର ପାଉଚ୍ ଓ ଡବାରେ ଥିବା ଅପମିଶ୍ରିତ ଘିଅ, ଜଡାତେଲ, ଘିଅର ସୁଗନ୍ଧ ଏବଂ ବିଭିନ୍ନ ପ୍ରକାରର ମଞ୍ଜି ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏହି କାରଖାନା ପ୍ରାୟ ୧୫ ବର୍ଷ ହେବ ଚାଲିଥିଲା। ତେବେ ଚଢ଼ାଉ ସମୟରେ କାରଖାନା ମାଲିକ ଘିଅ ପ୍ରସ୍ତୁତିର ଲାଇସେନ୍ସ ଓ ବାଣିଜ୍ୟକର ବିଭାଗର କାଗଜପତ୍ର ତଦନ୍ତକାରୀ ଦଳକୁ ଦେଖାଇଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି। ଏଥିସହ କାରଖାନାର ଜଣେ କର୍ମଚାରୀଙ୍କୁ ଅଟକ ରଖିଛି। ଏହାପରେ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଏହି ଚଢାଉରେ ଏସିପି ସତ୍ୟରଞ୍ଜନ ମଲ୍ଲିକ, ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା, ଅନୀତା ସାହୁ, ଏସ୍.ଆଇ. କୃପାସିନ୍ଧୁ ବରାଡ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ ସାହୁ ସାମିଲ ଥିଲେ।

ସୂଚନାଯୋଗ୍ୟ, ଶନିବାର ସକାଳେ କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଭଦିମୂଳ ଅଞ୍ଚଳରେ ଥିବା ଏକ ମସଲା ତିଆରି କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ସେଠାରେ ତିଆରି ହେଉଥିବା ମସଲାରେ ବିଭିନ୍ନ କେମିକାଲ ମିଶାଯାଉଥିଲା। ତେବେ ସେଠାରେ ପ୍ରାୟ ୫ କୁଇଣ୍ଟାଲ ଅପମିଶ୍ରିତ ମସଲା ଜବତ ହୋଇଥିଲା। ସେହିପରି ଅପରାହ୍ନରେ ଏହି ଥାନା ଅଧୀନ ନୂଆବଜାର ଅଞ୍ଚଳରେ ଚାଲିଥିବା ଏକ ନକଲି ଘିଅ କାରଖାନା ଉପରେ ପୋଲିସ ଚଢାଉ କରି ଲକ୍ଷାଧିକ ଟଙ୍କାର ଅପମିଶ୍ରିତ ଘିଅ ଓ ରାଶିତେଲ ଜବତ କରିଥିଲା। ଗତ ଗୁରୁବାର କଟକ ସଦର ଥାନା ଉଲ୍ଲାର ଅଞ୍ଚଳରେ ଥିବା ଏକ ନକଲି ଘିଅ କାରଖାନା ଉପରେ ପୋଲିସ ଚଢାଉ କରି ବିଭିନ୍ନ ନାମୀଦାମୀ ଘିଅ କମ୍ପାନୀର ଲୋଗୋ, ଜରି ପ୍ୟାକେଟ, ନକଲି ଘିଅ ପ୍ରସ୍ତୁତ ପାଇଁ ସାମଗ୍ରୀ, ଓଜନ ଯନ୍ତ୍ର ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଗତ ୨ ସପ୍ତାହ ମଧ୍ୟରେ ଏକାଧିକ ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଠାବ ହୋଇଛି। ପୋଲିସ ଚଢାଉ କରି ଉକ୍ତ କାରଖାନାକୁ ସିଲ୍ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରୁଛି। ହେଲେ ଏଭଳି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣମାତ୍ରାରେ ରୋକିବାରେ ବିଫଳ ହୋଇଛି। ଏହାର ସୁଯୋଗ ନେଇ କିଛିଦିନ ବ୍ୟବଧାନରେ ମାଲିକମାନେ ପୁଣି ନକଲି କାରବାର ଆରମ୍ଭ କରୁଛନ୍ତି। ଆଗାମୀ ଦିନରେ ଏଭଳି କାରଖାନା ଉପରେ ପୋଲିସ ଚଢ଼ାଉ କରିବା ସହ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି।



ଜବତ ସାମଗ୍ରୀ।



ଶ୍ରୀରାମ ଗ୍ରାମରେ ଥିବା ଅପମିଶ୍ରିତ ଘିଅ ଓ ତେଲ କାରଖାନାରେ ପୋଲିସ ଯାଞ୍ଚ କରୁଛି।

# କଳାକାରଙ୍କ ଅପେକ୍ଷାରେ ମୁକ୍ତାକାଶ ରଙ୍ଗମଞ୍ଚ

**କୋଣାର୍କ ଉତ୍ସବ ପ୍ରସ୍ତୁତି ଶେଷ**

କୋଣାର୍କ,୨୯।୧୧(ଡି.ଏନ୍.ଏ.)

ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଉ ଦିନକ ପରେ ଅର୍କକ୍ଷେତ୍ର କୋଣାର୍କରେ ଆରମ୍ଭ ହେବାକୁ ଯାଉଛି କୋଣାର୍କ ଉତ୍ସବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ, ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ରଙ୍ଗିନ ଆଲୁଅରେ ଝଲସି ଉଠିବ ରଙ୍ଗମଞ୍ଚ। ମୁକ୍ତାକାଶ ରଙ୍ଗମଞ୍ଚ ଏବେ ନୂଆ ରୂପରେ ସଜେଇ ହୋଇଛି। ରଙ୍ଗମଞ୍ଚ ପରିସରରେ ଛୋଟ ବଡ ବୃକ୍ଷରାଜି, ରଙ୍ଗବେରଙ୍ଗର ଚାନ୍ଦୁଆ, ଟୁମୁକି ଓ ମାଠିଆ ଉପରେ ଚିତ୍ରକଳା ରାତିର ଶୋଭାକୁ ଅତ୍ୟନ୍ତ ଆକର୍ଷଣୀୟ କରୁଛି। ରଙ୍ଗିନ ଆଲୁଅରେ ଝଲସୁଛି କୋଣାର୍କ ଓ ଚନ୍ଦ୍ରଭାଗା ସ୍ୱର୍ଣାଭ ବେଳାଭୂମି। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତି ସନ୍ଧ୍ୟା ୬ଟା୩୦ରୁ ରାତି ୮.୩୦ ପର୍ଯ୍ୟନ୍ତ ଓଡ଼ିଶୀ, ଭାରତନାଟ୍ୟମ, ମଣିପୁରୀ, କୁଚିପୁଡି, ମୋହିନୀଆଟ୍ଟମ ଓ କଥକ ଆଦି ନୃତ୍ୟ ପ୍ରଦର୍ଶନ ହେବ। ପ୍ରଥମଥର ପାଇଁ ସୋସିଆଲ ମିଡିଆରେ ଉତ୍ସବର ସିଧା ପ୍ରସାରଣର ବ୍ୟବସ୍ଥା ହୋଇଛି। ଗ୍ୟାଲେରି ମଧ୍ୟକୁ କମ୍ ସଂଖ୍ୟକ ଦର୍ଶକଙ୍କ ପାଇଁ ଅନୁମତି ରହିଛି। ବାଲୁକା କଳା ଉତ୍ସବ ନିମନ୍ତେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ବିଭିନ୍ନ କଳାକୃତି ପ୍ରଦର୍ଶିତ କରିବେ। ବାଲୁକା କଳାରେ ୨୦ଟି ଷ୍ଟଲରେ ଭାରତର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ।


**SHRI JAGANNATH SANSKRIT VISVAVIDYALAYA, SHRI VIHAR, PURI**

No.2285/ Date 27.11.20

**NOTICE**

It is for the information of all concerned that the Shikshashastri - B.Ed. Entrance Test (S.S.E.T.), 2020 of Shri Jagannath Sanskrit Visvavidyalaya, Shri Vihar, Puri shall be held from 10.00 A.M. to 12.00 Noon on 06.12.2020, Sunday, in the following centres. The Roll Nos. of the candidates allotted to different centres are mentioned against each.

1. K.K.S. Women's College, Balasore : Roll Nos. from SS200001 to SS200150
2. Emerti Devi Women's College, Nayasarak, Cuttack: Roll Nos. from SS200151 to SS200338
3. S.C.S. Autonomous College, Puri: Roll Nos. from SS200339 to SS200638
4. G.M. Law College, Puri: Roll Nos. from SS200639 to SS200712

The list of candidates and their admit cards will be displayed in the University Website: www.sjsv.nic.in on Dt.03.12.2020. In case any candidate fails to download his/her Admit Card, the same can be collected from their respective examination centre before 02 hour of the commencement of examination provided his/her name appears in the list of eligible candidates.

By order of the Vice-Chancellor
Sd./- D.D. Rana
Controller of Examinations


# ଭକ୍ତିସଙ୍ଗୀତରେ ଭିଜିଲା ସିଂହଦ୍ୱାର



ସମାରୋହରେ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ଭଜନ ପରିବେଷଣ କରୁଛନ୍ତି।

**ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ**

ପୁରୀ ଅଫିସ,୨୯।୧୧

ପବିତ୍ର ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ଅଞ୍ଚଳ ଭକ୍ତି ସଙ୍ଗୀତରେ ଭିଜିଥିଲା। ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀଙ୍କ ଭାବଭକ୍ତିର ସଙ୍ଗୀତରେ ବିଭୋର ହୋଇଥିଲେ ଶ୍ରୋତା। ଏକ ଭକ୍ତିମୟ ପରିବେଶରେ ସମସ୍ତେ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୋଇଯାଇଥିଲେ। ଏମିତି ଏକ ଅବସର ଆଣିଦେଇଥିଲା ସାଂସ୍କୃତିକ ସଙ୍ଗଠନ ଶ୍ରୀକ୍ଷେତ୍ର କଳା ପ୍ରକାଶିକା। ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ୫୧ତମ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ ଆୟୋଜିତ ହୋଇଯାଇଛି। କରୋନା କଟକଣା ଯୋଗୁ ଚଳିତବର୍ଷ କୌଣସି ରାଜ୍ୟ ବାହାର କଳାକାରଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। କଣ୍ଠଶିଳ୍ପୀ ମହାପ୍ରସାଦ କର, ନାଜିଆ ଆଲାମ୍, ଇଣ୍ଡିଆନ ଆଇଡଲ ଜୁନିୟର ବିଜେତା ଅନନ୍ୟା ଶ୍ରୀତମ ନନ୍ଦ, ରଶ୍ମିତା ଦାଶ, ବିଜୟ କୁମାର ମହାପାତ୍ର, କାର୍ତ୍ତିକ କୁମାର ସାହୁ, ଅର୍ପିତା ଚୌଧୁରୀ, ରଚିତା ସାହୁ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବିଜୟ ମହାପାତ୍ରଙ୍କ କଣ୍ଠରେ ଶ୍ରୀମନ୍ଦିର ତୁମ ଭକତଙ୍କ ପାଇଁ କେବେ ଆଉ ପ୍ରଭୁ ଖୋଲିବ...., ରଚିତା ସାହୁଙ୍କ କେଉଁ ନାମ ଧରି ଡାକିବି ତୁମକୁ..., ଅର୍ପିତା ଚୌଧୁରୀଙ୍କ ଏକ ରାଧା, ଏକ ମୀରା..., କାର୍ତ୍ତିକ କୁମାର ଲୁଚି ଲୁଚି ବେଢା ଭିତରେ ଚନ୍ଦନ ଚାପ ଖେଳିଲ..., ରଶ୍ମିତା ଦାସ ଚନ୍ଦନ ଲେପିଦେବି କି ଶ୍ରୀଅଙ୍ଗେ..., ଅନନ୍ୟା ଶ୍ରୀତମଙ୍କ କଣ୍ଠରେ ଆସ ଆସ ଜଗନ୍ନାଥ ଓ ଶ୍ୟାମ ତେରି ବଂଶୀ... ସଙ୍ଗୀତ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଉପଜିଲାପାଳ ଭବତାରଣ ସାହୁ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୋମନାଥ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାକୁ କୈଳାସ ଚନ୍ଦ୍ର ଟିକାୟତରାୟ, ଜଗେଶ୍ୱର ପୂଜାପଣ୍ଡା, ଗୋବିନ୍ଦ ମହାନ୍ତି, ପ୍ରସନ୍ନ ମିଶ୍ର, ରାମଚନ୍ଦ୍ର ଦାସମହାପାତ୍ର, ରଘୁନାଥ ପ୍ରତିହାରୀ, ଶ୍ୟାମପ୍ରକାଶ ସେନାପତି, ମହାଦୀପ କର, ହରିହର ଗୁରୁ ପ୍ରମୁଖ ପରିଚାଳନା କରିଥିଲେ।

# ୫ ତଳକୁ ଖସିଲା କରୋନା ମୃତ୍ୟୁ

**ଆଉ ୫୧୮ ଆକ୍ରାନ୍ତ**

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ଶୀତରେ କୋଭିଡ୍-୧୯ ଭୂତାଣୁ ଅଧିକ ସକ୍ରିୟ ହେବ ବୋଲି ଆଶଙ୍କା କରାଯାଉଥିଲେ ମଧ ଏଯାଏ ସ୍ଥିତି ନିୟନ୍ତ୍ରଣରେ ରହିଛି। ଦୀର୍ଘ ମାସ ପରେ ରାଜ୍ୟରେ କରୋନା ମୃତ୍ୟୁ ହାର ତଳମୁହାଁ ହୋଇଛି। କିଛିଦିନ ହେବ ଦୈନିକ ସଂକ୍ରମଣ ହଜାରେ ତଳେ ରହୁଥିଲେ ମଧ ମୃତ୍ୟୁ ସଂଖ୍ୟା ୧୦ ଉପରେ ଥିଲା। ଏହାକୁ ନେଇ ଚିନ୍ତା ବଢ଼ିଥିବାବେଳେ ଶେଷ ୨୪ ଘଣ୍ଟାରେ ମାତ୍ର ୪ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ମୃତ୍ୟୁ ସଂଖ୍ୟାରେ ଏଭଳି ହ୍ରାସ ପାଇବା ଖବର ସମସ୍ତଙ୍କୁ ଆଶ୍ୱସ୍ତି ଦେଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨ଜଣ ଥିବାବେଳେ ଢେଙ୍କାନାଳ ଓ ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୭୩୪ରେ ପହଞ୍ଚିଛି। ସେପଟେ ରାଜ୍ୟର ୨୭ ଜିଲାରୁ ଆଉ ୫୧୮ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୫୨ଜଣ ଥିବାବେଳେ ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ୫୦ତଳକୁ ରହିଛି। ମୟୂରଭଞ୍ଜ, ଢେଙ୍କାନାଳ ଓ ରାୟଗଡ଼ାରେ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମଣ ୩,୧୮,୩୦୭କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଆଉ ୭୦୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୧୧,୨୫୬ ଛୁଇଁଛି। ରାଜ୍ୟରେ ଏବେ ୫,୨୬୪ଜଣ ସକ୍ରିୟ ରୋଗୀ ରହିଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।


**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)
**National Competitive Bidding through e-procurement**
**Bid Identification No. 03/EE/RWSS/ANGUL/2020-21**
**Dt. 20.11.2020 (JJM)**

No.O-610:- The Executive Engineer, RWS&S Division, Angul, at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

**Nature of Work : Rural Piped Water Supply Schemes.**

| | | |
|---|---|---|
| 1. | No. of Tenders | : 16 Nos. |
| 2. | Tender Paper Cost | : Rs. 6,000.00 to Rs. 10,000.00 |
| 3. | Value of work | : Rs. 14.48 Lakhs to Rs. 197.78 lakhs |
| 4. | Class of Contractor | : "D", "C", "B" & "A" Class |
| 5. | Date & time of availability of bid document in portal | : 01.12.2020 at 13.00 hours to 08.12.2020 upto 17.00 hours |
| 6. | Date & time of seeking tender clarification | : 04.12.2020 upto 17.00 hours |
| 7. | Date & time of opening of tender & verification of original document | : 09.12.2020 at 15.00 hours in the office of the Executive Engineer, RWS&S Division, Angul, at:Talcher |
| 8. | Time of completion | : 3 (Three) to 8 (Eight) Calendar Months |

9. The bidders have to participate in online biding only. Further details can be seen from the website https://www.tendersodisha.gov.in.
10. Corrigendum if any shall be publish in the above website only.

Sd./- Executive Engineer
RWS&S Division, Angul at Talcher
OIPR-25019/11/0011/2021


# କାର୍ଯ୍ୟକ୍ଷମ ହେବ ମ୍ୟୁଜିକାଲ ୱାଟର ଫାଉଣ୍ଟେନ

**ସ୍ଥିତି ପରଖିଲେ ଇଡ୍‌କୋ ଅଧିକାରୀ**

ପୁରୀ ଅଫିସ, ୨୯।୧୧

ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଅଚଳ ହୋଇପଡ଼ିଥିବା ମ୍ୟୁଜିକାଲ ୱାଟର ଫାଉଣ୍ଟେନ (ଜଳ ଫୁଆରା) ଏବଂ ଲେଜର ଶୋ'କୁ କାର୍ଯ୍ୟକ୍ଷମ କରାଯିବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ନରେନ୍ଦ୍ର ପୁଷ୍କରିଣୀର ଐତିହ୍ୟ ବଜାୟ ରଖିବା ଲାଗି ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ। ରବିବାର ଇଡ୍‌କୋର ଅଧିକାରୀ ନରେନ୍ଦ୍ର ପୁଷ୍କରିଣୀକୁ ଆସି ଏହି ମ୍ୟୁଜିକାଲ ୱାଟର ଫାଉଣ୍ଟେନର ସ୍ଥିତି ପରଖିଛନ୍ତି। ଏଥିସହ ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱର ଉନ୍ନତୀକରଣ ହେବା ନେଇ ମଧ ଆଲୋଚନା କରିଛନ୍ତି।

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ୨୦୧୩ ମସିହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀରେ ୭କୋଟି ୭୦ ଲକ୍ଷ ୮୪ ହଜାର ଟଙ୍କା ବ୍ୟୟରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନ ଓ ଲେଜର ଶୋ' ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସମୟ ଗଡ଼ିବା ସହିତ ଲେଜର ଶୋ'ରେ ତ୍ରୁଟି ଯୋଗୁ ଏହା ଏକ ପ୍ରକାର ଅଚଳ ହୋଇପଡ଼ିଥିଲା। ଏପର୍ଯ୍ୟନ୍ତ ତାହାକୁ ମରାମତି କରାଯାଇନାହିଁ। ସେହିପରି ପର୍ଯ୍ୟଟକଙ୍କ ବସିବା ପାଇଁ ଥିବା ଶେଡ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏଠାରେ ପଡ଼ିଥିବା ଚେୟାର, ଫ୍ୟାନ୍ ଭାଙ୍ଗିରୁଜି ଯାଇଥିବାବେଳେ ଏହି ସ୍ଥାନ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗତ ୨୦ ତାରିଖରେ ଜିଲାପାଳ ବଲୱନ୍ତ ସିଂ ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଏହାର ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର ଇଡ୍‌କୋ ଅଧିକାରୀ ଆସି ୱାଟର ଫାଉଣ୍ଟେନର ସ୍ଥିତି ଦେଖିବା ସହ ସ୍ଥାନୀୟ ସାମାଜିକ କର୍ମୀ ପ୍ରମୋଦ କୁମାର ସିଂଙ୍କ ସହିତ ଆଲୋଚନା କରିଛନ୍ତି। ନରେନ୍ଦ୍ର ପୁଷ୍କରିଣୀର ଉନ୍ନତି ପାଇଁ ଅଧିକାରୀଙ୍କ ନିକଟରେ ପ୍ରମୋଦ କେତେକ ଦାବି ରଖିଥିଲେ। ଦାବିଗୁଡ଼ିକୁ ଇଡ୍‌କୋ ଅଧିକାରୀ ମାନି ନେଇଛନ୍ତି ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରମୋଦ ସୂଚନା ଦେଇଛନ୍ତି।


**ପଞ୍ଚାୟତ ସମିତି, ପାପଡ଼ାହାଣ୍ଡି**
**OFFICE OF THE PANCHAYAT SAMITI, PAPADAHANDI**
Dist.: Nabarangpur, E-mail: ori-papadahandi@nic.in

Letter No. 3950 Dated: 27.11.2020

**Tender Call Notice No. 1/2020-2021**

The Block Development Officer, Papadahandi invites sealed tenders in conformity with Detailed Tender Call Notice to be drawn up in the State P.W.D. P-2 contract from eligible registered contractors of State P.W.D./Irrigation/R.W./R.W.S.S. and P.H.E.D. having valid licence from the competent authority for civil works. The proof of registration from appropriate authority shall be enclosed along with the Bid. If successful, the bidder who has not registered under State Government, Odisha has to register under the State PWD in appropriate class of eligibility before signing of the agreement.
The bidder may submit bid for the following work as per time schedule.

| | | |
|---|---|---|
| 1 | Name of the Work | Pilgrim Amenities and Community Centre at Nilakantheswar Temple, Papadahandi |
| 2 | Date of Tender Paper available | 01.12.2020 to 15.12.2020 (Tender paper to be downloaded from official website **www. nabarangpur.nic.in** during office hours). |
| 3 | Last ate of receipt of Tender Paper | 21.12.2020 (during office hours through Registered Post/Speed Post only) |
| 4 | Date of opening of tender | 22.12.2020 (time 11.00 A.M.) at Block Office, Papadahandi |

Bid documents and other necessary details of the above tender call notice can be seen from the website **www.nabarangpur.nic.in**.

Sd./- Block Development Officer
Papadahandi



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପ୍ରକାଶ ପାଉନି ବିପିୟୁଟି ଶେଷବର୍ଷ ସ୍ୱତନ୍ତ୍ର ପରୀକ୍ଷା ବିଜ୍ଞପ୍ତି

**ଛାତ୍ର ସଂଘର ଅସନ୍ତୋଷ**

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ବିପିୟୁଟି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର ପରୀକ୍ଷା ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ୟୁନାଇଟେଡ୍ ବିପିୟୁଟି ଷ୍ଟୁଡେଣ୍ଟ ଆସୋସିଏଶନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ରବିବାର ସଂଘ ପକ୍ଷରୁ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ସ୍ୱତନ୍ତ୍ର ପରୀକ୍ଷା ପାଇଁ ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରିବାକୁ ସଂଘ ଦାବି କରିଛି। ଏହାବ୍ୟତୀତ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ବାକି ରହିଥିବାବେଳେ ପେପର ପରୀକ୍ଷା ଯଥାଶୀଘ୍ର କରିବା ପାଇଁ ମଧ ଦାବି କରାଯାଇଛି। ସଂଘ ସଭାପତି ରାଜେଶ ପାଣି, କାର୍ଯ୍ୟକାରୀ ସଭାପତି ଦେବାଶିଷ ନାୟକ ଓ ଉପସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହିବା ସହ ଏ ସମସ୍ତ ଦାବିନେଇ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସ୍ଥିତି ଅନୁଧ୍ୟାନ କରି ଏହାର ଏକ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।



ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ଛାତ୍ରମାନେ ପ୍ରତିବାଦ କରୁଛନ୍ତି।

## ଏମ୍ସ ସିଟ୍ ବୃଦ୍ଧିକୁ ରାଜ୍ୟ ଭାଜପାର ସ୍ୱାଗତ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲ କଲେଜରେ ଚଳିତ ବର୍ଷ ଏମବିବିଏସ ପାଠ୍ୟକ୍ରମ ପାଇଁ ସିଟ୍ ସଂଖ୍ୟା ୧୦୦ରୁ ୧୨୫କୁ ବୃଦ୍ଧି କରାଯାଇଛି। ନର୍ସିଂ ପାଠ୍ୟକ୍ରମ ପାଇଁ ସିଟ୍ ସଂଖ୍ୟା ୬୦ରୁ ୭୫କୁ ଏବଂ ପାରାମେଡିକାଲ ପାଠ୍ୟକ୍ରମ ପାଇଁ ସିଟ୍ ସଂଖ୍ୟା ୩୫ରୁ ୪୬କୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ଥିବା ଆନ୍ତରିକତା କାରଣରୁ ଭୁବନେଶ୍ୱରସ୍ଥିତ ଏମ୍ସ ହସପିଟାଲ ଓ ଡାକ୍ତରଖାନାର ଭିତିଭୂମି, ଆବଶ୍ୟକୀୟ ଉନ୍ନତମାନର ଯନ୍ତ୍ରପାତି, ଅତ୍ୟାଧୁନିକ ଜ୍ଞାନକୌଶଳ ସହ ପାଠ୍ୟକ୍ରମ ପାଇଁ ଏହି ସିଟ୍ ବୃଦ୍ଧି ପାଇଥିବା ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି। କେନ୍ଦ୍ରର ଏଭଳି ନିଷ୍ପତ୍ତିକୁ ନାଏକ ସ୍ୱାଗତ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ସମୀର ଏବଂ ପ୍ରଦୀପ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ୧୬୩ ଆହାର କେନ୍ଦ୍ରରେ ୧୭୦୦ ଏସ୍ଏଚ୍ଜି ମହିଳା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଆହାର କାର୍ଯ୍ୟକ୍ରମ ସଫଳତାର ଶିଖର ଛୁଇଁଛି। ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଉଥିବା ଆହାର କେନ୍ଦ୍ରଗୁଡ଼ିକ ନୂଆ ରେକର୍ଡ ସୃଷ୍ଟି କରିଛି। ୧୬୩ ଆହାର କେନ୍ଦ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ର ୧୭୦୦ ସଦସ୍ୟା ଖାଦ୍ୟ ପରିବେଷଣ କରୁଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଏସ୍ଏଚ୍ଜିଗୁଡ଼ିକ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥି ଭାଥନନ୍ କହିଛନ୍ତି। ସମ୍ପୃକ୍ତ ଏସ୍ଏଚ୍ଜି ସଦସ୍ୟାଙ୍କ ସହ ଭର୍ଚୁଆଲ୍ କନ୍ଫରେନ୍ସରେ ଯୋଗଦେଇ ସଚିବ କହିଲେ, ଆହାର କେନ୍ଦ୍ରରେ ମହିଳାମାନେ ଖାଦ୍ୟ ପ୍ରସ୍ତୁତ ସହିତ ପରିବେଷଣ କରୁଛନ୍ତି। ଫଳରେ ବିନା ବାଧାରେ କରୋନା ସମୟରେ ଗରିବ ଲୋକଙ୍କୁ ୫ଟଙ୍କିଆ ଭାତ ଡାଲ୍ମା ସହଜରେ ଯୋଗାଯାଇ ପାରୁଛି। ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଓ ସୁଡାର ଅତିରିକ୍ତ ନିର୍ଦ୍ଦେଶକ ଶାରଦା ପଣ୍ଡା ଭିଡିଓ କନ୍ଫରେନ୍ସରେ ଯୋଗଦେଇ ଆହାର କେନ୍ଦ୍ରରେ କୋଭିଡ୍ ନିୟମ ମାନି ଖାଦ୍ୟ ପରିବେଷଣ ସହିତ କେନ୍ଦ୍ର ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଲାଗି ବରିଷ୍ଠ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କେତେଜଣ ମହିଳା ଆହାର କେନ୍ଦ୍ରରେ ଖାଦ୍ୟ ପରିବେଷଣ ଓ ଆନୁଷଙ୍ଗିକ ଭିତ୍ତିଭୂମି ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ।

# ଏସ୍ଆଇଟି ତଦନ୍ତ ଆରମ୍ଭ

**ପରୀ ହତ୍ୟା ଘଟଣା**

ନୟାଗଡ ଅଫିସ,୨୯।୧୧

ନୟାଗଡ ସଦର ଥାନା ଯଦୁପୁରର ପରୀ ହତ୍ୟା ଘଟଣାରେ ରବିବାର ସ୍ପେଶାଲ ଇନ୍ଭେଷ୍ଟିଗେଶନ୍ ଟିମ୍(ଏସ୍ଆଇଟି) ତଦନ୍ତ ଆରମ୍ଭ କରିଛି। ଏ ନେଇ ଟିମ୍ ମୁଖ୍ୟ ପୋଲିସ ଆଇଜି ଅରୁଣ ବୋଥ୍ରା ଅତିରିକ୍ତ ଏସ୍ପି, ନୟାଗଡ ଏସ୍ଡିପିଓ, ନୟାଗଡ ସଦର ଥାନା ଆଇଆଇସି ଓ ତଦନ୍ତକାରୀ ଅଫିସରଙ୍କୁ ପରୀ ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚୁରା କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍ପି ଉମାକାନ୍ତ ମଲ୍ଲିକ ଓ ଏସ୍ଡିପିଓ ନିରଞ୍ଜନ ପାଢ଼ୀ କୁହନ୍ତି ଏସ୍ଆଇଟି ତଦନ୍ତ ଆରମ୍ଭ ହୋଇଛି। ଏଥିପାଇଁ ଭୁବନେଶ୍ୱର ଯାଇଥିଲୁ ବୋଲି ସେମାନେ କହିଛନ୍ତି।

# ଖରିଫ ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବାକୁ ୧୨ ଅଫିସରଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ସୁରୁଖୁରୁରେ କରାଯିବ। ଏହାର ତଦାରଖ ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶକ୍ରମେ ବିଭାଗ ପକ୍ଷରୁ ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଛି। ଅଧିକାରୀମାନେ ପ୍ରତିଦିନ ଧାନ ସଂଗ୍ରହ କାର୍ଯ୍ୟକୁ ତଦାରଖ କରିବା ସହିତ ଦାୟିତ୍ୱ ଦିଆଯାଇଥିବା ଜିଲାକୁ ନିୟମିତ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଜିଲା ଗସ୍ତ ସମୟରେ ଚାଷୀ ଓ ପ୍ରାଥମିକ କୃଷି ସମବାୟ ସମିତିର କର୍ମକର୍ତ୍ତାଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ କ୍ଷେତ୍ରସ୍ତରରେ ଧାନ ସଂଗ୍ରହରେ ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ। ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର, କୋରାପୁଟ, ବୌଦ୍ଧ, ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ରାୟଗଡ଼ା ଦାୟିତ୍ୱ ଉକ୍ତ ଅଧିକାରୀଙ୍କ ମଧ୍ୟରେ ବଣ୍ଟାଯାଇଛି। ଏହାସହ ନିବନ୍ଧକ ସମବାୟ ସମିତି ସମୂହଙ୍କ ପକ୍ଷରୁ ସମସ୍ତ ଡିଆର୍ସିଏସ୍ ଓ ଏଆର୍ସିଏସ୍ କାର୍ଯ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଡିଆର୍ସିଏସ୍ ଓ ଏଆର୍ସିଏସ୍ମାନେ କ୍ଷେତ୍ର ପରିଦର୍ଶନ କରି ଉପୁଜୁଥିବା ସମସ୍ୟାର ସମାଧାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସମସ୍ୟାଗୁଡ଼ିକୁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି ।


















































## ସଂକ୍ଷେପରେ

### ରେପୋ କମାଇ ନ ପାରେ ଆର୍‌ବିଆଇ

**ନୂଆଦିଲ୍ଲୀ,୨୯।୧୧:** ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ହ୍ରାସ କରି ନ ପାରେ। ଏହା ରେପୋକୁ ଅପରିବର୍ତ୍ତିତ ରଖିପାରେ ବୋଲି ବିଶେଷଜ୍ଞ କହିଛନ୍ତି। ବର୍ତ୍ତମାନ ମୁଦ୍ରାସ୍ଫୀତି ଉଚ୍ଚରେ ରହିଛି। କେନ୍ଦ୍ରୀୟ ବ୍ୟାଙ୍କର ଧାର୍ଯ୍ୟଲକ୍ଷ୍ୟଠାରୁ ଏହା ଅଧିକ ରହିଛି। ଏଭଳି ସ୍ଥିତିରେ ଅର୍ଥନୈତିକ ଅଭିବୃଦ୍ଧି ମଧ ନକାରାତ୍ମକ ସ୍ଥିତିରେ ରହିଛି। ଡିସେମ୍ବର ୨ରୁ ରିଜର୍ଭ ବ୍ୟାଙ୍କର ୬ ଜଣିଆ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ ହେଉଛି। ଏହା ୨ ଦିନ ଚାଲିବ। ଡିସେମ୍ବର ୪ରେ ରିଜର୍ଭ ବ୍ୟାଙ୍କ ଏହାର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବ। ଅକ୍ଟୋବରରେ ହୋଇଥିବା ବୈଠକରେ ରିଜର୍ଭ ବ୍ୟାଙ୍କ ରେପୋ ଅପରିବର୍ତ୍ତିତ ରଖିଥିଲା। ମୁଦ୍ରାସ୍ଫୀତି ୬%ରୁ ଉର୍ଦ୍ଧ୍ୱରେ ରହିବା ଯୋଗୁ ରେପୋ କମାଇବା ଦିଗରେ ଏହା କଷ୍ଟକର ହେଉଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୯.୫% ଖସିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଏହାର ଆକଳନରେ କହିଛି। କରୋନା ମହାମାରୀ ଯୋଗୁ ଜିଡିପିକୁ ଏଭଳି କ୍ଷତି ସହିବାକୁ ପଡିଛି। ଏହା ମଧ୍ୟରେ ରିଜର୍ଭ ବ୍ୟାଙ୍କ ୧୧୫ ବେସିସ ପଏଣ୍ଟ ରେପୋ ହ୍ରାସ କରିଛି।

# ଚାହିଦା ବୃଦ୍ଧିରେ ମିଡିଲ ଇଣ୍ଡିଆ

ନୂଆଦିଲ୍ଲୀ,୨୯।୧୧

କରୋନା ମହାମାରୀ ଚାପରେ ଭାରତର ଅର୍ଥ ବ୍ୟବସ୍ଥା ସଙ୍କଟ ଦେଇ ଗତି କରୁଛି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ୭.୫% ଖସିଛି। ଏହା ପ୍ରଥମ ତ୍ରୈମାସରେ ୨୩.୯% ଖସିଥିଲା। ଏଭଳି ସ୍ଥିତିରେ ଦେଶର ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବାରେ ମିଡିଲ ଇଣ୍ଡିଆ ଏବଂ କ୍ଷୁଦ୍ର ଶିଳ୍ପଗୁଡିକର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଛି ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଦେଶର କୃଷି କ୍ଷେତ୍ର ଅଭିବୃଦ୍ଧି ୩.୪% ରହିଥିବା ବେଳେ ସେପ୍ଟେମ୍ବର ତ୍ରୈମାସରେ ମାନୁଫାକଚରିଂ ୦.୬% ରହିଛି। ବାଣିଜ୍ୟ, ହୋଟେଲ ଏବଂ ପରିବହନ କ୍ଷେତ୍ରରେ ପୂର୍ବ ତ୍ରୈମାସ ଅପେକ୍ଷା ଏବେ ସାମାନ୍ୟ ପରିବର୍ତ୍ତନ ହୋଇଛି। କୃଷି ଉତ୍ପାଦନ ଉନ୍ନତ ହେବା ଯୋଗୁ ଏହାର ଲାଭ କୃଷକଙ୍କୁ ମିଳିଛି। ଫଳରେ ଟ୍ରାକ୍ଟର ବିକ୍ରି ବୃଦ୍ଧି ଏବଂ ବ୍ୟକ୍ତିଗତ ଯାନ କ୍ରୟ ବଢିଛି। କରୋନା ପାଇଁ ଲୋକମାନେ ବ୍ୟକ୍ତିଗତ ଯାନ କ୍ରୟକୁ ଗୁରୁତ୍ୱ ଦେଉଥିବାରୁ କାର୍ ଏବଂ ମୋଟର ସାଇକେଲ ବିକ୍ରି ବଢ଼ାଇବା ଦିଗରେ ଏହା ସହାୟକ ହୋଇଛି।

କରୋନା ପାଇଁ ପ୍ରଭାବିତ ହୋଇ ରହିଥିବା ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ଏବେ ଧୀରେ ଧୀରେ ବଢୁଛି। ସେହିଭଳି ଲକ୍‌ଡାଉନ କଟକଣା ହଟିବା ଯୋଗୁ ଶକ୍ତି ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସିଛି। ଏହି ପରିପ୍ରେକ୍ଷୀରେ କ୍ୱାଣ୍ଟ ଇକୋ ରିସର୍ଚ୍ଚର ଅର୍ଥନୀତିଜ୍ଞ ଯୁବିକା ସିଂଘଲ କହିଛନ୍ତି, ଭାରତୀୟ ଅର୍ଥ ବ୍ୟବସ୍ଥା ଟ୍ରାକକୁ ଫେରୁଥିବା ବେଳେ ମାନୁଫାକଚରିଂ କ୍ଷେତ୍ରରେ ଏବେ ପରିବର୍ତ୍ତନ ଦେଖାଯାଇଛି। ହେଲେ ଏବେ ଯାଏ ଦେଶର ସେବା କ୍ଷେତ୍ର ସମ୍ପୂର୍ଣ୍ଣ ଟ୍ରାକକୁ ଫେରିପାରିନାହିଁ। ସେବା କ୍ଷେତ୍ରର ଜିଡିପିକୁ ଯୋଗଦାନ ୬୦%। ଏହା ସମ୍ପୂର୍ଣ୍ଣ ସ୍ଥିତାବସ୍ଥାକୁ ନ ଆସିବା ଯାଏ କୃଷି ଏବଂ ମାନୁଫାକ୍‌ଚରିଂ ଅଭିବୃଦ୍ଧିକୁ ବଢାଇବା ଦିଗରେ ଯୋଗଦାନ ରଖିବ। ଜିଡିପି ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିବା ଲାଗି ଗୋଟିଏ ବର୍ଷ ଲାଗିବ ବୋଲି ସେ ମତପ୍ରକାଶ କରିଛନ୍ତି।

ଦେଶର ପ୍ରମୁଖ ସହରଗୁଡିକରେ ରହିଥିବା ହୋଟେଲଗୁଡିକ ବର୍ତ୍ତମାନ ୫୦ରୁ ୬୦% କ୍ଷମତା ସହ ଚାଲୁଛି। ଏହି ହୋଟେଲଗୁଡିକୁ ଆସୁଥିବା ଅଧିକାଂଶ ଅତିଥି ମାନୁଫାକ୍‌ଚରିଂ ଶିଳ୍ପ ସହ ଜଡିତ। ସରକାର ଦେଶ ମଧ୍ୟରେ ଉଡାଣ କ୍ଷେତ୍ରରେ ଲକ୍‌ଡାଉନ କଟକଣା ଉଠାଇବା ଦ୍ୱାରା ଯାତ୍ରୀ ପରିବହନ ବଢିଛି। ହୋଟେଲ ବୁକିଂ କ୍ଷେତ୍ରରେ କ୍ଷୁଦ୍ର ଶିଳ୍ପ ସହ ଜଡିତ ଅଂଶୀଦାରଙ୍କ ଭୂମିକା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ରହିଥିବା ଜଣାପଡିଛି। କୋଭିଡ-୧୯ ଦେଶର ସହରଗୁଡିକୁ ବେଶି ପ୍ରଭାବିତ କରିଛି। ଗ୍ରାମାଞ୍ଚଳ ଉପରେ ଏହାର ବେଶି ପ୍ରଭାବ ପଡିନାହିଁ। ବର୍ଷା ଭଲ ହେବା ଯୋଗୁ ଚଳିତ ବର୍ଷ ଭଲ ଫସଲ ହୋଇଛି। ରବି ଋତୁ ଫସଲ ଭଲ ହେବା ନେଇ ମଧ ଆକଳନ କରାଯାଇଛି। ସେହିଭଳି ଛୋଟ ସହରଗୁଡିକରେ କାର ଏବଂ ମୋଟର ସାଇକେଲ ବିକ୍ରି ବଢୁଥିବା ନଜରକୁ ଆସିଛି। ମାରୁତି ସୁଜୁକିର ବିକ୍ରି ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କୁହନ୍ତି, ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବରରେ ଗ୍ରାମାଞ୍ଚଳ ବଜାର ଗୁଡିକରେ କମ୍ପାନୀର ବିକ୍ରି ୧୦% ବଢିଛି। ଏଣ୍ଟ୍ରି ଲେଭଲ ଯାନଗୁଡିକର ବିକ୍ରି ଭଲ ହେଉଥିବା ସେ ମତ ଦେଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଦେଶର ଅର୍ଥ ବ୍ୟବସ୍ଥାକୁ ସ୍ଥିତାବସ୍ଥାକୁ ଆଣିବା ଦିଗରେ ଗ୍ରାମୀଣ ଭାରତ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଚାହିଦା ଦୀର୍ଘମିଆଦୀ ସାଧାରଣତଃ ଅର୍ଥବ୍ୟବସ୍ଥାକୁ ଆଗକୁ ବଢାଇବା ଦିଗରେ ଯୋଗଦାନ ରଖିବ। ହେଲେ ଏଥିଲାଗି ଲୋକଙ୍କର ଆୟରେ ବୃଦ୍ଧି ଏବଂ ଗ୍ରାମୀଣ ବଜାର ସ୍ଥିତି ମଧ ନିର୍ଭର କରେ।



■ କୃଷିକ୍ଷେତ୍ର, କ୍ଷୁଦ୍ର ବାଣିଜ୍ୟ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ

■ ସେବା କ୍ଷେତ୍ର ଏବେବି ପ୍ରଭାବିତ

# ପହିଲାରୁ ୫ ନୂଆ ନିୟମ

ନୂଆଦିଲ୍ଲୀ,୨୯।୧୧

ଡିସେମ୍ବର ୧ରୁ ସାରା ଦେଶରେ ୫ ନୂଆ ନିୟମ କାର୍ଯ୍ୟକାରୀ ହେବ। ଏହାର ସିଧାସଳଖ ପ୍ରଭାବ ଲୋକଙ୍କ ପକେଟ ଏବଂ ଦୈନନ୍ଦିନ ଜୀବନ ଉପରେ ପଡିବାକୁ ଯାଉଛି। ଏଣୁ ଏହି ନିୟମ ସବୁକୁ ଜାଣିବାର ଆବଶ୍ୟକତା ରହିଛି। ରନ୍ଧନ ଗ୍ୟାସ ସିଲିଣ୍ଡରଠାରୁ ଆରମ୍ଭ କରି ବ୍ୟାଙ୍କର ଆର୍‌ଟିଜିଏସ୍ ଭଳି ନିୟମ ପରିବର୍ତ୍ତନ ହେବ ବୋଲି ଜଣାପଡିଛି। ଲୋକମାନେ ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ (ଆର୍‌ଟିଜିଏସ୍)ର ସୁବିଧା ପହିଲାରୁ ୪ ଦିନ ଏବଂ ୨୪ ଘଣ୍ଟା ନେଇପାରିବେ। ଏ ନେଇ ରିଜର୍ଭ ବ୍ୟାଙ୍କ କିଛି ଦିନ ଆଗରୁ ନିଷ୍ପତ୍ତି ନେଇଥିଲା। ଆର୍‌ଟିଜିଏସ୍ ବର୍ତ୍ତମାନ ବ୍ୟାଙ୍କର ସମସ୍ତ କାର୍ଯ୍ୟଦିବସ (ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର)ଛଡା ସକାଳ ୭ରୁ ସଂଧ୍ୟା ୬ଟା ମଧ୍ୟରେ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ, ଏନ୍‌ଇଏଫ୍‌ଟିକୁ ୨୦୧୯ ଡିସେମ୍ବରଠାରୁ ୨୪ ଘଣ୍ଟିଆ କରାଯାଇଛି।

ସେହିଭଳି ଡିସେମ୍ବର ୧ରୁ କିଛି ନୂଆ ଟ୍ରେନ ଚଳାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଆଉ କିଛି ଟ୍ରେନକୁ ପରିଚାଳନା କରାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମଧ୍ୟରେ ଝେଲମ ଏକ୍ସପ୍ରେସ ଏବଂ ପଞ୍ଜାବ ମେଲ୍ ସାମିଲ ରହିଛି। ବୀମା ପଲିସିର କିସ୍ତି ଭରି ନ ପାରିଲେ ପଲିସି ବନ୍ଦ ହୋଇ ଯାଇଥାଏ। ଫଳରେ ଜମା ଟଙ୍କା ଆଉ ମିଳି ନ ଥାଏ। ଆସିବାକୁ ଥିବା ନୂଆ ବ୍ୟବସ୍ଥା ମୁତାବକ ୫ ବର୍ଷ ପରେ ବୀମାଧାରକ ବୀମା ରାଶିକୁ ୫୦% ପର୍ଯ୍ୟନ୍ତ କମ୍ କରିପାରିବେ। ଅର୍ଥାତ ଅଧା କିସ୍ତି ସହ ସେ ପଲିସି ଜାରି ରଖିପାରିବେ। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା କ୍ଷେତ୍ରରେ ପରିବର୍ତ୍ତନ କରିଛି। ବ୍ୟାଙ୍କ ୱାନ ଟାଇମ ପାସୱାର୍ଡ(ଓଟିପି) ଭିତ୍ତିକ ଉଠାଣ ନେଇ ଘୋଷଣା କରିଛି। ଡିସେମ୍ବର ପହିଲାରୁ ରାତି ୮ରୁ ସକାଳ ୮ ମଧ୍ୟରେ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଉଠାଣ ଉପରେ ଓଟିପି ଦେବାକୁ ପଡିବ। ଏହାବାଦ ଦେଶର ତୈଳ ବିପଣନ କମ୍ପାନୀଗୁଡିକ ପହିଲାରୁ ଗ୍ୟାସ ସିଲିଣ୍ଡର ମୂଲ୍ୟ ବଢ଼ାଇବେ ବୋଲି ଜଣାପଡିଛି।




## ସବୁ ଷ୍ଟେଶନରେ ମାଟିପାତ୍ରରେ ମିଳିବ ଚା

ନୂଆଦିଲ୍ଲୀ,୨୯।୧୧

ବର୍ତ୍ତମାନ ସାରା ଦେଶରେ ରହିଥିବା ୪୦୦ ରେଳ ଷ୍ଟେଶନରେ ମାଟି ପାତ୍ରରେ ଚା ବିକ୍ରି ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ସବୁ ଷ୍ଟେଶନରେ ଏଭଳି ସୁବିଧା କରିବା ଉପରେ ସରକାର ବର୍ତ୍ତମାନ ଯୋଜନା କରୁଛନ୍ତି। ରାଜସ୍ଥାନରେ ରେଲୱେର ଏକ ପ୍ରକଳ୍ପ ଉଦଘାଟନ କରି ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏହା କହିଛନ୍ତି। ମାଟିପାତ୍ର ଚା ବିକ୍ରି ହେବା ଯୋଗୁ ଏହା ପରିବେଶ ଉପଯୋଗୀ ହୋଇପାରିଛି। ଏହା ପ୍ଲାଷ୍ଟିକ ବ୍ୟବହାର କମାଇଥିବା ସେ ମତ ଦେଇଛନ୍ତି। ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଦିଗରେ ଏଭଳି ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। ଏହାକୁ ବିଚାର କରି ସାରା ଦେଶରେ ରହିଥିବା ରେଳ ଷ୍ଟେଶନଗୁଡିକରେ ମାଟି ପାତ୍ରରେ ଚା ବିକ୍ରି ନେଇ ଯୋଜନା ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ସେ ପୁଣି କହିଛନ୍ତି ଯେ, ରେଲୱେର ବିକାଶ ଲାଗି ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସାରା ଦେଶରେ ରେଳ ଲାଇନ ବିଦ୍ୟୁତୀକରଣ ହେଲେ ପରିବେଶ ସୁରକ୍ଷା ଏବଂ ଇନ୍ଧନ, ଅର୍ଥ ଏବଂ ସଞ୍ଚୟ ଦିଗରେ ଏହା ଯୋଗଦାନ ରଖିବ। କୃଷିଜାତ ସାମଗ୍ରୀର ପରିବହନ ଦିଗରେ ମଧ ରେଲୱେର କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।



## ୧୫% ବଢ଼ିଛି ଏଫ୍‌ଡିଆଇ

**ନୂଆଦିଲ୍ଲୀ,୨୯।୧୧:** ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ୧୫% ବଢିଛି। ଏହି ଅବଧିରେ ମରିସସ୍ ଏଫ୍‌ଡିଆଇ ୪ର୍ଥ ସ୍ଥାନରେ ରହିଛି। ଆମେରିକା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟାକ୍ସ ହେଭେନ କେମେନ ଦ୍ୱୀପରୁ ଭାରତରେ ସର୍ବାଧିକ ଏଫ୍‌ଡିଆଇ ନିବେଶ ହୋଇଛି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ଡାଟା ମୁତାବକ ଏପ୍ରିଲ-ସେପ୍ଟେମ୍ବରରେ ଭାରତକୁ ୩୦ ବିଲିୟନ ଡଲାରର ଏଫ୍‌ଡିଆଇ ଆସିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୨୬ ବିଲିୟନ ଡଲାର ରହିଥିଲା। ୧୦ କ୍ଷେତ୍ର ମଧ୍ୟରୁ ପ୍ରାୟ ୧୭.୫ ବିଲିୟନ ଡଲାର କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେର କ୍ଷେତ୍ରରେ ନିବେଶ ହୋଇଛି। ଗୁଜରାଟ ନିବେଶକଙ୍କର ପ୍ରଥମ ପସନ୍ଦ ହୋଇଥିବା ବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନକୁ ଖସିଛି।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୭୧.୪%

ଭୁବନେଶ୍ୱର,୨୯।୧୧

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ସେପ୍ଟେମ୍ବରରେ ୧୧୮.୧ ପଏଣ୍ଟ ଥିଲା। ଏହା ଅକ୍ଟୋବରରେ ୧୧୯.୫ ପଏଣ୍ଟକୁ ବଢିଛି। ତାଳଚେର, ଅନୁଗୋଳରେ ଏହା ୧୨୭.୪ ଥିବାବେଳେ ଅକ୍ଟୋବରରେ ୦.୨ ପଏଣ୍ଟ ବଢି ୧୨୭.୬ ଛୁଇଁଛି। କଟକରେ ଏହା ୧୨୬.୯ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। କେନ୍ଦୁଝରରେ ୧୨୫.୭ରୁ ୦.୧ ପଏଣ୍ଟ ବଢି ୧୨୫.୮ ପଏଣ୍ଟ ହୋଇଛି। ଚଳିତ ଥର ରାଉରକେଲାକୁ ଏଥିରୁ ବାଦ ଦିଆଯାଇଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୬୫.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୬% ବଢି ୧୭୧.୪% ହୋଇଛି। ଏହି ବର୍ଦ୍ଧିତ ଭତ୍ତାକୁ ସେମାନେ ୨୦୨୧ ଜୁଲାଇ ପହିଲାରୁ ପାଇବେ। ଅଧିକାଂଶ ସରକାରୀ କର୍ମଚାରୀ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୧% ଭତ୍ତା ବୃଦ୍ଧି ହୋଇ ୨୮% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ ଏବଂ ଆଉ ଅବଶିଷ୍ଟ ୪%, ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ।

ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୮୧.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୩.୬% ବୃଦ୍ଧି ଘଟି ୮୫.୪% ହୋଇଛି। ସଂଶୋଧିତ ହାରରେ ୨୬.୩୨% ସେମାନେ ୨୦୨୧ ଫେବୃୟାରୀ ପହିଲାରୁ ପାଇବେ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୭୫.୧% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ ଡିଏରେ ୩.୬% ବୃଦ୍ଧି ଘଟି ୭୮.୭% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ।



## ଖେଳ ଖବର

## ଟୋକିଓ ଅଲିମ୍ପିକ୍ସ ବିଳମ୍ବିତ ହେବାର ମୂଲ୍ୟ ୨ ବିଲିୟନ ଡଲାର

**ଟୋକିଓ,୨୯।୧୧(ଏପି):** କୋଭିଡ୍-୧୯ ମହାମାରୀ କାରଣରୁ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ବିଳମ୍ବିତ ହୋଇଛି। ତେବେ ଏଥିପାଇଁ ଆୟୋଜକମାନଙ୍କୁ ମୂଲ୍ୟ ଦେବାକୁ ପଡିଛି। ଏହି ମେଗା ଇଭେଣ୍ଟ ବିଳମ୍ବିତ ହେବାର ମୂଲ୍ୟ ପାଖାପାଖି ୨ ବିଲିୟନ ଆମେରିକୀୟ ଡଲାର ବା ୨୦୦ ବିଲିୟନ ୟେନ ବୋଲି ଏକ ରିପୋର୍ଟରୁ ଜଣାପଡିଛି।

ଜାପାନର କିଓଡୋ ନ୍ୟୁଜ୍ ଏଜେନ୍ସି ଓ ୟୋମିଉରୀ ଖବରକାଗଜ ଏନେଇ ରବିବାର ରିପୋର୍ଟ ପ୍ରକାଶ କରିଛି। ଅଲିମ୍ପିକ୍ ଆୟୋଜକଙ୍କ ନିକଟର ଥିବା ଏକ ସୂତ୍ରରୁ ଏ ବିଷୟରେ ଜଣାଯାଇଛି ବୋଲି କୁହାଯାଇଛି। ଟୋକିଓମେଟ୍ରୋ ସରକାର, ଜାପାନୀ ଜାତୀୟ ସରକାର ଓ ଆୟୋଜକମାନେ ଏହି ମୂଲ୍ୟ କିପରି ଆବଣ୍ଟିତ ହେବ ସେ ନେଇ ଆସନ୍ତାମାସ ରିପୋର୍ଟ କରିବେ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଏହି ମୂଲ୍ୟର ଭରଣା ପାଇଁ ୬୫୦ ମିଲିୟନ ଡଲାର ପ୍ରଦାନ କରିବ ବୋଲି କହିଛି। ଆଇଓଏ ଏନେଇ ସବିଶେଷ ବିବରଣୀ ପ୍ରଦାନ କରିନାହିଁ। ତେବେ ଟୋକିଓ ଅଲିମ୍ପିକ୍ସ ବ୍ୟୟବହୁଳ ହେବ ବୋଲି ଆଇଓଏ ତରଫରୁ କୁହାଯାଇଛି। ଟୋକିଓ ଅଲିମ୍ପିକ୍ସ ଆୟୋଜନ ପାଇଁ ୧୨.୬ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହେବ ବୋଲି ଆନୁଷ୍ଠାନିକ ଭାବେ ଜଣାଯାଇଛି। କିନ୍ତୁ ଏହି ଖର୍ଚ୍ଚ ଦ୍ୱିଗୁଣିତ ହେବ ବୋଲି ଗତବର୍ଷ ସରକାରଙ୍କ ଏକ ଅଡିଟ୍‌ରୁ ଜଣାପଡିଥିଲା। ଏଥିରୁ ୫.୬ ବିଲିୟନ ଡଲାର ସର୍ବସାଧାରଣଙ୍କର ବୋଲି କୁହାଯାଇଥିଲା।

# ମୌରିସିଓଙ୍କ ଡବଲ ଗୋଲ ସମ୍ମାନ ରଖିଲା

ଭାସ୍କୋ, ୨୯।୧୧

ଡିଏଗୋ ମୌରିସିଓଙ୍କ ଡବଲ ଗୋଲ ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ରବିବାର ମ୍ୟାଚରେ ଓଡ଼ିଶା ଏଫସିର ସମ୍ମାନ ରଖିଛି। ପ୍ରଥମାର୍ଦ୍ଧରେ ୦-୨ ଗୋଲରେ ପଛୁଆ ରହିବାସତ୍ତ୍ୱେ ଜାମସେଦପୁର ଏଫସି ବିପକ୍ଷ ମ୍ୟାଚକୁ ଓଡ଼ିଶା ଏଫସି ୨-୨ରେ ଡ୍ର ରଖିବାରେ ସକ୍ଷମ ହୋଇଛି। ଫଳରେ ନିଜର ପ୍ରଥମ ମ୍ୟାଚରେ ହାଇଦ୍ରାବାଦ ଏଫସି ନିକଟରୁ ୦-୧ରେ ପରାଜିତ ହୋଇଥିବା ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଦଳ ଏହି ମ୍ୟାଚରୁ ପଏଣ୍ଟର ଶୁଭାରମ୍ଭ କରିଛି। ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି।

ମ୍ୟାଚର ପ୍ରଥମାର୍ଦ୍ଧରେ ଜାମସେଦପୁର ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧୨ତମ ମିନିଟରେ ନେରିଜୁସ ଭାଲ୍ସକିସ୍ ଗୋଲ ଦେଇ ଜାମସେଦପୁର ଦଳକୁ ଅଗ୍ରଣୀ କରାଇଥିଲେ। ନେରିଜୁସ ଧୈର୍ଯ୍ୟର ସହ ପୋଷ୍ଟର ବାମ କର୍ନରରେ ବଲ୍ ନେଟ୍‌କୁ ସ୍ପର୍ଶ କରାଇଥିବାବେଳେ ପ୍ରତିପକ୍ଷ ଗୋଲକିପର ବିପରୀତ ଦିଗକୁ ଡାଇଭ୍ ମାରିଥିଲେ। ଓଡ଼ିଶା ଦଳର ଡିଫେନ୍ସିଭ୍ ବିଫଳତାର ସୁଯୋଗ ନେଇ ୨୭ତମ ମିନିଟରେ ସେ ତାହାକୁ ଡବଲରେ ପରିଣତ କରିଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଭିନ୍ନ ଖେଳ ଦେଖିବାକୁ ମିଳିଥିଲା। ଓଡ଼ିଶା ଏଫ୍‌ସି ଗୋଲ ପରିଶୋଧ କରିବାକୁ ଉଦ୍ୟମକୁ ଜୋରଦାର କରିଥିବାବେଳେ ଜାମସେଦପୁର କଡ଼ା ଟକ୍କର ଦେଇଥିଲା। ୭୪ତମ ମିନିଟରେ ରେହେନେଶ ଥୁମ୍ପିରିମ୍ଭୁ ପରମ୍ପା ରେଡ୍‌କାର୍ଡ ପାଇବାରୁ ଜାମସେଦପୁର ୧୦ ଜଣିଆ ହୋଇ ଯାଇଥିଲା। ୭୭ତମ ମିନିଟରେ ଓଡ଼ିଶା ଏଫସିର ବ୍ରାଜିଲିଆନ ଷ୍ଟ୍ରାଇକର ମୌରିସିଓ ଏକ ଗୋଲ ଦେଇ ଗୋଲ ବ୍ୟବଧାନକୁ ହ୍ରାସ କରିଥିଲେ। ୯୦ ମିନିଟ ପର୍ଯ୍ୟନ୍ତ ଜାମସେଦପୁର ଅଗ୍ରଣୀ ରହିଥିଲା। ୬ ମିନିଟର ଇଞ୍ଜୁରି ଟାଇମ୍ ଓଡ଼ିଶା ଦଳ ପାଇଁ ଶୁଭ ହୋଇଥିଲା। ୯୦+୩ ମିନିଟରେ ମୌରିସିଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଜାମସେଦପୁର ଏଫସି ବିଜୟ ଆଶାରେ ପାଣି ଭରି ଦେଇଥିଲେ। ଜାମସେଦପୁର ଏଫସିର ଆଲେକଜାଣ୍ଡାର ମଣ୍ଟେଇରୋ ଡି ଲାମା ପାସ୍ ଅଫ୍ ଦି ମ୍ୟାଚ ଏବଂ ଓଡ଼ିଶା ଏଫସିର ଡିଏଗୋ ମୌରିସିଓ ଡି ବ୍ରିଟୋ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ରବିବାର ଚେନ୍ନାଇନ୍ ଏଫସି ଓ କେରଳ ବ୍ଲାଷ୍ଟର୍ସ ଏଫସି ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ୭୪ତମ ମିନିଟରେ ଚେନ୍ନାଇନ୍ ଏକ ପେନାଲ୍ଟି ସୁଯୋଗ ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲା।



ହିରୋ ଅଫ୍ ଦି ମ୍ୟାଚ୍ ଡିଏଗୋ ମୌରିସିଓ।

**ଆଇଏସ୍ଏଲ୍-୨୦୨୦**

■ ଓଡ଼ିଶା ଏଫସି-ଜାମସେଦପୁର ଏଫ୍‌ସି ମ୍ୟାଚ ଡ୍ର

■ ପଏଣ୍ଟ ଭାଗକଲେ ଚେନ୍ନାଇନ୍ ଓ କେରଳ ବ୍ଲାଷ୍ଟର୍ସ

## ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ମାଉଣ୍ଟ ମାଙ୍ଗାନୁଇ,୨୯।୧୧:** ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ୭୨ ରନରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହେବା ସହ ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ହାତେଇ ନେଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଗ୍ଲେନ ଫିଲିପ୍ସଙ୍କ ଧୂଆଁଧାର ଶତକ (୧୦୮ ରନ, ୫୧ ବଲ, ୧୦ ଚୌକା, ୮ ଛକା) ସହାୟତାରେ ୩ ଉଇକେଟ ହରାଇ ୨୩୮ ରନର ବୃହତ୍ ସ୍କୋର ଛିଡା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୯ ଉଇକେଟ ହରାଇ ୧୬୬ ରନରେ ସୀମିତ ରହିଥିଲା। ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। **ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୩୮/୩ (ଫିଲିପ୍ସ- ୧୦୮, କନୱେ- ୬୫, ଗୁପ୍ଟିଲ- ୩୪, ଥୋମାସ- ୧/୪୪, ଆଲେନ- ୧/୩୫, ପୋଲାର୍ଡ- ୧/୩୩)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୬୬/୯(ପୋଲାର୍ଡ- ୨୮, ହେଟମେୟର- ୨୫, କିମୋ ପଲ- ୨୬*, ଜେମିସନ- ୨/୧୫, ସାଣ୍ଟନର- ୨/୪୧)।

# ଟପ୍ସ କୋର୍ ଗ୍ରୁପ୍‌ରେ ଦୂତୀ ଚାନ୍ଦ

ନୂଆଦିଲ୍ଲୀ, ୨୯।୧୧ (ପି.ଟି.)

ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର କୋର୍ ଗ୍ରୁପ୍‌ରେ ଓଡ଼ିଶାର ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ସମେତ ଅଲିମ୍ପିକରେ ଭାଗ ନେବାକୁ ଥିବା ରେସ୍ ୱାକର କେ.ଟି ଇର୍ଫାନ ଓ ଜାଭେଲିନ୍ ଥ୍ରୋୟର ଶିବପାଲ୍ ସିଂ ସ୍ଥାନ ପାଇଛନ୍ତି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ରବିବାର ଏହା ପ୍ରକାଶ କରାଯାଇଛି। ପ୍ରଦର୍ଶନ ସମୀକ୍ଷା ପରେ ଟପ୍ ସ୍ପ୍ରିଣ୍ଟର ହିମା ଦାସ ଏବଂ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଜାଭେଲିନ୍ ଥ୍ରୋୟର ନିରଜ ଚୋପ୍ରା ଟପ୍ସରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ନଭେମ୍ବର ୨୬ରେ ମିଶନ ଅଲିମ୍ପିକ୍ସ ସେଲ୍‌ର ଏକ ବୈଠକ ପରେ ୭ଜଣ ଟ୍ରାକ୍ ଓ ଫିଲ୍ଡ ଆଥଲେଟ୍ ଆଥଲେଟଙ୍କୁ ଟପ୍ସ ଡେଭଲପମେଣ୍ଟାଲ ଗ୍ରୁପ୍‌ରେ ସ୍ଥାନ ମିଳିଛି। ଆସନ୍ତାବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ ସମ୍ଭାବନା ରଖିଥିବା ଏବଂ ପ୍ରଦର୍ଶନରେ ଅଗ୍ରଗତିକୁ ଭିତ୍ତିକରି ଟପ୍ସ କୋର୍ ଗ୍ରୁପ୍‌ରେ ଆଥଲେଟମାନଙ୍କୁ ସାମିଲ କରାଯାଇଛି। ଶିବପାଲ ସିଂ, ଇର୍ଫାନ ଓ ଦୂତୀଙ୍କୁ ଛାଡ଼ି ଅନ୍ୟ ଯେଉଁମାନଙ୍କୁ ଟପ୍ସ କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଛି ସେମାନେ ହେଲେ ଅନୁ ରାନୀ (ମହିଳା ଜାଭେଲିନ୍ ଥ୍ରୋ), ଆରୋକିଆ ରାଜୀବ (ପୁରୁଷ ୪୦୦ ମିଟର ଓ ୪x୪୦୦ମିଟର ରିଲେ), ଆଲେକ୍ସ ଆନ୍ଥୋନୀ (ପୁରୁଷ ୪୦୦ମିଟର ଓ ୪x୪୦୦ ମିଟର ପୁରୁଷ ରିଲେ), ଏମ୍.ଆର. ପୁଭାମା (ମହିଳା ୪୦୦ମିଟର ଓ ୪x୪୦୦ମିଟର ରିଲେ)। ଭାରତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ମିକ୍ସଡ ୪x୪୦୦ ମିଟର ରିଲେରେ ଏକ ଅଲିମ୍ପିକ କୋଟା ହାସଲ କରିଛି। ପ୍ରଦର୍ଶନ ସମୀକ୍ଷା ପରେ ଚୋପ୍ରା ଓ ହିମାଙ୍କ ସମେତ ଶଟ୍ ପୁଟର ତାଜିନ୍ଦର ପାଲ୍ ସିଂ ତୁର୍ ଟପ୍ସ କୋର୍ ଗ୍ରୁପ୍‌ରେ ତାଙ୍କ ସ୍ଥାନ ବଜାୟ ରଖିପାରିଛନ୍ତି। ଟ୍ରିପଲ ଜମ୍ପର ଅର୍ପିନ୍ଦର ସିଂ ସ୍କିମ୍‌ରୁ ବାଦ୍ ପଡ଼ିଛନ୍ତି। ଟପ୍ସ ଡେଭଲପମେଣ୍ଟାଲ ଗ୍ରୁପ୍‌ରେ ଯେଉଁ ୭ଜଣ ସ୍ଥାନ ପାଇଛନ୍ତି ସେମାନଙ୍କ ମଧ୍ୟରେ ହାଇଜମ୍ପ ଜାତୀୟ ରେକର୍ଡଧାରୀ ତେଜସ୍ୱିନ ଶଙ୍କର ଅନ୍ୟତମ। ଅନ୍ୟମାନେ ହେଲେ ହର୍ଷ କୁମାର (ପୁରୁଷ ୪୦୦ମିଟର ଓ ୪x୪୦୦ ମିଟର ରିଲେ), ବୀରାମଣି ରେବତୀ (ମହିଳା ୪୦୦ମିଟର ଓ ୪x୪୦୦ ମିଟର ରିଲେ), ଆର. ବିଥ୍ୟା (ମହିଳା ୪୦୦ ମିଟର ଓ ୪x-୪୦୦ ମିଟର ରିଲେ), ଶୈଳୀ ସିଂ (ମହିଳା ଲଙ୍ଗ୍ ଜମ୍ପ୍), ସାନ୍ଦ୍ରା ବାବୁ (ମହିଳା ଟ୍ରିପଲ ଜମ୍ପ) ଓ ହର୍ଷିତା ଶେରାୱତ (ମହିଳା ହାମର ଥ୍ରୋ)। ଚଳିତବର୍ଷ ପ୍ରଥମଭାଗରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚୋପ୍ରା ଓ ଶିବପାଲ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଗତବର୍ଷ ଜାପାନରେ ଅନୁଷ୍ଠିତ ଏସିଆନ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ୨୦ କି.ମି. ରେସ ୱାକର ଇର୍ଫାନ ଯୋଗ୍ୟତା ହାସଲ କରିଥିଲେ।


ଦୂତୀ ଚାନ୍ଦ


## ସୌମ୍ୟଙ୍କୁ ୫୯ତମ ଟାଇଟଲ

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବାଙ୍କି ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ମା' ଚର୍ଚ୍ଚିକା ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇ ଯାଇଛି। କରୋନା କଟକଣା ଜନିତ ଦୀର୍ଘ ୯ ମାସର ବ୍ରେକ୍ ପରେ ଏହାଥିଲା ରାଜ୍ୟର ପ୍ରଥମ ଫେସ୍ ଟୁ ଫେସ୍ ଚେସ୍ ଟୁର୍ନାମେଣ୍ଟ। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଫିଡେ ମାଷ୍ଟର ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ଚେସ୍‌ରେ ସୌମ୍ୟଙ୍କ କ୍ୟାରିୟରର ଏହା ୫୯ତମ ଟାଇଟଲ। କଟକର ସେକ୍ ରାଜା ଓ ଜଟଣୀର ଅବିନାଶ ବଳିୟାର ସିଂ ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ପ୍ରଥମ ୧୩ ସ୍ଥାନରେ ରହିଥିବା ପ୍ରତିଯୋଗୀମାନେ ହେଲେ ଜିତେନ୍ଦ୍ର କୁମାର ଦାସ, ଚନ୍ଦନ କୁମାର ପ୍ରଧାନ, ସ୍ମୃତି ରଞ୍ଜନ ମହାନ୍ତି, ସିଦ୍ଧାର୍ଥ ରୟ, ଦୀପ୍ତିରଞ୍ଜନ ନାୟକ, ପ୍ରକାଶ ସାହୁ, ଭୀମସେନ ପ୍ରଧାନ, ସୁଦର୍ଶନ ବେହେରା, ସୂରଜ କୁମାର ମହାରଣା ଓ ଗଣେଶ ଚନ୍ଦ୍ର ପରିଡ଼ା। ବାଙ୍କିସ୍ଥିତ ଚର୍ଚ୍ଚିକା ୟୁଜିଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷକ ମାନସ ନନ୍ଦ, ବାଙ୍କି ଚେସ୍ ଆସୋସିଏଶନ ସମ୍ପାଦକ ଚନ୍ଦନ କୁମାର ପ୍ରଧାନ, ସଭାପତି ଜ୍ଞାନରଞ୍ଜନ ପରିଡ଼ା ଓ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ରାଜ୍ୟ ଓପନ ଚେସ୍**


ସୌମ୍ୟରଞ୍ଜନ ମିଶ୍ର



**ମୁମ୍ବାଇ:** ଟିଭି ଅଭିନେତା ଶାହିର ଶେଖ୍ ଏବଂ କ୍ରିଏଟିଭ୍ ପ୍ରଡ୍ୟୁସର ତଥା ବାଲାଜୀ ଟେଲିଫିଲ୍ମସ୍ ପ୍ରଡକ୍ସନ ହାଉସ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୁଚିକା କପୁର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୁଇବର୍ଷର ଡେଟିଂ ପରେ ଶୁକ୍ରବାର ସେମାନଙ୍କର କୋର୍ଟ ମ୍ୟାରେଜ୍ ହୋଇଛି। ରୁଚିକା ଉକ୍ତ ବିବାହ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଶାହିର ବିଭିନ୍ନ ଲୋକପ୍ରିୟ ଶୋ'ରେ କାର୍ଯ୍ୟ କରିବା ସହ 'ମହାଭାରତ'ର ୨୦୧୩ ସଂସ୍କରଣରେ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲେ।



# ଗହଣା ହେଲାଣି ମାସ୍କ

**ନୂଆଦିଲ୍ଲୀ:** ଏଣିକି ମାସ୍କ ପିନ୍ଧିବେ ଗହଣା ଭଳି। ଏବେ ଏମିତି ଫ୍ୟାଶନ୍ ଆରମ୍ଭ ହେଲାଣି। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଅନେକ ଦିନ ହେଲାଣି ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ପଡୁଛି। ତେଣୁ ମାସ୍କକୁ ଗହଣାର ରୂପ ଦେଇ ଲୋକଙ୍କୁ ଆକୃଷ୍ଟ କରି ପାରୁଛନ୍ତି ତୁର୍କୀର ଜଣେ ଡିଜାଇନର ସାବରି ଡେମିରସି। ସୁନା ରୁପାରେ ମାସ୍କ ତିଆରି କରି ସେ ତାଙ୍କ ଦୋକାନରେ ବିକ୍ରି ଆରମ୍ଭ କରିଛନ୍ତି। ତୁର୍କୀର ଗହଣା ଡିଜାଇନର ସାବରି ଡେମିରସି ୩୨ ବର୍ଷ ହେଲା ସୁନା ରୁପାର ବିଭିନ୍ନ ଗହଣା ତିଆରି କରି ବିକ୍ରି କରୁଥିଲେ। ଏବେ କରୋନା ପାଇଁ ସମସ୍ତଙ୍କ ଲାଗି ମାସ୍କ ପିନ୍ଧିବାର ଗୁରୁତ୍ୱକୁ ଦେଖିବା ପରେ ସେ ମାସ୍କକୁ ଗହଣାର ରୂପ ଦେବା ପାଇଁ ଚେଷ୍ଟା କରିଛନ୍ତି। ତାଙ୍କ ମତରେ ସବୁବେଳେ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ ତେଣୁ ଏହାକୁ ଏକ ସୁନ୍ଦର ଡିଜାଇନରେ ଗହଣା ଭଳି ପିନ୍ଧିବାରେ ଅଧିକ ଫାଇଦା ରହିଛି। ସେଥିପାଇଁ ମାସ୍କକୁ ଫ୍ୟାଶନ୍ ଡିଜାଇନର ରୂପ ଦେଇ ସେ ସୁନା ଓ ରୁପାରେ ଅଳଙ୍କାର ତିଆରି କରୁଛନ୍ତି। ଆଉ ଗହଣା ଭଳି ମାସ୍କକୁ ସବୁ ସମୟରେ ପିନ୍ଧିହେବ ଏବଂ ତାହା କରୋନାରୁ ରକ୍ଷା ବି କରିପାରିବ। କରୋନା ପାଇଁ ଡେମିରସି ଅନେକ ଦିନ ହେବ ତାଙ୍କ ଗହଣା ଦୋକାନ ବନ୍ଦ ରଖିଥିଲେ, କିନ୍ତୁ ସୁନା, ରୁପାରେ ମାସ୍କ ତିଆରି କାମ କରୁଥିଲେ। ଏବେ ଦୋକାନ ଖୋଲିବା ପରେ ସେସବୁକୁ ବିକ୍ରି କରୁଛନ୍ତି। ତାଙ୍କ ମତରେ ସୁନା, ରୁପାର ମାସ୍କଗୁଡ଼ିକ ଜୀବାଣୁରୋଧୀ ହୋଇଥିବାରୁ ଏହାକୁ ସବୁ ସମୟରେ ପିନ୍ଧିବା ସୁରକ୍ଷିତ ହୋଇପାରିବ। ତେବେ ଏହି ମାସ୍କରେ ସେ ସୁନ୍ଦର ସୁନ୍ଦର ଡିଜାଇନ୍ କରି ବିକ୍ରି କରୁଥିବାରୁ ଲୋକଙ୍କ ମଧ୍ୟରେ ଏସବୁ ନେବା ପାଇଁ ଅଧିକ ଆଗ୍ରହ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି।

୮ମ ଜନ୍ମବାର୍ଷିକ ଉପଲକ୍ଷେ
(ଗୁନୁ)
ଅନନ୍ୟା ପାତ୍ର
ମଷ୍ଟୁ, ଆଳି, କେନ୍ଦ୍ରାପଡ଼ା
ଜନ୍ମଦିନରେ ବାବା ଗୋବିନ୍ଦ ଗୋସ୍ୱାମୀ ତୋ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା' ମାନେ, ବାବା, ମାମା, ହାପି କକା, ପିପି କକା, ଅଜା, ଆଈ, ଭାଇ: ସୋନୁ, ରିଶି, ବାପୁ ଓ ପରିବାରବର୍ଗ।
ଧ-୧୯୦୯୭



8TH BIRTHDAY WISH
(DUGU)
Aryan Priyadarshan Pattanaik
Bankual, Bhubaneswar
Many many happy returns of the day. Happy Birthday "DUGU". God bless you... Jay Jagannath.
-:Best Wishes:-
Jeje Maa, Aja, Aai, Baba, Mama, Dada, Mini apa, Aju pesa, Mami apa, Tutu pesa, Manu apa, Naba pesa, Ranu apa, Tilu pesa, Lipu Bhai, Nabya, Lina.
D-19066



# ଆତଙ୍କବାଦୀଙ୍କ କାରାଗାର 'ଗ୍ୱାଣ୍ଟାନାମୋ ବେ'

**ସରିଛି ଆମେରିକା ନିର୍ବାଚନ। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମ୍ମୁଖରେ ଏବେ ଅନେକ ଆହ୍ୱାନ। କରୋନାଠୁ ଆତଙ୍କବାଦ। ବିଶ୍ୱ ଅର୍ଥନୀତିରୁ ବିଶ୍ୱତାପନ। ଏସବୁ ଚର୍ଚ୍ଚିତ ପ୍ରସଙ୍ଗ ଭିତରେ ଆଉ ଏକ ଖିଅ ଲମ୍ବିଛି କୁଖ୍ୟାତ ଅପରାଧୀ ରହୁଥିବା 'ଗ୍ୱାଣ୍ଟାନାମୋ ବେ' ଜେଲ ଆଡ଼କୁ। ଆତଙ୍କବାଦୀଙ୍କ କାରାଗାର ଭାବେ ପରିଚିତ ଏହି ଜେଲର ସୁରକ୍ଷା ଲାଗି ପ୍ରତିବର୍ଷ ଖର୍ଚ୍ଚ ହେଉଛି ବହୁ କୋଟି ଟଙ୍କା। ତେଣୁ ଏହାକୁ ଡେମୋକ୍ରାଟିକ୍ ଦଳ ମୁଖିଆ ବନ୍ଦ କରିଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।**



**ହାଭାନା:** ଜାନୁୟାରୀରେ ବିଧିବଦ୍ଧ ଭାବେ ଆମେରିକା ଶାସନଗାଦି ସମ୍ଭାଳିବେ ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ। ଏହାପରେ ଆମେରିକାର ନୀତିନିର୍ଦ୍ଧାରଣ ମଧ୍ୟ ନୂଆ ରୂପରେ ହେବ। ବାଇଡେନ ଦାୟିତ୍ୱ ଗ୍ରହଣ କରିବାକୁ ଦିନ କେଇଟା ବାକିଥିବାବେଳେ ଏବେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି କ୍ୟୁବାର 'ଗ୍ୱାଣ୍ଟାନାମୋ ବେ' ଜେଲ। ଆତଙ୍କବାଦ ବିରୋଧୀ ଅଭିଯାନ ସମୟରେ ମୋଷ୍ଟୱାଣ୍ଟେଡ୍ ଆତଙ୍କୀଙ୍କ ଠିକଣା ପାଲଟିଥିଲା ଏହି କାରାଗାର। ଏବେ ଏଠାରେ କେବଳ ୪୦ ଜଣ କଏଦୀ ଅଛନ୍ତି। ସେମାନଙ୍କ ସୁରକ୍ଷା ଲାଗି ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେଉଛି, ଯାହାର ବୋଝ ବୋହୁଛି ଆମେରିକା। କରୋନା ପ୍ରଭାବରେ ଦେଶର ଅର୍ଥନୀତି ଦୋହଲି ଯାଇଥିବାବେଳେ ବାଇଡେନ ସରକାରଙ୍କ ନୂତନ ନୀତି ଆଣିବେ। ତେଣୁ ଖର୍ଚ୍ଚ ଅପଚୟ ବଞ୍ଚାଇବାକୁ ଜେଲ୍‌ରେ ତାଲା ଝୁଲିବା ସମ୍ଭାବନା ବେଶି ବୋଲି ଏବେ ଆଲୋଚନା ହେଉଛି।

ବାରାକ୍ ଓବାମା ରାଷ୍ଟ୍ରପତି ପଦବୀରେ ଥିବା ସମୟରେ ଏହି ଜେଲ୍‌କୁ ବନ୍ଦ କରିବା ପ୍ରସଙ୍ଗ ଉଠାଇଥିଲେ। ଏଠାକାର କଏଦୀଙ୍କୁ ଅନ୍ୟ କୌଣସି ସୁରକ୍ଷିତ କାରାଗାରକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ଏପରି କି ଏହାକୁ ନେଇ ବିରୋଧ ହେଲେ ଭିଟୋ ପାୱାର ପ୍ରୟୋଗ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ହେଲେ ସେତେବେଳର ପାରିପାର୍ଶ୍ୱିକ ଅବସ୍ଥା ଏହା ହେବାକୁ ଦେଇ ନ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଜର୍ମାନ କଏଦୀ ରୁଡୋଲ୍‌ଫ ହେସ୍‌ଙ୍କୁ ଏଠାରେ ରଖାଯାଇଥିଲା। ତାଙ୍କ ପାଇଁ ୧.୫ ମିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ହୋଇଥିଲା। କେତେଜଣ କୁଖ୍ୟାତ ଅପରାଧୀଙ୍କୁ ରଖିବା ଲାଗି କଲୋରାଡୋରେ ୭୮,୦୦୦ ଡଲାର ଖର୍ଚ୍ଚରେ ବ୍ୟବସ୍ଥା କରାଯାଇଥିଲା। ହେଲେ 'ଗ୍ୱାଣ୍ଟାନାମା ବେ' ତୁଳନାରେ ଏହା କିଛି ନୁହେଁ। କାରଣ ଏଠାରେ ରହୁଥିବା ମୋଷ୍ଟୱାଣ୍ଟେଡ୍ କଏଦୀଙ୍କ ଦେଖାରଖା, ଖାଦ୍ୟପେୟ ଏବଂ ସୁରକ୍ଷାରେ ବାର୍ଷିକ ୫୪୦ ମିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ହୋଇଥାଏ।

ତେବେ ବଡ଼ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନେ ରହୁଥିବାରୁ ଏବଂ ବିଶ୍ୱ ସୁରକ୍ଷା ପ୍ରସଙ୍ଗ ନିହିତ ଥିବାରୁ ଖର୍ଚ୍ଚାନ୍ତ ସତ୍ତ୍ୱେ ୨୦୧୮ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଚାଲୁ ରଖିବା ଲାଗି ନିଷ୍ପତ୍ତି ନେଇ ଏକ ଅର୍ଡର ପାସ୍ କରିଥିଲେ। ଅନ୍ୟପଟେ ଆମେରିକାର ବିପୁଳ ଅର୍ଥକୁ ଏଭଳି କଏଦୀଙ୍କ ଲାଗି ଖର୍ଚ୍ଚ କରାଯାଉଥିବାରୁ ଏହାକୁ ନେଇ ଅନେକେ ସମାଲୋଚନା କରିବାକୁ ପଛାଇ ନାହାନ୍ତି। କଏଦୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଦାବି ମଧ୍ୟ ହେଉଛି।

## କଏଦୀ ପିଛା ୪୫ ସୁରକ୍ଷାକର୍ମୀ

'ଗ୍ୱାଣ୍ଟାନାମା' ସମୁଦ୍ର ଉପକୂଳରେ ଅବସ୍ଥିତ 'ଗ୍ୱାଣ୍ଟାନାମୋ ବେ' ଜେଲରେ ଏବେ ୪୦ କଏଦୀ ରହୁଛନ୍ତି। ସେମାନଙ୍କ ସୁରକ୍ଷାରେ ୧୮୦୦ ପ୍ରଶିକ୍ଷିତ ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି। ଆକଳନ କଲେ ଜଣେ ଏକଦୀଙ୍କ ପିଛା ୪୫ ଜଣ। ଏହାକୁ ବାଦ୍‌ଦେଲେ ସଫେଇ, ରୋଷେଇ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ପୃଥକ୍ କର୍ମଚାରୀ ରହିଛନ୍ତି। ୩ ମହଲା ବିଶିଷ୍ଟ ଏହି ଜେଲରେ ୨ଗୋଇନ୍ଦା ହେଡ୍‌କ୍ୱାର୍ଟର, ୩ କ୍ଲିନିକ୍ ରହିଛି। ଏହାର ପରିସରରେ କୋର୍ଟ, ପାରୋଲ ବୋର୍ଡ ହିଏରିଂ ରୁମ୍ ଅଛି। ଏଥିସହ ଦୁଇ ପାଚେରି ଅଲଗାରେ ନିର୍ମିତ, ଯେଉଁଠି କଏଦୀ ନିଜ ଓକିଲଙ୍କୁ ଭେଟିପାରିବେ। ଜେଲର କର୍ମଚାରୀ ଏବଂ କଏଦୀଙ୍କ ଲାଗି ପଞ୍ଚତାରକା ହୋଟେଲ ଭଳି ସୁବିଧା ରହିଛି। ଚର୍ଚ୍ଚ, ଜିମ୍, ସିନେମା ହଲ୍ ବ୍ୟବସ୍ଥା କରାଯାଇଛି। ନିୟମିତ ଏକଦୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। କେବଳ ଏତିକି ନୁହେଁ, ଅନ୍ତେବାସୀ ଚାହିଁଲେ କୁକୁର, ବିଲେଇ ଭଳି ପୋଷା ଜନ୍ତୁ ମଧ୍ୟ ରଖିପାରିବେ।

# ରଶ୍ମୀଙ୍କ ବିକିନି ଫଟୋ ଭାଇରାଲ




**ନୂଆଦିଲ୍ଲୀ:** ବିଗ୍‌ବସ୍-୧୩ର ଫାଇନାଲ ପ୍ରତିଯୋଗୀ ଥିଲେ ରଶ୍ମୀ ଦିଶାଇ। ରଶ୍ମୀ ଟେଲି ଜଗତରେ ବେଶ୍ ଜଣାଶୁଣା। ନିଜର ଅଭିନୟ ସହିତ ସୋସିଆଲ ମିଡିଆରେ ମଧ୍ୟ ଭାରି ଆକ୍ଟିଭ୍। ଇନ୍‌ଷ୍ଟାରେ ନିଜର ଭିନ୍ନ ଭିନ୍ନ ପୋଜ୍‌ର ଫଟୋ ଶେୟାର କରି ଲୋକଙ୍କୁ ଦିୱାନା କରିଦେଇଛନ୍ତି। ନିକଟରେ ରଶ୍ମୀ ନିଜର କିଛି ବୋଲ୍ଡ ଅନ୍ଦାଜ୍‌ର ଫଟୋ ଶେୟାର କରିଛନ୍ତି। ଏହାକୁ ଦେଖି ଟେଲିଭିଜନ କଳାକାରମାନେ ମଧ୍ୟ କମେଣ୍ଟ ନ ଦେଇ ରହିପାରିନାହାନ୍ତି। ଏହି ନୂଆ ଫଟୋଶୁଟ୍‌ରେ ରଶ୍ମୀ ପିଙ୍କ୍ କଲର୍ ଏକ ବିକିନି ପିନ୍ଧିଥିବା ନଜର୍ ଆସିଛନ୍ତି। ଏହା ଉପରେ ଏକ ଧଳା ରଙ୍ଗର ଜାଲି ଟପ୍ ପିନ୍ଧିଛନ୍ତି। ତାଙ୍କର ଏହି 'ୱାଟର ବେବି' ବାଲା ପୋଜ୍‌କୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିଛନ୍ତି। ଫଟୋ ଗୁଡ଼ିକ ପୋଷ୍ଟ ହେଉ ହେଉ ଇନ୍‌ଷ୍ଟାରେ ଢେର ସାରା ଲାଇକ୍ ମିଳିସାରିଛି। ରଶ୍ମୀଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ୩.୮ମିଲିୟନରୁ ଅଧିକ ଫଲୋର୍ସ ଅଛନ୍ତି। ରଶ୍ମୀ ଟେଲି ସିରିୟଲ 'ତପସ୍ୟା'ରୁ ଘରେ ଘରେ ଚର୍ଚ୍ଚିତ। ଦମ୍‌ଦାର ଅଭିନୟ ସହ ଡ୍ୟାନ୍ସିଂ ଡିଭା ପାଇଁ ଫ୍ୟାନ୍‌ମାନେ ତାଙ୍କୁ ବହୁତ ଭଲ ପାଇବା ଦେଇଛନ୍ତି। ସେ ଟେଲି ଜଗତରେ ଜଣେ ହାଇଏଷ୍ଟ-ପେଡ୍ କଳାକାର। ୨୦୦୨ରୁ କ୍ୟାରିୟର ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ପଛକୁ ଚାହିଁ ନାହାନ୍ତି। ଫ୍ୟାନ୍‌ମାନେ ତାଙ୍କୁ ନୂଆ ସୋ'ରେ ଦେଖିବାକୁ ଅପେକ୍ଷା କରିଛନ୍ତି। ତେବେ ଦେଖାଯାଉ ରଶ୍ମୀଙ୍କ ସିରିୟଲ କେବେ ଆସୁଛି।

# ସ୍ତ୍ରୀଙ୍କୁ ଭରଣପୋଷଣ ମାଗିଲେ ସ୍ୱାମୀ

**ନୂଆଦିଲ୍ଲୀ:** ଛାଡ଼ପତ୍ର ମାମଲାରେ ସ୍ତ୍ରୀଙ୍କ ପକ୍ଷରୁ ସ୍ୱାମୀଙ୍କ ଉପରେ ଭରଣପୋଷଣ ଦାବି କରାଯାଇଥାଏ। ତେବେ ଦିଲ୍ଲୀର ଏକ କୋର୍ଟରେ ଜଣେ ସ୍ୱାମୀ ନିଜର ଆର୍ଥିକ ସ୍ଥିତି ଖରାପ ଥିବା ଦର୍ଶାଇ ସ୍ତ୍ରୀଙ୍କଠାରୁ ମାସିକ ୨୫ ହଜାର ଟଙ୍କା ଭରଣପୋଷଣ ଦାବି କରିଛନ୍ତି। ସ୍ୱାମୀଙ୍କ ବିରୋଧରେ ଭିନ୍ନ ଭିନ୍ନ ମିଥ୍ୟା ଅଭିଯୋଗ ଆଣି ସ୍ତ୍ରୀ ଛାଡ଼ପତ୍ର ମାମଲା ଦାଏର କରିଥିବା ସେ କହିଛନ୍ତି। ମାମଲାରେ ତାଙ୍କର ବହୁ ଟଙ୍କା ଖର୍ଚ୍ଚ ହୋଇଛି। ଏମ୍‌ବିଏ ପାସ୍ ପରେ ଚାକିରି କରିଥିବା ସ୍ତ୍ରୀଙ୍କର ମାସିକ ଦରମା ୬୨ ହଜାର ଟଙ୍କା ବୋଲି ସ୍ୱାମୀ କହିଛନ୍ତି। ଏବେ ସ୍ୱାମୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଛନ୍ତି। ୨ ବର୍ଷ ଉଦ୍ୟମ କରି ମଧ୍ୟ ସେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନାହାନ୍ତି। ଏପରିସ୍ଥଳେ ସ୍ତ୍ରୀଙ୍କର ଛାଡ଼ପତ୍ର ମାମଲା ଯୋଗୁ ତାଙ୍କର ଆର୍ଥିକ ସ୍ଥିତି ଖରାପ ହୋଇଥିବାରୁ ସ୍ୱାମୀ ସ୍ତ୍ରୀଙ୍କଠାରୁ ଭରଣପୋଷଣ ଲାଗି କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ଶୁଣାଣି ଡିସେମ୍ବରରେ କରାଯିବ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି।



# ଶିବସେନାରେ ଯୋଗଦେବେ ଉର୍ମିଳା

**ମୁମ୍ବାଇ:** ଫିଲ୍ମ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ପୁଣି ରାଜନୀତିକୁ ଫେରିବେ। ସୋମବାର ସେ ଶିବସେନାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏବେ ସେ ଶିବସେନାରେ ଯୋଗଦେଇ ବିଧାନ ପରିଷଦ ସଦସ୍ୟ ହେବେ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସରକାର ବିଧାନ ପରିଷଦକୁ ରାଜ୍ୟପାଳଙ୍କ କୋଟାରୁ ମନୋନୀତ ହେଉଥିବା ୧୨ ଜଣ ସଦସ୍ୟଙ୍କ ମଧ୍ୟରେ ଉର୍ମିଳାଙ୍କ ନାମକୁ ସୁପାରିଶ୍ ପାଇଁ ପଠାଯାଇଥିଲା। ରାଜ୍ୟପାଳ ଭଗତ ସିଂ କୋଶିଆରୀଙ୍କ ମଞ୍ଜୁରୀ ମିଳିଲେ ଉର୍ମିଳା ବିଧାନ ପରିଷଦ ସଦସ୍ୟ ହେବେ। ଏହା ପୂର୍ବରୁ ସେ ଶିବସେନାରେ ଯୋଗଦେବେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଉର୍ମିଳା କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ସେ ଉତ୍ତର ମୁମ୍ବାଇରୁ ଲଢ଼ିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।



# ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା ନିଶା

**ନୈନିତାଲ:** ଅସଚେତନ ମନୁଷ୍ୟ ବିଭିନ୍ନ ଉପାୟରେ ପରିବେଶ ଏବଂ ଜଳ ନଷ୍ଟ କରିଚାଲିଛି। ଏଭଳି ସ୍ଥିତିରେ ପରିବେଶ ସୁରକ୍ଷା ଏବଂ ଭୂତଳ ଜଳ ସଂରକ୍ଷଣ କରିବା ପାଇଁ ଆଗକୁ ଆସିଛନ୍ତି ଉତ୍ତରାଖଣ୍ଡର ଜଣେ ଯୁବକ। ୨୦୧୩ ବନ୍ୟାରେ ଅନେକ ଗଛ ଉପୁଡ଼ିପଡ଼ିଥିଲା। ପରିବେଶ ଉପରେ ଏହାର ଗୁରୁତର ପ୍ରଭାବ ଆଶଙ୍କା କରିଥିଲେ ଉତ୍ତରାଖଣ୍ଡ ନୈନିତାଲର ୨୬ ବର୍ଷୀୟ ଚନ୍ଦନ ନୟାଲ୍। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଓକ୍ ଗଛ ଲଗାଇବାକୁ ସେ ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟରେ ସେ ୧ଲକ୍ଷରୁ ଊର୍ଦ୍ଧ୍ୱ ଓକ୍ ଚାରାରୋପଣ କରିସାରିଛନ୍ତି। ଏହା ଏବେ ତାଙ୍କ ନିଶା ପାଲଟିଛି। ଚନ୍ଦନ ୧୫୦ ଯୁବକଙ୍କୁ ନେଇ ଏକ ଟିମ୍ କରିଛନ୍ତି। ଏହି ଟିମ୍ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାରାରୋପଣ କରୁଛନ୍ତି। କେବଳ ଏତିକି ନୁହେଁ, ଚନ୍ଦନ ଏବଂ ତାଙ୍କ ଟିମ୍ ଭୂତଳ ଜଳ ସଂରକ୍ଷଣ ପାଇଁ ପାରମ୍ପରିକ ଶୈଳୀରେ ଗର୍ତ୍ତ ଖୋଳି 'ଚାଲ୍ ଖାଲ୍' ନିର୍ମାଣ କରିଛନ୍ତି। ଏହି ଅଭିଯାନରେ ପ୍ରଥମେ ସେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ମଧ୍ୟ ସଫଳ ହୋଇଛନ୍ତି। ଅନେକ ଲୋକ ଚନ୍ଦନଙ୍କ ଏହି ପ୍ରୟାସକୁ ପାଗଳାମି କହି ହସିଥିବା ସେ କୁହନ୍ତି। ଆଗରୁ ବନବିଭାଗ ଚାରା ଯୋଗାଇବାରେ ସହଯୋଗ କରୁ ନ ଥିଲେ, ଏବେ ବିଭାଗ ମଧ୍ୟ ସାହାଯ୍ୟର ହାତ ବଢ଼ାଇଛି ବୋଲି ସେ କହିଛନ୍ତି।

## ଲକ୍ଷେ ଓକ୍ ଚାରା ରୋପିଲେଣି ଚନ୍ଦନ



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱ/ନାରଖାରୀ ଦାସ
ପୁରୀ
ତିରୋଧାନ : ୨୦.୧୧.୨୦୨୦
ମାମା ଲୋ,
ତୋର ଅନୁପସ୍ଥିତିର ପ୍ରତିଟି ମୁହୂର୍ତ୍ତ ଏବେ ମୁଁ ଅନୁଭବ କରୁଛି। ତୋର ପ୍ରତିଟି ସ୍ନେହ, ରାଗ, ରକ୍ଷା ଏବେ ମୋ ପାଇଁ ସ୍ମୃତି ହୋଇ ରହିଯିବ। ତୋର ସେହି ମୁଖ ମଣ୍ଡଳ ଆଜି ମୋ ପାଇଁ ଅପାସୋରା। ତୋର ଆତ୍ମା ସର୍ବଦା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମର୍ପିତ ଥିଲା, ତେଣୁ ପ୍ରଭୁ ଜଗନ୍ନାଥ ହିଁ ତୋ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। (ଇତି)
ତୋର ହତଭାଗ୍ୟ ପୁତ୍ର ପ୍ରହଲ୍ଲାଦ, ବୋହୂ ସ୍ୱପ୍ନା ଏବଂ ବନ୍ଧୁ ପରିବାର ବର୍ଗ।

ଏକାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଚିନ୍ମୟ ପଟ୍ଟନାୟକ (ଲିଙ୍କନ)
ସମେଇଗଡ଼ିଆ, ଭୁବନେଶ୍ୱର
ଆବିର୍ଭାବ: ୦୭।୦୨।୧୯୮୪ (ବସନ୍ତ ପଞ୍ଚମୀ)
ତିରୋଧାନ: ୦୨।୧୧।୨୦୦୯ (କାର୍ତ୍ତିକ ପୂର୍ଣ୍ଣିମା)
ଆଜି ଏକାଦଶ (ତା. ୩୦।୧୧।୨୦୨୦) ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛି।
ହତଭାଗ୍ୟ ବାପା: ଜୟକୃଷ୍ଣ ପଟ୍ଟନାୟକ।
ଧ-୧୯୦୮୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱ/ପ୍ରଫେସର (ଡଃ)କସ୍ତୁରୀ ଦାସ
ଭାଗବତଗିଡ଼ା, କଟକ
ଆବିର୍ଭାବ : ୦୪.୦୬.୧୯୪୩ / ତିରୋଧାନ : ୧୩.୧୧.୨୦୧୯
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୩୦.୧୧.୨୦୨୦
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସ୍ମୃତି ହୋଇ ରହିବ। ଆଜିର ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲକ୍ଷ୍ମୀ ନାରାୟଣ ଦେବଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ-ବିମଳ କିଶୋର ମହାପାତ୍ର (ଫୁଲୁ), ପୁତ୍ର-ବାବୁଲ, ପାପୁଲ, ପୁତ୍ରବଧୂ-ଇଭା, ରଚିତା, ନାତୁଣୀ-ଡଲ, ମିତୁଲ, ନାତି-ଭିଆନ୍ ଓ ବନ୍ଧୁବର୍ଗ।
ସହଯୋଗୀ ଓ କର୍ମଚାରୀ ବୃନ୍ଦ
ଇଉନିକ ବିଲ୍ଡର୍ସ ଲିମିଟେଡ୍,
ଡ୍ରିମଲାଇଟ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ
କ୍ୱାଲିଟି ପେପର ମିଲସ ପ୍ରାଇଭେଟ ଲିମିଟେଡ
ଓ ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟବୃନ୍ଦ
ଧ-୧୯୦୯୪

ଏକାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ୍
ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୨।୧୧।୧୯୪୮
ତିରୋଧାନ: ୦୨।୧୧।୨୦୦୯
ଆଜି ଆପଣଙ୍କର ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୮୯୬୩

MISS YOU KUNU

DOB : 04/06/2013
DOD : 14/11/2016
A day spent away from you is as good as a day not worth being alive ...
We miss you KUNU
Felu & Family
Nikirai , Kendrapara
Odisha
D-19095

୪ର୍ଥ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬
ଆଜିକୁ ଚାରିବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହ ପ୍ରବଣତା ଆମ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୧୯୦୪୬

# ବଂଶାନୁକ୍ରମିକ ରୋଗକୁ ଦୂର କରିବ ଇଞ୍ଜେକସନ୍



ସାଧାରଣତଃ ମା-ବାପାଙ୍କ ରଙ୍ଗ ଏବଂ ଗୁଣ ସହ ସେମାନେ ସମ୍ମୁଖୀନ ହୋଇଥିବା କେତେକ ରୋଗ ଜିନ୍ ମାଧ୍ୟମରେ ଶିଶୁର ଶରୀର ଭିତରକୁ ଯାଇଥାଏ। ସମୟକ୍ରମେ ବୟସ ବୃଦ୍ଧି ସହ ଏହି ରୋଗ ନିଜର କାୟା ବିସ୍ତାର କରେ। ଏପରି ବଂଶାନୁକ୍ରମିକ ରୋଗର ପ୍ରଭାବକୁ ରୋକିବାର ଏକ ଉପାୟ ଖୋଜିପାଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଦୀର୍ଘ ତିନି ବର୍ଷ ଧରି ସେମାନେ ଏପରି ଗବେଷଣାରେ ନିଜକୁ ନିୟୋଜିତ ରଖିଥିଲେ। ଶେଷରେ ଏ କ୍ଷେତ୍ରରେ ସେମାନେ ସଫଳତା ହାସଲ କରି ଏକ ନୂଆ ଇଞ୍ଜେକସନ ପ୍ରସ୍ତୁତ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ନୂଆ ଇଞ୍ଜେକସନ ବଂଶାନୁକ୍ରମିକ ରୋଗକୁ ଶିଶୁ ଶରୀର ମଧ୍ୟକୁ ଯିବାକୁ ଅନେକାଂଶରେ ରୋକିଥାଏ।' ଏପରି ଇଞ୍ଜେକସନକୁ ପରୀକ୍ଷାମୂଳକ ଭାବରେ ମୂଷାମାନଙ୍କୁ ଦିଆଯାଇଥିଲା ଏବଂ ଏପରି ଚେଷ୍ଟା ସଫଳ ହୋଇଛି ବୋଲି ମତ ଦେଇଛନ୍ତି ଏହି ଗବେଷଣାର ମୁଖ୍ୟ ଡା. ଏଲିନ୍ ଓକସନ।

# ବାୟୋ କୃତ୍ରିମ ଲିଭର



ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଉଦ୍ଭାବନ ଚିକିତ୍ସା ପ୍ରଣାଳୀକୁ ସହଜ କରିବାରେ ଲାଗିଛି। କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ କ୍ଷେତ୍ରରେ ନିକଟରେ ଆଉ ଏକ ସଫଳତା ହାସଲ କରିଛନ୍ତି ସାଙ୍ଘାଇ ଇନଷ୍ଟିଚ୍ୟୁଟ୍ ଅଫ ବାୟୋକେମେଷ୍ଟ୍ରିର ଗବେଷକମାନେ। ସେମାନେ ଏପରି ଏକ ବାୟୋ କୃତ୍ରିମ ଲିଭର (ଯକୃତ) ପ୍ରସ୍ତୁତ କରିଛନ୍ତି ଏବଂ ତାହାର ସଫଳତାକୁ ନେଇ ମଧ୍ୟ ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଖାସ୍ କଥା ହେଲା ଲିଭରଜନିତ ରୋଗରେ ପୀଡିତ ବ୍ୟକ୍ତିର ଚିକିତ୍ସା ସମୟରେ ଏହା ରୋଗୀକୁ ଅଧିକ ସମୟ ବଞ୍ଚାଇ ରଖିବାରେ ସାହାଯ୍ୟ କରିବ। କେବଳ ସେତିକି ନୁହେଁ ଲିଭର ପ୍ରତିରୋପଣ ପାଇଁ ଡୋନର୍ ଖୋଜିବାରେ ଏହା ମଧ୍ୟ ସହାୟକ ହେବ। କାରଣ ଏହି ନୂଆ ଲିଭର ଏକ ସୁସ୍ଥ ଲିଭର ପରି କିଛି ସମୟ କାମ କରିବ। ସେହି ସମୟ ଭିତରେ ସୁସ୍ଥ ମଣିଷଠାରୁ ସଂଗ୍ରହ କରାଯାଇଥିବା ଲିଭରକୁ ସହଜରେ ଉକ୍ତ ରୋଗୀଠାରେ ପ୍ରତିରୋପଣ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭବିଷ୍ୟତରେ ଲିଭରଜନିତ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଉକ୍ତ ସଂସ୍ଥାର ଗବେଷକଙ୍କ ଦ୍ୱାରା ଆଶା ପ୍ରକଟ କରାଯାଇଛି।

# ଉପକାରୀ ଉଷୁମ ପାଣି




ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ଦରକାର। କାଶଜନିତ ସମସ୍ୟାକୁ ଅନେକାଂଶରେ ଉଷୁମ ପାଣି ଦୂର କରିଥାଏ। ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। କୋଲେଷ୍ଟରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ। ଉଷୁମ ପାଣି ପିଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଉଷୁମ ପାଣି ପିଇବା ଦ୍ୱାରା ମେଦବହୁଳତାକୁ କେତେକାଂଶରେ ଦୂର ହୋଇଥାଏ।


# ଯେଜେରୋ କ୍ରେଟର



ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ

"ମଙ୍ଗଳ ଗ୍ରହର ଭୂପୃଷ୍ଠରେ ଲାଲ ରଙ୍ଗର ଲୌହ ଅକ୍ସାଇଡ ଧାତୁପିଣ୍ଡ ପ୍ରଚୁର ମାତ୍ରାରେ ମିଳୁଥିବାରୁ ଏହା ଖାଲି ଆଖିରେ ମଧ ଲାଲ ଦେଖାଯାଏ। ନାସା ତଥ୍ୟାନୁସାରେ ମଙ୍ଗଳ ଗ୍ରହ ସୂର୍ଯ୍ୟଙ୍କଠାରୁ ହାରାହାରି ୧୪୨ ନିୟୁତ ମାଇଲ୍ ଦୂରରେ ରହି ସେକେଣ୍ଡକୁ ପ୍ରାୟ ୧୪.୫ ମାଇଲ୍ ବେଗରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରୁଥାଏ। ଏହାର ହାରାହାରି ତାପମାତ୍ରା ପ୍ରାୟ ବିୟୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସ ହୋଇଥାଏ। ଏହାର ବାୟୁମଣ୍ଡଳରେ ୯୫ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ ଓ ଅଧା ପ୍ରତିଶତରୁ କମ୍ ମାତ୍ରାରେ ଅମ୍ଳଜାନ ଥିବାରୁ ଏହା ବହୁତ ପତଳା ହୋଇଥାଏ।"





ଅନନ୍ତ ଓ ରହସ୍ୟପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ। ଯେଉଁଠି ରହିଛନ୍ତି ଅଗଣିତ ଛାୟାପଥ, କୃଷ୍ଣ ଗହ୍ୱର, ଗ୍ରହ ଓ ନକ୍ଷତ୍ର। ସ୍ୱର୍ଗ ଗଙ୍ଗା ହେଉଛି ଏପରି ଏକ ଛାୟାପଥ, ଯାହା ଭିତରେ ରହିଛି ଆମର ମନୋହର ସୌରମଣ୍ଡଳ। ସୌରମଣ୍ଡଳରେ ଆଠଟି ଗ୍ରହ ସୂର୍ଯ୍ୟ ଚାରିପାଖରେ ଅନବରତ ସୁସମନ୍ୱୟ ରକ୍ଷା କରି ମାଧ୍ୟାକର୍ଷଣ ଶକ୍ତି ସାହାଯ୍ୟରେ ପ୍ରଦକ୍ଷିଣ କରୁଛନ୍ତି। ତନ୍ମଧ୍ୟରେ ସୂର୍ଯ୍ୟଙ୍କଠାରୁ ଚତୁର୍ଥ କ୍ରମରେ ଥିବା ଗ୍ରହ ହେଉଛନ୍ତି ମଙ୍ଗଳ। ଲୋହିତ ଗ୍ରହ ମାର୍ସ। ମଙ୍ଗଳ ଗ୍ରହ ସୌରମଣ୍ଡଳର ଦ୍ୱିତୀୟ କ୍ଷୁଦ୍ରତମ ଗ୍ରହ, ଯାହାର ନାମ ରୋମାନ ଯୁଦ୍ଧ ଦେବତା ମାର୍ସଙ୍କ ନାମାନୁସାରେ ରଖାଯାଇଛି। ରୋମାନ କିମ୍ବଦନ୍ତୀ ଅନୁସାରେ ମାର୍ସ ହେଉଛନ୍ତି ରୋମାନ ଦେବତାମାନଙ୍କର ଦେବତା, ଆକାଶ, ବଜ୍ରଧ୍ୱନି ଓ ବିଜୁଳିର ଦେବତା ଯୁପିଟରଙ୍କ ପୁତ୍ର। ତାଙ୍କ ମାତାଙ୍କ ନାମ ହେଉଛି ଯୁନୋ ଯିଏ କି ଦେବତାମାନଙ୍କର ଦେବୀ, ନାରୀମାନଙ୍କର ଓ ଉର୍ବରତାର ଦେବୀ। ମଙ୍ଗଳ ଗ୍ରହର ଭୂପୃଷ୍ଠରେ ଲାଲ ରଙ୍ଗର ଲୌହ ଅକ୍ସାଇଡ ଧାତୁପିଣ୍ଡ ପ୍ରଚୁର ମାତ୍ରାରେ ମିଳୁଥିବାରୁ ଏହା ଖାଲି ଆଖିରେ ମଧ ଲାଲ ଦେଖାଯାଏ। ନାସା ତଥ୍ୟାନୁସାରେ ମଙ୍ଗଳ ଗ୍ରହ ସୂର୍ଯ୍ୟଙ୍କଠାରୁ ହାରାହାରି ୧୪୨ ନିୟୁତ ମାଇଲ୍ ଦୂରରେ ରହି ସେକେଣ୍ଡକୁ ପ୍ରାୟ ୧୪.୫ ମାଇଲ୍ ବେଗରେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରୁଥାଏ। ଏହାର ହାରାହାରି ତାପମାତ୍ରା ପ୍ରାୟ ବିୟୁକ୍ତ ୬୦ ଡିଗ୍ରୀ ସେଲସିୟସ ହୋଇଥାଏ। ଏହାର ବାୟୁମଣ୍ଡଳରେ ୯୫ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ ଓ ଅଧା ପ୍ରତିଶତରୁ କମ୍ ମାତ୍ରାରେ ଅମ୍ଳଜାନ ଥିବାରୁ ଏହା ବହୁତ ପତଳା ହୋଇଥାଏ। ମଙ୍ଗଳ ଗ୍ରହର ଆୟତନ ପୃଥିବୀ ଆୟତନର ପ୍ରାୟ ୧୫ ପ୍ରତିଶତ ଓ ବସ୍ତୁତ୍ୱ ପୃଥିବୀ ବସ୍ତୁତ୍ୱର ପ୍ରାୟ ୧୦ ପ୍ରତିଶତ ହୋଇଥାଏ। ଲୋହିତଗ୍ରହରେ ରହିଛି ସୌରମଣ୍ଡଳର ବୃହତ୍ତମ ଅଲିମ୍ପସ ପାହାଡ଼, ଅନେକ କ୍ରେଟର, ଆଗ୍ନେୟଗିରି, ହଣ୍ଡା ଆକୃତିର କାଲଡେରା, ଉଚ୍ଚ ଢୁଡ଼ା ଓ ଓଲଟା ପ୍ରାକୃତିକ ବୈଶିଷ୍ଟ୍ୟ ଥିବା ଭୂଭାଗ। ମଙ୍ଗଳ ଗ୍ରହରେ ରହିଛି ପ୍ରହେଳିକାପୂର୍ଣ୍ଣ ଅବୋଧ ଯେଜେରୋ କ୍ରେଟର। କ୍ରେଟର ସାଧାରଣତଃ ଆଗ୍ନେୟଗିରି ପ୍ରସୂତ କିମ୍ବା ଉଲ୍କା ପିଣ୍ଡ କିମ୍ବା ଅନ୍ୟ କୌଣସି ବିସ୍ଫୋରଣ ଫଳରେ ସୃଷ୍ଟି ହୋଇଥିବା ଏକ ବିଶାଳ ଗହ୍ୱର ମୁଖ। ସ୍ଲୋଭାନିକ ଭାଷାରେ ଯେଜେରୋ ଅର୍ଥ ହେଉଛି ହ୍ରଦ। ବୋସନିଆ ଓ ହର୍ଜେଗୋଭିନା ଦେଶରେ ଯେଜେରୋ ନାମରେ ଛୋଟିଆ ଗାଁ ଅଛି, ଯେଉଁଠି ପ୍ରାୟ ୫୮୧ ଲୋକ ବାସ କରୁଛନ୍ତି। ଯେଜେରୋ କ୍ରେଟରର ଅସ୍ପଷ୍ଟ ରଚନା ପ୍ରକ୍ରିୟା ରସାୟନବିଜ୍ଞାନୀ, ଭୂତତ୍ତ୍ୱବିଜ୍ଞାନୀ ଓ ପାଣିପାଗ ବିଜ୍ଞାନୀଙ୍କୁ ବିମୋହନ କରିଆସୁଛି। ହେସପେରିଆନ ଯୁଗର ଆରମ୍ଭରେ ମଙ୍ଗଳ ପୃଷ୍ଠରେ ଆଗ୍ନେୟଗିରିରୁ ପ୍ରସୂତ ଲାଭା ଅନବରତ ବହୁଥିଲା। ପ୍ରାୟ ୩୫ ନିୟୁତ ବର୍ଷ ଆଗରୁ ନଦୀଗୁଡ଼ିକ ଉଚ୍ଚା ସ୍ଥାନରୁ ବହିଆସି ଏହି କ୍ରେଟର ରୂପି ହ୍ରଦକୁ ପାଣି ଓ କାଦୁଅ ଯୋଗାଉଥିଲେ ଓ ସେଠାରେ ପଙ୍ଖା ଆକୃତିର ତ୍ରିକୋଣଭୂମି ସର୍ଜନା କରିଥିଲା; ଯେଉଁଠି ତିଷ୍ଠି ରହିଥିଲେ ଅସଂଖ୍ୟ ସୂକ୍ଷ୍ମ ଅଣୁଜୀବକମାନେ। ମଙ୍ଗଳ ଗ୍ରହର ଅନୁସନ୍ଧାନ ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ପ୍ରେରିତ ମହାକାଶ ଯାନ ସ୍ପିରିଟ ରୋଭର ୪ ଜାନୁୟାରୀ ୨୦୦୪ ତାରିଖରେ ମଙ୍ଗଳ ପୃଷ୍ଠରେ ଅବତରଣ କରି ସ୍ପେକଟ୍ରୋଗ୍ରାଫିକ ଉପାୟରେ ଅନେକ ଆବିଷ୍କାରମାନ କରିଥିଲା। ତନ୍ମଧ୍ୟରୁ ଗୋଟିଏ ହେଲା ସାର୍ଟିସ ମେଜର ଆଗ୍ନେୟଗିରି କଂପ୍ଲେକ୍ସର କେନ୍ଦ୍ରରେ ମେରୋ ପାଟେରା ଓ ନିଲି ପାଟେରା ନାମରେ କାଲଡେରାମାନ ରହିଛି ଯେଉଁଠି ସିଲିକା ଓ ସାଲଟିକ ଶିଳାମାନ ଗଚ୍ଛିତ ହୋଇ ରହିଛି। ସେହିପରି ମାର୍ସ ପର୍ଯ୍ୟବେକ୍ଷଣ ଅର୍ବିଟରର ତଥ୍ୟାନୁସାରେ ଯେଜେରୋ କ୍ରେଟରର ଚିକିଟା କାଦୁଅ ମାଟିରେ ସ୍ମେକଟାଇଟ ଖଣିଜ ପଦାର୍ଥ ରହିଛି; ଯେଉଁଥିରେ ହାଇଡ୍ରସ ଆଲୁମିନିୟମ ଫାଇଲୋସିଲିକେଟ ଧାତୁପିଣ୍ଡ ଥିବାର ପ୍ରମାଣ ମିଳିଛି। ଯେଜେରୋ କ୍ରେଟର ଇସିଡ଼ିସ ଅବବାହିକା ପ୍ରାନ୍ତରେ ଓ ସାର୍ଟିସ ମେଜର ଚତୁଃଷ୍କୋଣୀୟ ଆୟାତକ୍ଷେତ୍ର ମଧ୍ୟରେ ୧୮.୩୮ ଡିଗ୍ରୀ ଉତ୍ତର ୭୭.୫୮ ଡିଗ୍ରୀ ପୂର୍ବରେ ଅବସ୍ଥିତ; ଯାହାର ବ୍ୟାସ ପ୍ରାୟ ୪୯ କିଲୋମିଟର ହେବ। ମଙ୍ଗଳ ପୃଷ୍ଠରେ ଠାବ ଓ ଅଙ୍କନ କରାଯାଇଥିବା ୩୦ ଚତୁର୍ଭୁଜ ବିଶିଷ୍ଟ ମାନଚିତ୍ର ମଧ୍ୟରୁ ଗୋଟିଏ ହେଉଛି ସାର୍ଟିସ ମେଜର ଚତୁର୍ଭୁଜ, ଯାହା ପୃଥିବୀକୁ ଛାଡ଼ି ଅନ୍ୟ କୌଣସି ବାହ୍ୟ ଗ୍ରହରେ ଅଙ୍କନ ହୋଇଥିବା ପ୍ରଥମ ଡକ୍ୟୁମେଣ୍ଟେଡ। ଲିଖିତ ପ୍ରମାଣପତ୍ର ଥିବା ଢାଲ ସଦୃଶ ଆଗ୍ନେୟଗିରିର ଅଞ୍ଚଳ। ଏହାର କେନ୍ଦ୍ରରେ ଉତ୍ତର ଦିଗରୁ ଦକ୍ଷିଣକୁ ଲମ୍ବିଥିବା ବିଶାଳ ଖାଲମାନ ରହିଛି। ଯେଜେରୋ କ୍ରେଟରକୁ ୨୦୦୭ ମସିହାରେ ନାସା ଦ୍ୱାରା ପ୍ରେରିତ ମାର୍ସ ପର୍ଯ୍ୟବେକ୍ଷଣ ଅର୍ବିଟର ଠାବ କରିଥିଲା। ମାର୍ସ ପର୍ଯ୍ୟବେକ୍ଷଣ ଅର୍ବିଟର ୧୨ ଅଗଷ୍ଟ ୨୦୦୫ ତାରିଖରେ ନିକ୍ଷେପ କରାଯାଇଥିଲା ଓ ଏହା ୧୦ ମାର୍ଚ୍ଚ ୨୦୦୬ ତାରିଖରେ ତାହାର କକ୍ଷ ପଥରେ ପହଞ୍ଚି ସ୍ପେକଟ୍ରୋଗ୍ରାଫିକ ଚିତ୍ର ଉତ୍ତୋଳନ କରି ନାସାକୁ ପଠାଇଥିଲା। ଗତ ୩୦ ଜୁଲାଇ ୨୦୨୦ ତାରିଖରେ ଆମେରିକାର ଫ୍ଲୋରିଡ଼ା ଠାରେ ଅବସ୍ଥିତ କେପ କାନାଭେରାଲ ବିମାନ ବାହିନୀ କେନ୍ଦ୍ରରୁ ଯେଉଁ ପର୍ସେଭେରାନ୍ସ ରୋବଟିକ ରୋଭର ନିକ୍ଷେପ କରାଯାଇଥିଲା ତାହା ୧୮ ଫେବୃୟାରୀ ୨୦୨୧ ତାରିଖରେ ଯେଜେରୋ କ୍ରେଟର ଅଞ୍ଚଳରେ ଭୂମିଷ୍ଠ ହୋଇ ନିଜ ସାଙ୍ଗରେ ନେଇଥିବା ଇଞ୍ଜେନୁଇଟି ହେଲିକପ୍ଟରକୁ ଅନୁସନ୍ଧାନ କାର୍ଯ୍ୟ ପାଇଁ ଆବଶ୍ୟକ ଜାଗା ଖୋଜିବା କାର୍ଯ୍ୟରେ ଲଗାଇବ। ରୋବଟିକ ରୋଭରରେ ଖଞ୍ଜାହୋଇଥିବା ସାତୋଟି ମୁଖ୍ୟ ବୈଜ୍ଞାନିକ ଯନ୍ତ୍ରପାତି, ଦୁଇ ମାଇକ୍ରୋଫୋନ, କେତେକ କ୍ୟାମେରା, ସେନସର, ଅଲଟିମିଟର ସାହାଯ୍ୟରେ ଯେଜେରୋ କ୍ରେଟର ଅଞ୍ଚଳର ମାଟିର ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷା କରିବ। ଯେଜେରୋ କ୍ରେଟର ଅଞ୍ଚଳର ଚାର୍ଜୀୟ ଚଟକା ମାଟି, ମେଟା କାଓଲିନ, ଫେଲଡ଼ସ୍ପାର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ଜୈବ ଭେଷଜ ଚିକିତ୍ସା, ଶରୀରରେ ଔଷଧ ଡେଲିଭରୀ, ତନ୍ତୁ ଯାନ୍ତ୍ରିକ ବିଜ୍ଞାନ, ଜୈବ ମୁଦ୍ରଣ, କାନ୍ଥେଣି ମସଲା ଆକାରରେ ପ୍ରୟୋଗ କରି ଯାନ୍ତ୍ରିକ ଗୁଣକୁ କିପରି ବୃଦ୍ଧି କରାଯାଇପାରିବ ଇତ୍ୟାଦି କ୍ଷେତ୍ରରେ ବ୍ୟବହାର କରି ମାନବ ସଭ୍ୟତାର ମଙ୍ଗଳ ନିମନ୍ତେ ବ୍ୟବହାର କରାଯାଇପାରିବ।

*-ରସାୟନ ବିଜ୍ଞାନ ଅଧ୍ୟାପକ, ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୁନ୍ଦରଗଡ଼*
*ମୋ : ୯୯୩୮୭୮୩୦୫୧*

# ଫାଣ୍ଟୋମ ଭାଇବ୍ରେଶନ୍ ସିଣ୍ଡ୍ରୋମ



ଏବେ ହାଇଟେକ୍ ଯୁଗ। ଇଲେକଟ୍ରୋନିକ ଜିନିଷର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବର୍ତ୍ତମାନ ମୋବାଇଲ ବ୍ୟବହାର ଏକ ସାଧାରଣ କଥା ପାଲଟି ଗଲାଣି। କାରଣ ଯୋଗାଯୋଗ କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଅନେକ ମୋବାଇଲକୁ ସାର୍ଟ ପକେଟ୍‌ରେ ରଖିଥାଆନ୍ତି। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ ବୋଲି ଜର୍ଜିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହା ଦ୍ୱାରା ଯେଉଁ ରୋଗ ହୋଇଥାଏ ତାହାକୁ ସେମାନେ 'ଫାଣ୍ଟୋମ ଭାଇବ୍ରେଶନ ସିଣ୍ଡ୍ରୋମ' ନାମରେ ନାମିତ କରିଛନ୍ତି। ସାର୍ଟ ପକେଟ୍‌ରେ ମୋବାଇଲ୍ ରଖିଲେ ବେଳେବେଳେ ଭାଇବ୍ରେଟ୍ ହେବା ପରି ଲାଗିଥାଏ, ଯାହା ଏହି ରୋଗର ଅନ୍ୟତମ ଲକ୍ଷଣ। ତେଣୁ ଛାତି ପକେଟରେ ମୋବାଇଲ୍ ରଖିବା ଏକ ଖରାପ ଅଭ୍ୟାସ ବୋଲି ସେମାନେ ମତ ଦେଇଛନ୍ତି। ଏହାବ୍ୟତୀତ ମୋବାଇଲକୁ ସାର୍ଟ କିମ୍ବା ପ୍ୟାଣ୍ଟ ପକେଟ୍‌ରେ ରଖିବା ସମୟରେ ଭାଇବ୍ରେସନ ମୋଡ୍‌ରେ ନ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏହି ସମୟରେ ଏହାକୁ ସବୁବେଳେ ଜେନେରାଲ୍ ମୋଡ୍‌ରେ ରଖନ୍ତୁ।

# ଆଜ୍‌ମା ରୋଗୀ ଓ ଭିଟାମିନ୍ 'ସି'



ସାଧାରଣତଃ ଆଜ୍‌ମା ରୋଗୀ ନିଜର ଖାଦ୍ୟପେୟ ପ୍ରତି ସର୍ତ୍ତକତା ଅବଲମ୍ବନ କରବା ନିହାତି ଜରୁରୀ। ଏ ନେଇ ଡାକ୍ତରଙ୍କ ସହ ଭଲ ଭାବରେ ପରାମର୍ଶ କରିବା ଦରକାର। ଯଦି ଜଣେ ଆଜ୍‌ମା ରୋଗୀ ପ୍ରତିଦିନ କିଛି ସମୟ ବ୍ୟାୟାମ କରୁଛନ୍ତି ତେବେ ସେ ନିଜର ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବା ଆବଶ୍ୟକ ବୋଲି ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। 'ଆଜ୍‌ମା ରୋଗୀ ଓ ଭିଟାମିନ୍ 'ସି' ଶୀର୍ଷକ ବିଷୟକୁ ନେଇ ସେମାନେ କରିଥିବା ଏକ ଗବେଷଣାରୁ ଏକଥା ଜଣାପଡିଛି। ଏହାର ପରିସରଭୁକ୍ତ ଆଜ୍‌ମା ରୋଗୀଙ୍କୁ ନିୟମିତ କିଛି ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କିଛି ଦିନ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏପରି ଖାଦ୍ୟ ଖାଇବା ଦ୍ୱାରା ସେମାନେ ଆଜ୍‌ମା ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିବା ସହ ତାହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଆଣ୍ଟିବାୟୋଟିକ୍ : କିଛି କଥା

କେତେକ ରୋଗର ଚିକିତ୍ସା ସମୟରେ ଡାକ୍ତର ଔଷଧ ଲେଖିବା ସହ ତା' ସହ ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ହେଲେ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସାମାନ୍ୟ ରୋଗ ପାଇଁ ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପସନ୍ଦ କରିଥାଆନ୍ତି। ହେଲେ ଏହା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। କେତେକ କିଛି ଦିନ ଔଷଧ ଏବଂ ଆଣ୍ଟିବାୟୋଟିକ ଖାଇବା ପରେ ଏବଂ ରୋଗରୁ ଆରୋଗ୍ୟ ଲାଭ କରିବା ପରେ ଏହାକୁ ଖାଇବା ବନ୍ଦ କରିଦିଅନ୍ତି। ହେଲେ ଯେତେଦିନ ପର୍ଯ୍ୟନ୍ତ ଡାକ୍ତର ଏଗୁଡ଼ିକୁ ଖାଇବାକୁ ପରାମର୍ଶ ଦେଇଛନ୍ତି ସେ ପର୍ଯ୍ୟନ୍ତ ଖାଆନ୍ତୁ। ଖାସ୍ କଥା ହେଲା, ଡାକ୍ତରଙ୍କ ବିନା ପରାମର୍ଶରେ ଛୋଟପିଲାଙ୍କୁ ଆଣ୍ଟିବାୟୋଟିକ୍ ଖାଇବାକୁ ଦିଅନ୍ତୁ ନାହିଁ। କେତେକ ବ୍ୟକ୍ତିଙ୍କର ଶରୀର ଅନୁସାରେ ଆଣ୍ଟିବାୟୋଟିକ୍ ସୁଟ୍ କରିଥାଏ। ଏହାକୁ ଖାଇବା ସମୟରେ ଯଦି କିଛି ସମସ୍ୟା ଦେଖାଦେଲା ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରମର୍ଶ କରନ୍ତୁ। କେତେବେଳେ କେଉଁ ଔଷଧ ଖାଇବେ ସେ ନେଇ ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଏହାକୁ ନେଇ ମନରେ କୌଣସି ଦ୍ୱନ୍ଦ ଥିଲେ ତାହା ଡାକ୍ତରଙ୍କ ସହ ପରାମର୍ଶ କରି ଦୂର କରନ୍ତୁ। ଯଦି ଆପଣଙ୍କର ଆଲର୍ଜିଜନିତ ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ସେ ବିଷୟରେ ଡାକ୍ତରଙ୍କୁ ଜଣାନ୍ତୁ।





# ସ୍ୱାସ୍ଥ୍ୟ ସୂଚନା

➔ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତୁ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ।

➔ଅଧିକ ତେଲଯୁକ୍ତ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍ ନ ଖାଇବା ଭଲ।

➔ପ୍ରତିଦିନ କିଛି ସମୟ ଯୋଗ କିମ୍ବା ପ୍ରାଣାୟମ କରନ୍ତୁ।

➔ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରକୁ ଭିଟାମିନ୍ 'ଡି' ମିଳିଥାଏ।

➔ବୟସ ବଢ଼ିଲେ କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➔ନିଜକୁ ସବୁବେଳେ ଅବସାଦ, ଟେନସନଠାରୁ ଦୂରେଇ ରଖନ୍ତୁ।

➔ଅଯଥା କଥାକୁ ନେଇ ଉତ୍ତେଜିତ ହୁଅନ୍ତୁ ନାହିଁ। ଏହାଦ୍ୱାରା ବ୍ଲଡପ୍ରେସର ସମସ୍ୟାର ସମ୍ମୁଖୀନର ହେବାର ଯଥେଷ୍ଟ ଆଶଙ୍କା ରହିଛି।

➔ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍‌କୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ସକାଳେ ଏହି ଜୁସ୍ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➔ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ଅଛି ଏବଂ ଆପଣ ଚଷମା ପିନ୍ଧୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।

# ସ୍ମିଥ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ସିରିଜ ବିଜୟୀ



ଷ୍ଟିଭ୍ ସ୍ମିଥ୍

**ସିଡ୍‌ନୀ, ୨୯।୧୧**

ଷ୍ଟିଭେନ୍ ସ୍ମିଥ୍‌ଙ୍କ କ୍ରମାଗତ ଦ୍ୱିତୀୟ ଶତକ ସହାୟତାରେ ଅଷ୍ଟ୍ରେଲିଆ ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୫୧ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ୨-୦ରେ ଅଗ୍ରଣୀ ଲାଭ କରି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଘରୋଇ ଦଳ ଆଗୁଆ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୮୯ ରନର ବିଶାଳ ସ୍କୋର ଛିଡ଼ା କରିଥିବାବେଳେ ଭାରତ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୫୦ ଓଭରରେ ୯ ଉଇକେଟ ହରାଇ ୩୩୮ ରନ କରି ପାରିଥିଲା। ଅଷ୍ଟ୍ରେଲିଆ ମାଟିରେ ଦୁର୍ବଳ ବୋଲିଂ ଭାରତପାଇଁଚିନ୍ତାର କାରଣ ପାଲଟିଛି। ବିସ୍ଫୋରକ ଶତକୀୟ ଇନିଂସ ପାଇଁ ସ୍ମିଥ୍ ଲଗାତର ଦ୍ୱିତୀୟ ଥରପାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପୂର୍ବ ମ୍ୟାଚ ଭଳି ଏଠାରେ ମଧ୍ୟ ଓପନିଂ ଯୋଡ଼ିରେ ୧୪୨ ରନ ସ୍କୋର କରି ବଡ଼ ସ୍କୋର ପାଇଁ ପଥ ପରିଷ୍କାର କରିଥିଲା। ଭାରତୀୟ ବୋଲରଙ୍କୁ ଧୂଳେଇ କରି ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ଦଳ ଲାଗି ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୨୩ତମ ଓଭରରେଯାଇ ଭାରତକୁ ପ୍ରଥମ ଉଇକେଟ ମିଳିଥିଲା। ଫିଞ୍ଚ୍‌ଙ୍କୁ ଆଉଟ କରି ମହମ୍ମଦ ସାମି ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ବିଶେଷ କିଛି ଫାଇଦା ମିଳି ନ ଥିଲା। ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍‌ଅପ୍‌ର ୫ ଜଣ ଯାକ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଚମତ୍କାର ଖେଳିଥିଲେ। ଦ୍ରୁତ ଶତକ ହାସଲ କରି ସ୍ମିଥ୍ ଏହି ତାଲିକାର ଶୀର୍ଷରେ ରହିଥିଲେ। ମାତ୍ର ୬୪ଟି ବଲ୍ ଖେଳିଥିବା ସ୍ମିଥ୍ ୧୪ ଚୌକା ଓ ୨ ଛକା ସହାୟତାରେ ୧୦୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରନ୍‌ଆଉଟ ହୋଇଥିବା ୱାର୍ନର ୮୩(୭୭ ବଲ, ୭ ଚୌକା, ୩ ଛକା), ଫିଞ୍ଚ୍ ୬୦(୬ ଚୌକା, ୧ ଛକା) ଓ ଲାବୁସ୍କାନ ୭୦(୬୧ ବଲ, ୫ ଚୌକା) ରନ କରିଥିବାବେଳେ ଗ୍ଲେନ ମ୍ୟାକ୍ସୱେଲ ୨୯ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ମାରି ୬୩ ରନରେ ଅପରାଜିତ ରହିଥିଲେ। ଫଳରେ ଅଷ୍ଟ୍ରେଲିଆ ୫୦ ଓଭରରେ ୪ ଉଇକେଟ ହରାଇ ୩୮୯ ରନ କରିଥିଲା। ମହଙ୍ଗା ସାବ୍ୟସ୍ତ ହୋଇ ଦଳକୁ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ନିରାଶ କରିଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଏବଂ ପିଠିରେ ଯନ୍ତ୍ରଣା ଯୋଗୁ ଅନେକଦିନପରେ ବୋଲିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବଡ଼ ସ୍କୋର ଚେଜ୍ କରିବାର ଚାପ ସ୍ୱାଭାବିକଭାବେ ଭାରତ ଉପରେ ଆରମ୍ଭରୁ ରହିଥିଲା।

### କୋହଲି, ରାହୁଲଙ୍କ ଲଢ଼େଇ ସତ୍ତ୍ୱେ ଭାରତ ୫୧ ରନରେ ପରାସ୍ତ

ଓପନିଂ ଯୋଡ଼ିରେ ୫୮ ରନ ସଂଗ୍ରହ ପରେ ୨ ରନ ବ୍ୟବଧାନରେ ଦୁଇ ସେଟ୍ ଓପନର ଶିଖର ଧାୱନ(୩୦ ରନ, ୨୩ ବଲ, ୫ ଚୌକା) ଓ ମୟଙ୍କ ଅଗ୍ରୱାଲ (୨୮ ରନ, ୨୬ ବଲ, ୪ ଚୌକା) ଆଉଟ ହେବାରୁ ଚାପ ଅଧିକ ବଢ଼ି ଯାଇଥିଲା। ମିଡିଲ ଅର୍ଡରରେ ଅଧିନାୟକ ବିରାଟ କୋହଲି ୮୯ (୮୭ ବଲ, ୭ ଚୌକା, ୨ ଛକା), ଶ୍ରେୟାସ ଆୟାର ୩୮(୩୬ ବଲ, ୫ ଚୌକା) ଓ ଲୋକେଶ ରାହୁଲ ୭୬(୬୬ ବଲ, ୪ ଚୌକା, ୫ ଛକା) ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୩୧ ବଲ୍‌ରୁ ୨୮ ଓ ରବୀନ୍ଦ୍ର ଜାଡେଜା ୧୧ ବଲ୍‌ରୁ ୨୪ ରନ କରିଥିଲେ। ଭାରତ ଶେଷ ୭ ରନ ମଧ୍ୟରେ ୪ଟି ଉଇକେଟ ହରାଇଥିଲା। ଫଳରେ ୫୦ ଓଭର ବେଳକୁ ସ୍କୋର ୩୩୮/୯ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ସର୍ବାଧିକ ୩ଟି, ଜୋଶ୍ ହାଜେଲଉଡ୍ ଓ ଆଡାମ ଜାମ୍ପା ୨ଟି ଲେଖାଏ ଏବଂ ମୋଇସେସ ହେନରିକ୍ସ ଓ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ହସ୍ପିଟାଲ ଗଲେ ଆହତ ୱାର୍ନର

ଅଷ୍ଟ୍ରେଲିଆ ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ ଖେଳିବା ଅବସରରେ ଗ୍ରୋନ୍ ଇଞ୍ଜୁରିର ଶିକାର ହୋଇଛନ୍ତି। ଫଳରେ ସେ ସୀମିତ ଓଭର ସିରିଜର ବାକି ମ୍ୟାଚ୍‌ଗୁଡିକରୁ ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଫିଲ୍ଡିଂ ଅବସରରେ ବଲ୍‌କୁ ଅଟକାଇବାକୁ ଯାଇ ସେ ଆହତ ହୋଇଥିଲେ। ତାଙ୍କୁ ସ୍କାନ ପାଇଁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଛି।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ୱାର୍ନର-ରନଆଉଟ-୮୩
ଫିଞ୍ଚ୍-କ-କୋହଲି-ବୋ-ଶାମି-୬୦
ସ୍ମିଥ-କ-ଶାମି-ବୋ-ହାର୍ଦ୍ଦିକ-୧୦୪
ଲାବୁସ୍କାନ-କ-ଅଗ୍ରୱାଲ-ବୋ-ବୁମ୍‌ରା-୭୦
ମ୍ୟାକ୍ସୱେଲ-ନଟଆଉଟ-୬୩
ହେନରିକ୍ସ-ନଟଆଉଟ-୨
ଅତିରିକ୍ତ-୭
ମୋଟ(୪ ଉଇକେଟ, ୫୦ ଓଭର) ୩୮୯
ଉଇକେଟ ପତନ: ୧/୧୪୨, ୨/୧୫୬, ୩/୨୯୨, ୪/୩୭୨।
ବୋଲିଂ(ଭାରତ)
ଶାମି ୯-୦-୭୩-୧
ବୁମ୍‌ରା ୧୦-୧-୭୯-୧
ସଇନୀ ୭-୦-୭୦-୦
ଚହଲ ୯-୦-୭୧-୦
ଜାଡେଜା ୧୦-୦-୬୦-୦
ଅଗ୍ରୱାଲ ୧-୦-୧୦-୦
ହାର୍ଦ୍ଦିକ ୪-୦-୨୪-୧

**ଭାରତ ଇନିଂସ**

ଅଗ୍ରୱାଲ-କ-କାରେ-ବୋ-କୁମିନ୍ସ-୨୮
ଧାୱନ-କ-ଷ୍ଟାର୍କ-ବୋ-ହାଜେଲଉଡ୍-୩୦
କୋହଲି-କ-ହେନରିକ୍ସ-ବୋ-ହାଜେଲଉଡ-୮୯
ଆୟାର-କ-ସ୍ମିଥ-ବୋ-ହେନରିକ୍ସ-୩୮
ରାହୁଲ-କ-ହାଜେଲଉଡ-ବୋ-ଜାମ୍ପା-୭୬
ହାର୍ଦ୍ଦିକ-କ-ସ୍ମିଥ-ବୋ-କୁମିନ୍ସ-୨୮
ଜାଡେଜା-କ-ମ୍ୟାକ୍ସୱେଲ୍ସ-ବୋ-କୁମିନ୍ସ-୨୪
ସଇନୀ-ନଟଆଉଟ-୧୦
ଶାମି-କ ଆଣ୍ଡ ବୋ-ମ୍ୟାକ୍ସୱେଲ-୧
ବୁମ୍‌ରା-ଏଲବିଡବ୍ଲ୍ୟୁ-ଜାମ୍ପା-୦
ଚହଲ-ନଟଆଉଟ-୪
ଅତିରିକ୍ତ-୧୦
ମୋଟ(୯ ଉଇକେଟ, ୫୦ ଓଭର) ୩୩୮
ଉଇକେଟ ପତନ: ୧/୫୮, ୨/୬୦, ୩/୧୫୩, ୪/୨୨୫, ୫/୨୮୮, ୬/୩୨୧, ୭/୩୨୧, ୮/୩୨୬, ୯/୩୨୮।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୯-୦-୮୨-୦
ହାଜେଲଉଡ ୯-୦-୫୯-୨
କୁମିନ୍ସ ୧୦-୦-୬୭-୩
ଜାମ୍ପା ୧୦-୦-୬୨-୨
ହେନରିକ୍ସ ୭-୦-୩୪-୧
ମ୍ୟାକ୍ସୱେଲ ୫-୦-୩୪-୧।
**ମ୍ୟାନ ଅଫ ଦି ମ୍ୟାଚ: ଷ୍ଟିଭେନ ସ୍ମିଥ**

# ବାହାରିନ୍ ଗ୍ରାଁପ୍ରି: ଅଳ୍ପକେ ବର୍ତ୍ତିଲେ ଗ୍ରୋସ୍‌ଜେଁ

**ସାଖିର (ବାହାରିନ୍), ୨୯।୧୧ (ଏପି)**



ରୋମେନ ଗ୍ରସ୍‌ଜେଁଙ୍କ ଗାଡ଼ିରେ ନିଆଁ ଲାଗିଯାଇଛି।

ରବିବାର ଅନୁଷ୍ଠିତ ବାହାରିନ୍ ଫର୍ମୁଲା ୱାନ ଗ୍ରାଁପ୍ରି ମୋଟରରେସିଂ ଆରମ୍ଭରେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ହାସ୍ ଟିମ୍‌ର ରୋମେନ ଗ୍ରସ୍‌ଜେଁ। ପ୍ରଥମ ଲ୍ୟାପ୍‌ରେ ୩୪ ବର୍ଷୀୟ ଫ୍ରେଞ୍ଚ୍ ଡ୍ରାଇଭରଙ୍କ ହାତମୁଠା ଖସିଯାଇଥିଲା। ତାଙ୍କ କାର୍‌ଟି ଡାହାଣପଟକୁ ଚାଲିଯାଇଥିଲା। ସେଠାରେ ଆଲ୍‌ଫା ଟାଉରିର ଡାନିଲ୍ କ୍ୟାଟ୍‌ଙ୍କ ସମ୍ମୁଖ ଭାଗ ଗ୍ରୋସ୍‌ଜେଁଙ୍କ ପଛ ଚକାରେ ଲାଗିଯିବାରୁ କାରଟି କ୍ଷୀପ୍ର ଗତିରେ ଉପରୁ ଉଠି ବ୍ୟାରିୟରରେ ଜୋର୍‌ରେ ପିଟି ହୋଇଯାଇଥିଲା। କାର୍‌ରେ ନିଆଁ ଲାଗିଯିବା ସହ ଭାଙ୍ଗିରୁଜି ଯାଇଥିଲା। ଗ୍ରୋସ୍‌ଜେଁ କୌଣସିମତେ କାର୍‌ରୁ ବାହାରି ବ୍ୟାରିୟର ଉପରକୁ ଚଢ଼ିଯାଇଥିଲେ। ନିଆଁର ପ୍ରଭାବରେ ତାଙ୍କ ରେସ୍ ହେଲମେଟର ଉପରି ଭାଗ ସାମାନ୍ୟ ପୋଡ଼ିଯାଇଥିଲା। ଅଗ୍ନି ନିର୍ବାପକ ଯନ୍ତ୍ର ସହାୟତାରେ ନିଆଁକୁ ଲିଭାଇ ଦିଆଯାଇଥିଲା। ଗ୍ରୋସ୍‌ଜେଁ କେତେଦୂର ଆଘାତପ୍ରାପ୍ତ ହୋଇଛନ୍ତି ତାହା ତୁରନ୍ତ ଜଣାପଡ଼ିନାହିଁ। ଆଶୁ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲ ସେଣ୍ଟରକୁ ନିଆଯାଇଥିଲା। ପରେ ସେଠାରୁ ହେଲିକପ୍ଟର ଯୋଗେ ତାଙ୍କୁ ବାହାରିନ ଡିଫେନ୍ସ ଫୋର୍ସ (ବିଡିଏଫ୍) ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କିଛି ସମୟ ସ୍ଥଗିତ ରହିବାପରେ ରେସ୍ ପୁଣି ଆରମ୍ଭ ହୋଇଥିଲା। ରେସ୍‌ରେ ମର୍ସିଡିଜର ଲୁଇସ୍ ହାମିଲଟନ ଟାଇଟଲ ବିଜୟୀ ହୋଇଛନ୍ତି।

# ୱାଲେନ୍, ୟେହୁଲାଙ୍କୁ ଟାଇଟଲ

### ଦିଲ୍ଲୀ ହାଫ୍ ମାରାଥନ

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.):** କୋଭିଡ୍ ଯୋଗୁ ଜୈବସୁରକ୍ଷିତ ପରିବେଶ ମଧ୍ୟରେ ରବିବାର ଏୟାରଟେଲ ଦିଲ୍ଲୀ ହାଫ୍ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଥିଓପିଆର ଆମେଡୱର୍କ ୱାଲେନ୍ ଏବଂ ୟାଲେମ୍‌ଜର୍ଫ ୟେହୁଲା ଯଥାକ୍ରମେ ପୁରୁଷ ଓ ମହିଳା ଟାଇଟଲ ଜିତିଛନ୍ତି। ଏହି ୱାର୍ଲ୍ଡ ଆଥଲେଟିକ୍ସ ଗୋଲ୍ଡ ଲେଭଲ ରୋଡ୍ ରେସ୍ ଅଭୂତପୂର୍ବ ଥିଲା। ଏହି ଦୁଇ ଏଲିଟ ରେସ୍ ବିଜେତା ଇଭେଣ୍ଟ ରେକର୍ଡ କରିଛନ୍ତି। ୱାଲେନ (୫୮.୫୩ ସେକେଣ୍ଡ) ଏବଂ ୟେହୁଲା ପ୍ରଥମ ପୁରସ୍କାର ବାବଦରେ ୨୭,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିଥିବାବେଳେ ଇଭେଣ୍ଟ ରେକର୍ଡ ବୋନସ ବାବଦରେ ଅତିରିକ୍ତ ୧୦,୦୦୦ ଆମେରିକୀୟ ଡଲାର ପାଇଛନ୍ତି। ମହିଳା ହାଫ୍ ମାରାଥନରେ ୟେହୁଲା ଦ୍ୱିତୀୟ ଦ୍ରୁତତମ ବିବେଚିତ ହୋଇଛନ୍ତି। ତାଙ୍କର ଟାଇମିଂ ୧:୦୪:୪୬ ରହିଥିଲା। ବିଶ୍ୱରେକର୍ଡ ଟାଇମ୍ (୧:୦୪:୩୧)ଠାରୁ ଏକ ସେକେଣ୍ଡ ଚତୁର୍ଥାଂଶ ପଛରେ ରହିଯାଇଥିଲେ। ବିଶ୍ୱରେକର୍ଡଧାରିଣୀ ଇଥିଓପିଆର ଆବାବେଲ୍ ୟେଶାନେ ମଧ୍ୟ ରବିବାର ରେସ୍‌ରେ ଭାଗ ନେଇଥିଲେ। ସେ କିନ୍ତୁ ତୃତୀୟ ହୋଇଥିଲେ। ଭାରତରୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅବିନାଶ ସାବ୍‌ଲେ ୧:୦୦:୩୦ ଟାଇମିଂରେ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ମହାରାଷ୍ଟ୍ରର ୨୬ ବର୍ଷୀୟ ସାବ୍‌ଲେ ଓଭରାଲ ୧୦ମ ହୋଇଥିଲେ। ପ୍ରଥମ ପୁରସ୍କାର ବାବଦରେ ତାଙ୍କୁ ୩.୫ ଲକ୍ଷ ଟଙ୍କା ଦିଆଯାଇଥିଲା। ଭାରତୀୟଙ୍କ ମଧ୍ୟରେ ସେ ଇଭେଣ୍ଟ ରେକର୍ଡ ପ୍ରତିଷ୍ଠା କରିଥିବାରୁ ତାଙ୍କୁ ଅତିରିକ୍ତ ୧ଲକ୍ଷ ଟଙ୍କା ମିଳିଥିଲା। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଆଲ ରେକର୍ଡ ଅନୁସାରେ ଏହା ପୂର୍ବରୁ ଜାତୀୟ ହାଫ୍ ମାରାଥନ ରେକର୍ଡ ମହାରାଷ୍ଟ୍ରର କାଳିଦାସ ହିରଭେ (୧:୦୩:୪୬)ଙ୍କ ନାମରେ ରହିଥିଲା।



ଦିଲ୍ଲୀ ହାଫ୍ ମାରାଥନ ଅବସରରେ ପ୍ରତିଯୋଗୀମାନେ।




# ଡିସେମ୍ବର ୨୦ରୁ ମୁସ୍ତାକ ଅଲି, ଜାନୁୟାରୀ ୧୧ରୁ ରଣଜୀ ଟ୍ରଫି

**ମୁମ୍ବାଇ,୨୯।୧୧(ପି.ଟି.)**

କୋଭିଡ୍-୧୯ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ବିସିସିଆଇ ଘରୋଇ ସେସନ ଆରମ୍ଭ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଡିସେମ୍ବର ଓ ମାର୍ଚ୍ଚ ମଧ୍ୟରେ ସାରା ଦେଶରେ ୬ଟି ଜୈବ ସୁରକ୍ଷିତ ହବ୍ ବା ସ୍ଥାନ ତଥା ବାୟୋ ବବଲ ସୃଷ୍ଟି କରାଯିବା ଉପରେ ବିସିସିଆଇ ଯୋଜନା କରୁଛି। ତେବେ ଏଥିପାଇଁ ବୋର୍ଡ ରାଜ୍ୟ ଆସୋସିଏଶନଗୁଡିକର ମତାମତ ଲୋଡି ଚିଠି ଲେଖିଛି।

ଆସୋସିଏଶନଗୁଡ଼ିକୁ ୪ଟି ବିକଳ୍ପ ଦିଆଯାଇଛି। ପ୍ରଥମ ବିକଳ୍ପ ହେଉଛି କେବଳ ରଣଜୀ ଟ୍ରଫି ଆୟୋଜନ। ଦ୍ୱିତୀୟ ବିକଳ୍ପ ହେଉଛି କେବଳ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଆୟୋଜନ। ତୃତୀୟ ବିକଳ୍ପ ହେଉଛି ମିଳିତ ଭାବେ ରଣଜୀ ଟ୍ରଫି ଓ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଆୟୋଜନ। ଚତୁର୍ଥ ବିକଳ୍ପ ହେଉଛି ଦୁଇ ସୀମିତ ଓଭର ଟୁର୍ନାମେଣ୍ଟ (ମୁସ୍ତାକ ଅଲି ଓ ବିଜୟ ହଜାରେ ଟ୍ରଫି) ପାଇଁ ୱିଣ୍ଡୋ ପ୍ରସ୍ତୁତ କରିବା।

ଏହି ଚିଠିରେ ବିସିସିଆଇ ଟୁର୍ନାମେଣ୍ଟଗୁଡିକର ସମ୍ଭାବ୍ୟ ସମୟ ଉପରେ ଉପରେ ଉଲ୍ଲେଖ କରିଛି। ରଜଣୀ ଟ୍ରଫି ପାଇଁ ୬୭ ଦିନ (୧୧ ଜାନୁୟାରୀରୁ ୧୮ ମାର୍ଚ୍ଚ) ପ୍ରସ୍ତାବ ଦିଆଯାଇଛି। ମୁସ୍ତାକ ଅଲି ଟୁର୍ନାମେଣ୍ଟ ପାଇଁ ୨୨ ଦିନ (ଡିସେମ୍ବର ୨୦ରୁ ଜାନୁୟାରୀ ୧୦) ଆବଶ୍ୟକ ହେବ ବୋଲି କୁହାଯାଇଛି। ସେହିପରି ଯଦି ବିଜୟ ହଜାରେ ଟ୍ରଫି ଖେଳାଯାଏ ତେବେ ଏହା ଜାନୁୟାରୀ ୧୧ରୁ ଫେବୃୟାରୀ ୭ (୨୮ ଦିନ) ମଧ୍ୟରେ ଆୟୋଜନ ହେବ। ମହାମାରୀ ସମୟରେ ନୂଆ ଘରୋଇ ସେସନ ଆୟୋଜନ ନିଶ୍ଚିତ ଭାବେ ଏକ ବଡ଼ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଘରୋଇ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ୩୮ଟି ଦଳ ପାଇଁ ବିସିସିଆଇ ଦେଶରେ ୬ଟି ଜୈବ ସୁରକ୍ଷିତ ହବ୍ ସ୍ଥାପନ କରିବ। ୩୮ଟି ଦଳକୁ ୫ଟି ଏଲିଟ୍ ଗ୍ରୁପ୍‌ରେ ଓ ଗୋଟିଏ ପ୍ଲେଟ୍ ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗୋଟିଏ ଏଲିଟ୍ ଗ୍ରୁପ୍‌ରେ ୬ଟି ଦଳ ଓ ପ୍ଲେଟ୍ ଗ୍ରୁପ୍‌ରେ ୮ଟି ଦଳ ସାମିଲ ରହିବେ ବୋଲି ଉଲ୍ଲେଖ କରାଯାଇଛି। ପ୍ରତ୍ୟେକ ଜୈବ ସୁରକ୍ଷିତ ହବ୍‌ରେ ଅତିକମ୍‌ରେ ୩ଟି ଭେନ୍ୟୁ ସାମିଲ ରହିବ ଓ ମ୍ୟାଚ୍‌ଗୁଡିକ ଡିଜିଟାଲ ମିଡିଆରେ ପ୍ରସାରିତ ହେବ। ଉଲ୍ଲେଖଥାଉ କି, ବୋର୍ଡ ଜୈବ ସୁରକ୍ଷିତ ପରିବେଶରେ କିଛିଦିନ ତଳେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସଫଳତାର ସହ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ଆୟୋଜନ କରିଥିଲା। ସାଧାରଣତଃ ଅଗଷ୍ଟରେ ଆରମ୍ଭ ହେଉଥିବା ଘରୋଇ ସିଜନ ଆଗକୁ ଦିନେ ଆରମ୍ଭ ହେବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଥିଲେ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ